ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୫୦
୧୬ ଜାନୁଆରୀ, ୨୦୨୬ ଶୁକ୍ରବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 250
16th January, 2026 Friday
Kendrapara

Website : www.odishaexpress.in    E-mail : odishaexpress@gmail.com    RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଆପଦର୍ଥେ ଧନଂ ରକ୍ଷେଦ୍ଦାରାନ୍ ରକ୍ଷେଦ୍ଧନୈରପି**
**ଆତ୍ମାନଂ ସତତଂ ରକ୍ଷେଦ୍ଦାରୈରପି ଧନୈରପି ।**

ବିପଦ ଆପଦ ପାଇଁ ଧନ ସଞ୍ଚୟ କରିବା ସଂଗେ ସଂଗେ ସେହି ଧନ ବିନିମୟରେ ପତ୍ନୀକୁ ପାଳନ କରିବା ଉଚିତ । କିନ୍ତୁ ଆବଶ୍ୟକ ପଡ଼ିଲେ ପତ୍ନୀ ଓ ଧନ ବିନିମୟରେ ନିଜକୁ ସର୍ବତୋଭାବେ ରକ୍ଷା କରିବା ଉଚିତ । ତେଣୁ ଯଥାକ୍ରମେ ଧନ, ଦାରା ଓ ଆତ୍ମରକ୍ଷା ପ୍ରତି ଗୁରୁତ୍ୱ ଦେବା ବାଞ୍ଛନୀୟ

# ବିଜେଡିରୁ ସନାତନ-ଅରବିନ୍ଦ ନିଲମ୍ବିତ

**ଭୁବନେଶ୍ୱର,୧୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେଡିରୁ ବିଦାହେଲେ ଦୁଇ ବିଧାୟକ। ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନ କଲେ ସଭାପତି ନବୀନ ପଟ୍ଟନାୟକ। ବିଜେଡି ସୁପ୍ରିମୋଙ୍କ ପୁରୁଣା ଷ୍ଟାଇଲରେ ନୂଆ ଅପରେସନ। ଦୁଇ ବିଧାୟକଙ୍କ ବିରୋଧରେ ନବୀନଙ୍କ ଏଭଳି ଆକସ୍ମିକ ନିଷ୍ପତ୍ତି ରାଜ୍ୟ ରାଜନୀତିରେ ଆଣିଛି ହଲଚଲ୍।

୨୦୨୪ରେ ନବୀନଙ୍କ ବିଜୟ ରଥରେ ବ୍ରେକ୍ ଲାଗିବା ପରେ ବିଜେଡିରେ ଲାଗି ରହିଛି ବିଶୃଙ୍ଖଳା। ଦଳୀୟ ଫୋରମ ବାହାରେ ଭିନ୍ନ ମତ ରଖିବା ସହ ନେତାମାନେ ତୁଣ୍ଡକୁ ଯାହା ଆସିଲା କହୁଥିଲେ। ଗଣମାଧ୍ୟମରେ ବୟାନବାଜି ଚଳାଇଥିଲେ। ତେବେ ହଠାତ୍ ସନା ଓ ଅରବିନ୍ଦଙ୍କ ଉପରେ ନବୀନଙ୍କ ଖଣ୍ଡାଚୋଟ ପଛର କାରଣ କ'ଣ ତାହା ବିଜେଡି ପକ୍ଷରୁ ସ୍ପଷ୍ଟ କରାଯାଇନି। କେବଳ ଦଳବିରୋଧୀ କାର୍ଯ୍ୟ ବୋଲି ନବୀନଙ୍କ ଦସ୍ତଖତ ଥାଇ ବିଜେଡି ପକ୍ଷରୁ ପ୍ରେସ ଇସ୍ତାହାରରେ କୁହାଯାଇଛି।

ଗତକଲି ସନାତନ କେନ୍ଦୁଝରର ଏକ ସଭାରେ କହିଥିଲେ ଯେ, ନବୀନ କେନ୍ଦୁଝର ପାଇଁ କିଛି କରି ନାହାନ୍ତି। କେନ୍ଦୁଝରର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ପାଇଁ ବିକାଶ କରିବେ। ଯାହାକୁ ନେଇ ସନାଙ୍କୁ ଦଳରୁ ନିଲମ୍ବନ କରିଛନ୍ତି ନବୀନ।

କିନ୍ତୁ ଅରବିନ୍ଦଙ୍କୁ ନିଲମ୍ବନ କରିବା ପଛରେ କୌଣସି ପ୍ରମୁଖ କାରଣ ସାମ୍ନାକୁ ଆସିନାହିଁ। କିନ୍ତୁ ବିଜେଡି ଭିତିରି ମହଲରୁ ମିଳିଥିବା ଖବର ଅନୁସାରେ ଅରବିନ୍ଦଙ୍କ ନିଲମ୍ବନ ପଛରେ ଅଧା ଡଜନରୁ ଅଧିକ କାରଣ ରହିଛି। ସେଥିରୁ ପ୍ରମୁଖ



### କାହିଁକି ନିଲମ୍ବିତ ହେଲି ଜାଣିନି : ଅରବିନ୍ଦ

କାରଣ ଅନୁସାରେ, କିଛିଦିନ ତଳେ ନିଜ ନିର୍ବାଚନ ମଣ୍ଡଳୀରେ ଏକ ବୈଠକ କରିଥିଲେ ଅରବିନ୍ଦ। ଯେଉଁଥିରେ ଦଳ ମୁଖିଆଙ୍କ ନାମ ଓ ଫଟୋ ନଥିଲା। ବିଧାନସଭା ଭିତରେ ନିଜ ଦଳର ବିଧାୟକଙ୍କ ବିରୋଧରେ ପ୍ରଶ୍ନ କରିଥିଲେ ଅରବିନ୍ଦ। ସେ ଆସନ୍ତା କିଛିଦିନ ଭିତରେ ଏକ ଗୁପ୍ତ ବୈଠକ ପାଇଁ ଦିଲ୍ଲୀ ଯିବା ପାଇଁ ଯୋଜନା କରୁଥିଲେ। ଶେଷ ଓ ଗୁରୁତ୍ୱପୂର୍ଣ୍ଣ କାରଣ ଅନୁସାରେ ଅରବିନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ବିଳମ୍ବିତ ରାତିରେ ଭେଟିଥିବା ନେଇ ଚର୍ଚ୍ଚା ହୋଇଥିଲା।

ବିଜେଡ଼ିରୁ ବିଧାୟକ ନିଲମ୍ବନ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଅରବିନ୍ଦ। କାହିଁକି ନିଲମ୍ବନ ହୋଇଛନ୍ତି ଜାଣି ନଥିବା କହି, ଘଟଣା ବିଷୟରେ ଗଣମାଧ୍ୟମରୁ ଜାଣିଥିବା କହିଲେ ଅରବିନ୍ଦ। ସେ କହିଛନ୍ତି, ମୋତେ କାହିଁକି ନିଲମ୍ବନ କରାଗଲା ମୁଁ ଜାଣିନି। ଦଳ ତରଫରୁ ଏପର୍ଯ୍ୟନ୍ତ ମୋତେ କିଛି ସୂଚନା ଦିଆ ଯାଇନାହିଁ। ନିଲମ୍ବନ ବିଷୟରେ ସାମାଜିକ ଗଣମାଧ୍ୟମରୁ ଜାଣିଲି। ଦଳକୁ ଅସୁବିଧାରେ ପକାଇଲା ଭଳି କୌଣସି କାର୍ଯ୍ୟ କରିନାହିଁ। ମୁଁ ମୋ ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ପାଇଁ କାମ କରୁଥିଲି। ମେଳି ବାବଦରେ ଉତ୍ତର ରଖି କହିଛନ୍ତି ଯେ, ମୁଁ କୌଣସି ମେଳିକୁ କିମ୍ବା ଭୋଜିକୁ ଯାଇନାହିଁ। ନିଲମ୍ବନର କାରଣ ବାପା ବିଜୟ ମହାପାତ୍ର କି ପ୍ରଶ୍ନର ଉତ୍ତର ରଖି କହିଛନ୍ତି, ମୋ ବାପା ସ୍ୱତନ୍ତ୍ର ଓ ବରିଷ୍ଠ ନେତା। ସେ କଣ କରିବେ ତାଙ୍କ କଥା। ତାଙ୍କୁ ବିବାଦ ଭିତରକୁ ଟାଣିବାକୁ **(ଶେଷ ପୃଷ୍ଠା ଦେଖନ୍ତୁ)**

# ନିଶାଙ୍କୁ ଖୋଜୁଛି ପୋଲିସ

**ବଲାଙ୍ଗୀର,୧୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୧୨ ତାରିଖରେ ବଲାଙ୍ଗୀର ଚନ୍ଦନଭାଟିରେ ଅଶ୍ଳୀଳ ନୃତ୍ୟ ଅଭିଯୋଗରେ ପୋଲିସ ମାମଲା



ରୁଜୁ କରିଛି। ଯାତ୍ରା ଆରମ୍ଭ ହେବାର କିଛି ସମୟ ପରେ ଅଶ୍ଳୀଳ ନୃତ୍ୟ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଯାହା ଏବେ ଯାତ୍ରା ଆୟୋଜକଙ୍କୁ ମହଙ୍ଗା ପଡିଛି। ଏହି ଆଇଟମ ଡ୍ୟାନ୍ସକୁ ନେଇ ନିଶା ମହାରଣାଙ୍କ ନାଁରେ ସଦର ପୋଲିସ ପକ୍ଷରୁ ବଲାଙ୍ଗୀର ସଦର ଥାନାରେ ମାମଲା ରୁଜୁ କରାଯାଇଛି। ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟି ଗାଁରେ ଗତ ୧୨ତାରିଖ ରବିବାର ପଡ଼ିଥିବା ଯାତ୍ରାରେ ନିଶା ଅଶ୍ଳୀଳ ନୃତ୍ୟ କରିଥିଲେ। ଯାତ୍ରା ଦେଖିଥିବା ବିଭିନ୍ନ ଲୋକଙ୍କ ଠାରୁ ଅଭିଯୋଗ ପାଇଲା **(ଶେଷ ପୃଷ୍ଠା ଦେଖନ୍ତୁ)**

# ବିଷାକ୍ତ ବାୟୁ ଯୋଗୁ ପ୍ରତିଦିନ ଯାଉଛି ୨୫ ଜୀବନ !

**ନୂଆଦିଲ୍ଲୀ,୧୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀର ବାୟୁ ଏବେ ଜୀବନ ନେବା ଆରମ୍ଭ କଲାଣି। ଦିଲ୍ଲୀ ସରକାରଙ୍କ ଦ୍ୱାରା ଜାରି ରିପୋର୍ଟ ଅନୁସାରେ ୨୦୨୪ରେ ଶ୍ୱାସ ରୋଗ ଯୋଗୁଁ ହୋଇଥିବା ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ଏହା ସହ ହୃଦ୍‌ରୋଗ ମୃତ୍ୟୁର ଏକ ବଡ କାରଣ ସାଜିଛି। ଯଦି ସରକାରଙ୍କ ଦ୍ୱାରା ଜାରି ରିପୋର୍ଟ ଦେଖାଯାଏ ତେବେ ୨୦୨୪ରେ ଦିଲ୍ଲୀରେ ପ୍ରତିଦିନ କେବଳ ଶ୍ୱାସ ରୋଗ ଯୋଗୁଁ ୨୫ ଜଣ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁସାରେ ୨୦୨୪ରେ ଶ୍ୱାସ ରୋଗ ଯୋଗୁଁ ୯,୨୧୧ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୩ରେ ଏହି ସଂଖ୍ୟା ୮୮୦୧ ଥିଲା। ଅର୍ଥାତ୍ ପ୍ରତି ବର୍ଷ ଶ୍ୱାସ ରୋଗ ଯୋଗୁଁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ବିଶେଷଜ୍ଞଙ୍କ ଅନୁସାରେ ଆଜ୍‌ମା, ନିମୋନିଆ, ଫୁସଫୁସ କର୍କଟ ଓ ଯକ୍ଷ୍ମା ଭଳି ରୋଗ ଏହାର ପ୍ରମୁଖ କାରଣ। ପ୍ରଦୂଷଣ, ବିଷାକ୍ତ ବାୟୁ, ଧୂଳି, ଧୂଆଁ ଓ ଖରାପ ଜୀବନ ଶୈଳୀ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଏହି ରୋଗ କେବଳ ବୟସ୍କ ନୁହେଁ, ବରଂ ଯୁବପିଢି ଏବଂ କିଶୋରକିଶୋରୀଙ୍କୁ ମଧ୍ୟ ପ୍ରଭାବିତ କରୁଛି। ସଂକ୍ରମଣ ଓ ପରଜୀବୀ ରୋଗ ୨୦୨୪ରେ ମୃତ୍ୟୁର ବଡ କାରଣ ଥିଲା। ଏହି ଶ୍ରେଣୀରେ ୧୬,୦୬୦ ମୃତ୍ୟୁ ହୋଇଛି। ତେବେ ଏହି ସଂଖ୍ୟା ୨୦୨୩ର ୨୦,୭୮୧ ତୁଳନାରେ କମ୍; କିନ୍ତୁ ବିଶେଷଜ୍ଞଙ୍କ ଅନୁସାରେ ଦୂଷିତ ପାଣି, ଖରାପ ସ୍ୱଚ୍ଛତା ଓ ଜନସଂଖ୍ୟା ବିପଦ ଏ ପର୍ଯ୍ୟନ୍ତ ଟଳିନି। ସମୁଦାୟ ମୃତ୍ୟୁ ସଂଖ୍ୟା ଯଦି ଦେଖିବା ତେବେ ୨୦୨୪ରେ ଦିଲ୍ଲୀରେ ୧,୩୯,୪୮୦ ମୃତ୍ୟୁ ହୋଇଥିଲା। ୨୦୨୩ରେ ଏହି ସଂଖ୍ୟା ୧,୩୨,୩୯୧ ଥିଲା। ଏଥିରେ ୮୫,୩୯୧ ପୁରୁଷ, ୫୪,୦୫୧ ମହିଳା ଏବଂ ୩୮ ଅନ୍ୟ ବର୍ଗର ସାମିଲ। ଏଥିରୁ ୯୦,୮୮୩ ମୃତ୍ୟୁର ମେଡିକାଲ ରୂପେ କୌଣସି ପ୍ରମାଣ ନାହିଁ।

# ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ: ସ୍କୁଲ କଲେଜ ବନ୍ଦ

**ସୁନ୍ଦରଗଡ଼:** ସୁନ୍ଦରଗଡ଼ ସହରରେ ଗୁରୁବାର ଘଟିଥିବା ଗୋଷ୍ଠୀ ସଂଘର୍ଷ ପରେ ସ୍ଥିତି ଗମ୍ଭୀର ରହିଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଜାନୁଆରୀ ୧୬ ଅର୍ଥାତ୍ ଶୁକ୍ରବାର ସୁନ୍ଦରଗଡ଼ ମୁନିସିପାଲିଟି ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଓ କଲେଜଗୁଡ଼ିକୁ ବନ୍ଦ ରଖିବାକୁ



ନିର୍ଦ୍ଦେଶ ଦେଇଛନ୍ତି। ସୁନ୍ଦରଗଡ଼ ଜିଲାପାଳ ଶୁଭଙ୍କର ମହାପାତ୍ର ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ରିଜେଣ୍ଟ ମାର୍କେଟ ଅଞ୍ଚଳରେ ଏକ ସାମାନ୍ୟ କଳିରୁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ଏହି ସଂଘର୍ଷରେ ପଥର ମାଡ଼ ସହ ଖଣ୍ଡାରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି।

ଏହି ହିଂସାରେ ୪ ଜଣ ପୋଲିସ କର୍ମଚାରୀଙ୍କ ସମେତ ଅତିକମରେ ୧୨ ଜଣ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ ଏକ କାର୍, ସ୍କୁଟି ଏବଂ ପିକଅପ୍ ଭ୍ୟାନକୁ ପୋଡ଼ି ଦେଇଥିବା ଜଣାପଡ଼ିଛି।

ଗୁଜବକୁ ରୋକିବା ପାଇଁ ଗୁରୁବାର **(ଶେଷ ପୃଷ୍ଠା ଦେଖନ୍ତୁ)**

# ଭୋଟର ତାଲିକାରୁ ମନ୍ତ୍ରୀଙ୍କ ନାଁ ଗାଏବ !

**ମୁମ୍ବାଇ,୧୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନଭି ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ ନିର୍ବାଚନ ସମୟରେ ଘଟିଛି ଏକ ଆଶ୍ଚର୍ଯ୍ୟଜନକ ଘଟଣା। ବରିଷ୍ଠ ବିଜେପି ନେତା ଏବଂ କ୍ୟାବିନେଟ ମନ୍ତ୍ରୀ ଗଣେଶ ନାଏକଙ୍କୁ ଭୋଟ ଦେବା ପାଇଁ ଘଣ୍ଟା ଘଣ୍ଟା ଧରି ଗୋଟିଏ ବୁଥରୁ ଅନ୍ୟ ବୁଥକୁ ଦୌଡ଼ିବାକୁ ପଡିଥିଲା। ଅଧିକାରୀଙ୍କ ଅବହେଳା ଯୋଗୁଁ, ଭୋଟର ତାଲିକାରୁ ମନ୍ତ୍ରୀଙ୍କ ନାମ ଗାଏବ ହୋଇଯାଇଥିଲା, ଯାହା ନିର୍ବାଚନ ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥିଲା।

ନଭି ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ ନିର୍ବାଚନ ସମୟରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା ଯେତେବେଳେ ମହାରାଷ୍ଟ୍ର ସରକାରଙ୍କ ବନମନ୍ତ୍ରୀ ଏବଂ ବରିଷ୍ଠ ବିଜେପି ନେତା ଗଣେଶ ନାଏକଙ୍କୁ ଭୋଟ ଦେବା ପାଇଁ ଗୋଟିଏ ବୁଥରୁ ଅନ୍ୟ ବୁଥକୁ ଘୁରି ବୁଲୁଥିବାର ଦେଖାଯାଉଥିଲା। ନାଏକ ସାମ୍ବାଦିକମାନଙ୍କୁ କହିଥିଲେ, ସେ ଗତ କିଛି ବର୍ଷ ଧରି ନଭି ମୁମ୍ବାଇର ସ୍କୁଲ ନମ୍ବର ୯୪ରେ ତାଙ୍କ ପରିବାର ସହିତ ଭୋଟ ଦେଉଛନ୍ତି। କିନ୍ତୁ, ଯେତେବେଳେ ସେ ପହଞ୍ଚିଲେ, ତାଙ୍କୁ କୁହାଯାଇଥିଲା ଯେ ତାଙ୍କର ମତଦାନ କେନ୍ଦ୍ର ପରିବର୍ତ୍ତନ କରାଯାଇଛି ଏବଂ ତାଙ୍କୁ ଏବେ ସେଣ୍ଟ ମେରୀ ହାଇସ୍କୁଲକୁ ଯିବାକୁ ପଡିବ।

ମନ୍ତ୍ରୀ ଗଣେଶ ନାଏକ ସ୍କୁଲ ନମ୍ବର ୯୪ରେ ପହଞ୍ଚିଲେ, ତାଙ୍କ ନାମ ରୁମ୍ ନମ୍ବର ୯ରେ ଥିବା ଭୋଟର ତାଲିକାରୁ ଗାଏବ ଥିଲା। ନିରାଶ ପ୍ରକାଶ କରି ସେ କହିଥିଲେ, 'ଯେତେବେଳେ ମୁଁ ସେଠାକୁ ଯାଇଥିଲି, ମୋତେ ଦିଆଯାଇଥିବା ରୁମ୍ ନମ୍ବରରେ ମୋର ନାମ ପାଇଲି ନାହିଁ। ସେଥିପାଇଁ ମୁଁ ପ୍ରଥମେ ଭୋଟ ଦେଇପାରିଲି ନାହିଁ।' ତା'ପରେ ତାଙ୍କୁ ସେଣ୍ଟ ମେରୀ ସ୍କୁଲକୁ ଫେରିବାକୁ ପଡିଲା। ସେଠାକାର ପରିସ୍ଥିତି ମଧ୍ୟ ବହୁତ ଦ୍ୱନ୍ଦ୍ୱପୂର୍ଣ୍ଣ ଥିଲା। ମନ୍ତ୍ରୀ କହିଥିଲେ ଯେ, ତାଙ୍କ ପରିବାରର ସମସ୍ତ ସଦସ୍ୟ ଏବଂ ସମ୍ପର୍କୀୟ ନଭି ମୁମ୍ବାଇର ଗୋଟିଏ ବିଲ୍ଡିଂରେ ରୁହନ୍ତି, ତଥାପି ସେମାନଙ୍କ ନାମ ତିନୋଟି ଭିନ୍ନ ମତଦାନ କେନ୍ଦ୍ରର ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା। **(ଶେଷ ପୃଷ୍ଠା ଦେଖନ୍ତୁ)**

# ପରିବାରକୁ ଉଜାଡ଼ି ଦେଲା ମାଞ୍ଜା ସୂତା



**ସୁରଟ,୧୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଗୋଟିଏ ପରିବାରକୁ ଉଜାଡି ଦେଇଛି ଘାତକ ମାଞ୍ଜା ସୂତା। ବାପା-ମା' ଓ ସାନ ଝିଅର ଜୀବନ ନେଇଛି ମାଞ୍ଜା ସୂତା। ମାଞ୍ଜା ସୂତା ଯୋଗୁ ଭାରସାମ୍ୟ ହରାଇଥିଲେ ବାଇକ ଚାଳକ। ବ୍ରିଜରେ ପିଟି ହୋଇଥିଲା ବାଇକ। ଆଉ ସିଧା ଓଭରବ୍ରିଜରୁ ୭୦ ଫୁଟ ତଳକୁ ଖସିଥିଲେ ବାପା, ମା' ଓ ୭ ବର୍ଷର ଝିଅ। ଘଟଣା ସ୍ଥଳରେ ବାପ ଓ ଝିଅ ଆଖି ବୁଜିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ପାଖକୁ ଚାଲି ଯାଇଛନ୍ତି ମା'। ମାଞ୍ଜା ସୂତା ଯୋଗୁ ଗୋଟିଏ ପରିବାର ପୂରା ଶେଷ ହୋଇଯାଇଛି। ଗୁଜରାଟର ସୁରଟରୁ ଏପରି ଦୁଃଖଦ ଖବର ସାମ୍ନାକୁ ଆସିଛି।

ସଂକ୍ରାନ୍ତି ପାଇଁ ରେହାନ ଗୋଟିଏ ବାଇକରେ ନିଜର ପତ୍ନୀ ଓ ଝିଅ ଆଇଶାଙ୍କୁ ଧରି ବୁଲିବାକୁ ବାହାରିଥିଲେ। ଝିଅ ବି ବାପା ମା'ଙ୍କ ସହ ବୁଲିବାକୁ ଯାଉଥିବାରୁ ବେଶ ଖୁସି ଥିଲା। ହେଲେ ରେହାନ ନିଜର ପରିବାର ଧରି ଚନ୍ଦ୍ରଶେଖର ଆଜାଦ ଫ୍ଲାଏଓଭର ଅତିକ୍ରମ କରୁଥିବା ବେଳେ ଘଟିଥିଲା ଅଘଟଣ। ହଠାତ ଗୁଡି ଉଡାଇବା **(ଶେଷ ପୃଷ୍ଠା ଦେଖନ୍ତୁ)**

# ଅବକାରୀ ସ୍କ୍ୱାଡଙ୍କୁ ମଦ ମାଫିଆଙ୍କ ମାଡ଼

**ନୟାଗଡ,୧୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୟାଗଡ ସଦର ଥାନା ବୋଦାପଡା ଗାଁରେ ମଦ ଜବତ କରିବା ପାଇଁ ଯାଇଥିବା ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଉପରେ ମଦ ମାଫିଆମାନେ ମିଳିତ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମଦ ମାଫିଆଙ୍କ ସଂଘବଦ୍ଧ ଆକ୍ରମଣରେ ଅବକାରୀ ବିଭାଗର ୩ ଜଣ କର୍ମଚାରୀ ଆହତ ହୋଇଛନ୍ତି। କନଷ୍ଟେବଳ କୈବଲ୍ୟ ସ୍ୱାଇଁ, ଦେବି ପ୍ରସାଦ ପାଣି, ନୀଳ ଲୋହିତ୍ ମଲ୍ଲିକ ପ୍ରମୁଖ ଆହତ ହୋଇଥିବା ସୂଚନା ରହିଛି।

ବୋଦାପଡା ଗାଁରେ ଦେଶୀ ଚୋରା ମଦ ବିକ୍ରି ହେଉଥିବା ଅଭିଯୋଗ ପରେ ଜିଲା ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ଦେଶୀ ମଦ ଜବତ କରିବା ବେଳେ ମଦ ମାଫିଆ ମାନେ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ସଦର ଥାନା ପୋଲିସ ଜଣଙ୍କୁ ଅଟକ ପଚରାଉଚରା କରୁଛି।

# କେନ୍ଦ୍ରାପଡ଼ାରେ କୃଷିର ସଠିକ ପରିସଂଖ୍ୟାନ ନାହିଁ

**କେନ୍ଦ୍ରାପଡ଼ା,୧୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କୃଷି କ୍ଷେତ୍ରର ବିକାଶ କରିବାକୁ ହେଲେ ପ୍ରଥମେ ସଠିକ୍ ପରିସଂଖ୍ୟାନ ଲୋଡ଼ା । ଏହାପରେ ସାଧନ ଓ ସାମର୍ଥ୍ୟକୁ ନେଇ ଠିକଣା ଯୋଜନା ପ୍ରସ୍ତୁତ କରିବାକୁ ହୋଇଥାଏ । କିନ୍ତୁ ଖଣି ଖାଦାନ ଓ କଳ କାରଖାନା ନଥିବା କେନ୍ଦ୍ରାପଡ଼ା ଜିଲ୍ଲା କୃଷି ଉପରେ ନିର୍ଭରଶୀଳ ହୋଇଥିଲେ ମଧ୍ୟ ଜିଲ୍ଲାରେ ନା' ଅଛି ସଠିକ ପରିସଂଖ୍ୟାନ ନା'ପ୍ରସ୍ତୁତ ହେଉଛି କୌଣସି ଯୋଜନା ! ଫଳରେ ଜିଲ୍ଲାର କୃଷିର ବିକାଶ ପରିବର୍ତ୍ତେ ବିପର୍ଯ୍ୟସ୍ତ ସ୍ଥିତି ସୃଷ୍ଟି ହୋଇଛି ।

ବିଗତ ୧୯୭୧-୭୨ଆର୍ଥୀକ ବର୍ଷ ଠାରୁ ପ୍ରତିବର୍ଷ କୃଷି ପରିସଂଖ୍ୟାନର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲ୍ଲାରେ ତାହା କେବଳ କାଗଜପତ୍ରରେ ସୀମିତ ରହିଛି। ଫଳରେ ଜିଲ୍ଲା କୃଷି ବିଭାଗ ସେହି ବ୍ରିଟିଶ ଅମଳର ତଥ୍ୟକୁ ଗଡ଼ାଇ ଚାଲିଛି । ଜିଲ୍ଲାର କୃଷି ସମ୍ପର୍କୀତ ବାସ୍ତବ ତଥ୍ୟ ପରିପ୍ରକାଶ ପାଇପାରୁନଥିବାରୁ ଜିଲ୍ଲାରେ କୃଷି ବିକାଶ ସକାଶେ ଫଳପ୍ରଦ ଯୋଜନା ସମ୍ଭବ ହୋଇ ପାରୁନାହିଁ। ଜିଲ୍ଲାରେ ପ୍ରକୃତପକ୍ଷେ ବର୍ତ୍ତମାନ କେତେ ଚାଷ ଉପଯୋଗୀ ଜମି ରହିଛି ସେ ସବୁର ମାଲିକାନା ଏବଂ ସେଥିରୁ କେତେ ଜମି କେଉଁ କେଉଁ ଉପାୟରେ ଜଳସେଚିତ ହେଉଛି ବା ଜଳ ସେଚନ ସୁଯୋଗ ରହିଛି ତା'ର ସଠିକ ତଥ୍ୟ କୃଷି ବିଭାଗ ପାଖରେ ନାହିଁ। ବହୁ ଚାଷ ଜମିରେ କୋଠାବାଡ଼ି ଗଢି ଉଠୁଥିବା ଏବଂ ଅନେକ ଜମିକୁ କେନାଲ ପାଣି ମାଡୁନଥିବା ସାଧାରଣରେ ଦେଖିବାକୁ ମିଳୁଥିଲେ ହେଁ କୃଷି ବିଭାଗ ପୋର୍ଟାଲରେ କିମ୍ବା ଅଧିକାରୀଙ୍କ ନିକଟରେ କୌଣସି ଅପ୍ ଟୁ ଡେ଼ଟ୍ ତଥ୍ୟ ନାହିଁ । ଜିଲ୍ଲାରେ କୃଷି ସେନ୍ସସ କାଗଜପତ୍ରରେ ଚାଲିବା ଏବଂ କୃଷି ବିକାଶ ସମ୍ବନ୍ଧୀୟ ଅନ୍ୟୁନ୍ କୃଷି ବିଭାଗ, ରାଜସ୍ୱ ବିଭାଗ ଓ ଜଳସେଚନ ବିଭାଗ ମଧ୍ୟରେ କେବେ ସମନ୍ୱୟ ବୈଠକ ନବସିବା ଯୋଗୁ ତଥ୍ୟ ଅପ୍ ଟୁ ଡେ଼ଟ୍ ହୋଇପାରୁନାହିଁ।

ସେହିପରି ଜିଲ୍ଲାରେ ପ୍ରକୃତରେ ଜଳ ସେଚନର ସୁବିଧା ନଥିବା ଜମିର ପରିମାଣ କେତେ ଓ ସେହିସବୁ ଜମି ପାଇଁ ଜଳସେଚନର ସୁବିଧା କରାଯାଇପାରିବ କି ନାହିଁ ଏବଂ ସେହି ଜମିରେ ଧାନ ବ୍ୟତିତ ଅନ୍ୟ କୌଣସି ଅର୍ଥକାରୀ ଫସଲ ଚାଷ କରାଯାଇ ପାରିବ କି ନାହିଁ ସେଥିନେଇ କୃଷି ବିଭାଗ ନିରବ। ଏଥିସହିତ ଜଳ ନିଷ୍କାସନ ନହୋଇ ଜିଲ୍ଲାର କେଉଁ କେଉଁ ଅଂଚଳରେ କେତେ ପରିମାଣର ଲେଖାଏଁ ଜମି ପଡ଼ିଆ ପଡୁଛି ଏବଂ ଏଥିରେ ବିକଳ୍ପ ଭାବେ କ'ଣ କରାଯାଇପାରିବ ତାହା ଏଯାଏ ଅନୁଧ୍ୟାନ କରାଯାଇପାରି ନାହିଁ ।

ଜିଲ୍ଲାରେ ଉଦ୍ୟାନ କୃଷି ଓ ଆନୁସଙ୍ଗିକ କୃଷି ପାଇଁ କେଉଁଠି ସୁଯୋଗ ରହିଛି ତା'ର ବିଧିବଦ୍ଧ ଅନୁସନ୍ଧାନ କରାଯାଇ ନାହିଁ । ଜିଲ୍ଲାରେ କୃଷି ବିଭାଗରେ ପୂର୍ବରୁ ଥିବା କୃଷି କ୍ଷେତ୍ର କର୍ମଚାରୀଙ୍କ ଅଭାବ ଯୋଗୁ କୃଷି ବିଭାଗ ର କୃଷି କ୍ଷେତ୍ର ସହିତ ପ୍ରକୃତ ରେ କୌଣସି ସମ୍ପର୍କ ନାହିଁ । ଅଧିକାରୀ ମାନେ ଦିନେ ଜମିକୁ ଯିବା କେହି ଦେଖି ନାହାଁନ୍ତି । ସରକାରଙ୍କ ବିଭିନ୍ନ ସମୀକ୍ଷା ବୈଠକରେ ଅଧିକାରୀ ମାନେ ବର୍ଷ ବର୍ଷ ତଳର ପୁରୁଣା ତଥ୍ୟକୁ ପେସ୍ କରି ଦାୟିତ୍ୱ ସାରିଦେଉଛନ୍ତି । ଅନ୍ୟପକ୍ଷରେ ସରକାରଙ୍କ ବିଭିନ୍ନ ଯୋଜନା/ ସ୍କିମ୍‌କୁ କୌଣସିମତେ କାର୍ଯ୍ୟକାରୀ କରାଇ ଦେଇ ଅଧିକାରୀମାନେ ଏହାକୁ ନିଜର ବଡ଼ ସଫଳତା ବୋଲି ବିବେଚନା କରୁଥିବା ସାର ହେଉଛି । ସରକାରୀ ଯୋଜନା କାର୍ଯ୍ୟକାରୀ କରାଇବାରେ ଯେପରି **(ଶେଷ ପୃଷ୍ଠା ଦେଖନ୍ତୁ)**

# ଜନସଂଖ୍ୟା ଅନୁପାତରେ ଏସ୍‌ଇବିସିଙ୍କ ପାଇଁ ସଂରକ୍ଷଣ କମ୍

**ଭୁବନେଶ୍ୱର,୧୫।୧**
**ତଥ୍ୟ**

ଏସ୍‌ଇବିସି ବର୍ଗଙ୍କ ପାଇଁ ଓଡ଼ିଶାରେ ସରକାରୀ ଚାକିରି କ୍ଷେତ୍ରରେ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଥିବାବେଳେ ଏହି ବର୍ଗର ଜନସଂଖ୍ୟା କିନ୍ତୁ ରାଜ୍ୟର ମୋଟ ଲୋକସଂଖ୍ୟାର ଅନ୍ୟୁନ ୪୦ ପ୍ରତିଶତ ବୋଲି ଅନୁମାନ କରାଯାଉଛି। ତେବେ ବେସରକାରୀ ଭାବେ ଏମାନଙ୍କ ସଂଖ୍ୟା ୫୦ ପ୍ରତିଶତରୁ ଅଧିକ ବୋଲି ଦାବି କରାଯାଉଛି।

ଏବେ ରାଜ୍ୟ ସରକାର ଏହି ବର୍ଗଙ୍କ ପାଇଁ ଶିକ୍ଷାନୁଷ୍ଠାନରେ ୧୧.୨୫ ପ୍ରତିଶତ ଆସନ ସଂରକ୍ଷଣ ଲାଗୁ କରୁଛନ୍ତି। ଏହାଛଡ଼ା ପୌର ଓ ପଞ୍ଚାୟତ ନିର୍ବାଚନରେ ଏହି ବର୍ଗଙ୍କ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥା ଥିବାବେଳେ ଏଯାବତ କିନ୍ତୁ ଓଡ଼ିଶା ସମେତ ସାରା ଦେଶରେ ବିଧାନସଭା ଓ ଲୋକସଭା ପାଇଁ ଏସ୍‌ଇବିସିଙ୍କ ଲାଗି ଆସନ ସଂରକ୍ଷଣ ବ୍ୟବସ୍ଥା କରାଯାଇ ନାହିଁ।

୨୦୨୩ ବର୍ଷରେ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ କମିଶନ ପକ୍ଷରୁ ଏସ୍‌ଇବିସିଙ୍କ ସ୍ଥିତି ସଂକ୍ରାନ୍ତରେ ତଥ୍ୟ ଅନୁସନ୍ଧାନ କରାଯାଇଥିଲା। ଏହି ତଥ୍ୟ ମୁତାବକ ସେ ସମୟରେ ଏସ୍‌ଇବିସି ସର୍ଭେରେ ପାଖାପାଖି ୧ କୋଟି ୯୫ ଲକ୍ଷ ଲୋକ ଅଂଶଗ୍ରହଣ କରିଥିଲେ। ଏସ୍‌ଇବିସି ବର୍ଗର ଏହି ଲୋକମାନେ ୫୩,୯୬,୧୩୨ ଘର ବା ପରିବାରରେ ବସବାସ କରୁଥିବା ସେ ସମୟରେ ଜଣାପଡିଥିଲା।

ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଜନସଂଖ୍ୟା ଅନୁପାତରେ ସାରା ଦେଶରେ ଏସ୍‌ସି ଓ ଏସ୍‌ଟି ବର୍ଗଙ୍କ ଲାଗି ୨୨.୫ ପ୍ରତିଶତ ଆସନ ସଂରକ୍ଷଣ ରହିଛି। ସରକାରୀ ଚାକିରି, ନିର୍ବାଚନ ଓ



ଶିକ୍ଷାନୁଷ୍ଠାନରେ ଏହି ବର୍ଗଙ୍କ ଲାଗି ସ୍ଥାନ ସଂରକ୍ଷଣ ପ୍ରଚଳିତ ରହିଛି। ତେବେ ଚାକିରି ଏବଂ ପଞ୍ଚାୟତ ଓ ପୌର ନିର୍ବାଚନ କ୍ଷେତ୍ରରେ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଟପିପାରିବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ରୁଲିଂ ଯୋଗୁ ଗତ ଶତାବ୍ଦୀର ୯୦ ଦଶକରେ ଏସ୍‌ଇବିସିଙ୍କ ପାଇଁ ଜାତୀୟ ସ୍ତରରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଥିଲା। ଏହା ଏବେ ବି ବଳବତ୍ତର ରହିଛି।

ଅନ୍ୟପକ୍ଷରେ ସେ ସମୟରେ ଓଡ଼ିଶା ସରକାର ଜଷ୍ଟିସ ନବକିଶୋର ଦାସ କମିଶନ ବସାଇଥିଲେ ଏବଂ ଏହି କମିଶନ ମଧ୍ୟ ସୁପ୍ରିମକୋର୍ଟଙ୍କ ରାୟ ମୁତାବକ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ସୀମା ୧୨ ପ୍ରତିଶତ ଭିତରେ ରଖିଥିଲେ। ଏଠାରେ ଉଲ୍ଲେଖନୀୟ ଯେ ସେତେବେଳେ ଓଡ଼ିଶାରେ ଏସ୍‌ସି ଓ ଏସ୍‌ଟି ବର୍ଗଙ୍କ ପାଇଁ ୩୮ ପ୍ରତିଶତ ସ୍ଥାନ ସଂରକ୍ଷଣ ଥିଲା। ପରବର୍ତ୍ତୀ ଜନଗଣନା ଆଧାରରେ ଏସ୍‌ସି ବର୍ଗଙ୍କ ପାଇଁ ୧୬.୨୫ ପ୍ରତିଶତ ଓ ଏସ୍‌ଟି ବର୍ଗଙ୍କ ପାଇଁ ୨୨.୫ ପ୍ରତିଶତ ସ୍ଥାନ ସଂରକ୍ଷଣ ରଖାଯିବାରୁ ଏସ୍‌ଇବିସିଙ୍କ ଲାଗି ସଂରକ୍ଷଣ ୧୧.୨୫ ପ୍ରତିଶତ ରଖିବାକୁ ପଡ଼ିଥିଲା।

ତେବେ ଓଡ଼ିଶା ସରକାର ଦୁଇଥର ଏହି ବର୍ଗଙ୍କ ପାଇଁ ସଂରକ୍ଷଣ ସୀମା ଜାତୀୟ ହାର ସହ ସମାନ କରି ୨୭ ପ୍ରତିଶତକୁ ବଢ଼ାଇଥିଲେ ମଧ୍ୟ ତାହା ହରପ୍ରିୟା ଦାସ ଓ ଅମର ଛାଟୋଇ ମାମଲାରେ କାଟ୍ ଖାଇଯିବାରୁ ପୁଣି ୨୦୧୪ ମସିହାରୁ ରାଜ୍ୟ ସରକାର ଏହାକୁ ୧୧.୨୫ ପ୍ରତିଶତକୁ ହ୍ରାସ କରିଛନ୍ତି।

ତଥ୍ୟ ମୁତାବକ ନୟାଗଡ଼ ଜିଲ୍ଲାରେ ଏସ୍‌ଇବିସିଙ୍କ ସଂଖ୍ୟା ସର୍ବାଧିକ ୫୮ ପ୍ରତିଶତ ଥିବାବେଳେ ବୌଦ୍ଧ, ଗଞ୍ଜାମ, କେନ୍ଦ୍ରାପଡ଼ା, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ଏହି ବର୍ଗଙ୍କ ସଂଖ୍ୟା ୫୦ ପ୍ରତିଶତରୁ ଅଧିକ ବୋଲି କୁହାଯାଉଛି। ଏହାଛଡ଼ା ଅନୁଗୁଳ, ଖୋର୍ଦ୍ଧା, କଳାହାଣ୍ଡି, ଯାଜପୁର, ବାଲେଶ୍ୱର, ବରଗଡ଼, କଟକ ଓ ଦେବଗଡ଼ ଆଦି ଜିଲ୍ଲାରେ ଏସ୍‌ଇବିସି ଜନସଂଖ୍ୟା ୩୦ରୁ ୪୫ ପ୍ରତିଶତ ହେବ ବୋଲି କୁହାଯାଉଛି। ଅନ୍ୟ ଜିଲ୍ଲାଗୁଡ଼ିକରେ ଏହି ବର୍ଗର ସଂଖ୍ୟା ୧୫ରୁ ୩୦ ପ୍ରତିଶତ ରହିଛି। ଏ ପରିପ୍ରେକ୍ଷୀରେ ଏସ୍‌ଇବିସିଙ୍କ ପାଇଁ ସଂରକ୍ଷଣ ସୀମା ବୃଦ୍ଧି ହୋଇପାରିବ କି ନାହିଁ ତାହା ଏବେ ବି ଚର୍ଚ୍ଚାର ବିଷୟ ହୋଇ ରହିଛି।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୬ ଜାନୁଆରୀ ୨୦୨୬ । ଶୁକ୍ରବାର




## ସୁନା ଚେନ୍ ଲୁଟେରାକୁ କୋର୍ଟ ଚାଲାଣ

**ଯାଜପୁର: ଏକ୍ସପ୍ରେସ୍ ନ୍ୟୁଜ୍**

ସୁନା ଚେନ୍ ଛିନ୍ତାଇ ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ ଗତ ୫.୭.୨୦୨୫ ଯାଜପୁର ଟାଉନ ଥାନା ଅନ୍ତର୍ଗତ ଗୁରୁଦାସପୁର ଅଞ୍ଚଳର ସନ୍ଧ୍ୟା ସମୟରେ ଜନୈକ ମହିଳା ତାଙ୍କ ଝିଅକୁ ନେଇ ସ୍କୁଟିରେ ଘରକୁ ଯାଉଥିବା ସମୟରେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ପାଖକୁ ଆସି ବେକରୁ ସୁନା ଚେନ୍ ଲୁଟ୍ କରି ପଳାଇଯାଇଥିଲେ। ଏହି ସମୟରେ ମହିଳା ଜଣକ ଲୁଟେରାଙ୍କ ଗାଡ଼ି ନମ୍ବରକୁ ରଖି ଦେଇଥିଲେ। ଏ ନେଇ ମହିଳା ଜଣକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଟାଉନ ପୁଲିସ କେଶ ନଂ. ୩୨୨/୨୫, ଧାରା ୩୦୯(୪)/୩(୫) ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଏକ ମାମଲା ରୁଜୁ କରି ଏସ୍ଆଇ ସୁବାସ ଚନ୍ଦ୍ର ମୁଦୁଲି ଘଟଣାର ତଦନ୍ତ ଜାରି ରଖିଥିଲେ। ପୁଲିସ ଗାଡ଼ି ନମ୍ବରକୁ ଆଧାର କରି ଜାଣିବାକୁ ପାଇଥିଲା ଯେ ଯାଜପୁର ଥାନା ଅନ୍ତର୍ଗତ ନହରାପୁର ଗ୍ରାମର ସଫିରୁଦ୍ଦିନ ଖାନ୍‌ଙ୍କ ପୁଅ ଫାକୋ ଓରଫ ଫକୀରୁଦ୍ଦିନ ଖାନ(୨୪) ଏହି ଛିନ୍ତାଇ ଘଟଣାରେ ସଂପୃକ୍ତ ଥିଲେ। ପୁଲିସ ଫକୀରୁଦ୍ଦିନ ଖାନ୍‌ଙ୍କୁ ଗିରଫ କରି ୧୧.୭.୨୫ରେ କୋର୍ଟ ଚାଲାଣ କରିଥିଲା। କିନ୍ତୁ ଲୁଟ୍ ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ତାରାମଦନ ଗ୍ରାମର ଏସ୍‌କେ ରହିମୁତଙ୍କ ପୁଅ ଏସ୍‌କେ ସାହିଲ(୨୫) ଘଟଣା ଦିନ ଠାରୁ ଫେରାର ଥିଲେ। ତେବେ ବୁଧବାର ଦିନ ଟାଉନ ପୁଲିସ ଏସ୍‌କେ ସାହିଲକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ଲୁଟେରା ଦୁଇଜଣ ସୁନା ଚେନ୍‌କୁ ନେଇ ଅନ୍ୟତ୍ର ବିକ୍ରି କରି ଟଙ୍କାକୁ ଆଣି ଖର୍ଚ୍ଚ କରିଥିବା ବେଳେ ମାତ୍ର ୧୫ ହଜାର ଟଙ୍କା ଜବତ କରାଯାଇଥିଲା। ଏହି ଦୁଇ ଅଭିଯୁକ୍ତଙ୍କ ନାମରେ ଯାଜପୁର ଥାନା ସମେତ ଅନ୍ୟ ଥାନାରେ ଏକାଧିକ ମାମଲା ଥିବାର ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା।

## ଗଞ୍ଜେଇ ଜବତ, ବ୍ୟବସାୟୀ ଗିରଫ



**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ଅବକାରୀ ଟିମ୍ ଓ ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ମଳିପଡା ଓଭର ବ୍ରିଜ ଉପରେ ଚଢଉ କରି ୧୪୦କେଜି ଗଞ୍ଜେଇ ସମେତ ଗୋଟିଏ ମାରୁତି ଭେନ ଜବତ କରିଛି । ଜଣଙ୍କୁ ଗିରଫ କରିଛନ୍ତି ବୋଲି ଅବକାରୀ କାର୍ଯ୍ୟାଳୟ ସୂତ୍ରନାରୁ ଜଣାପଡିଛି । ଗିରଫ ହୋଇଥିବା ବ୍ୟବସାଇ ଜଣକ ବେଗୁଣିଆ ଥାନା ଅଧୀନ କଣ୍ଟାବାଡ କଚ୍ଚରା ସାହିର ସୁଶାନ୍ତ କୁମାର ସାହୁ ବୟସ ୩୯ ପିତା ଗୌରାଙ୍ଗ ସାହୁ। ସୂଚନା ଅନୁସାରେ, ଗୌରାଙ୍ଗ ସାହୁ ସକାଳୁ ଏକ ମାରୁତି ଭ୍ୟାନ ଯାହାର ନମ୍ବର ଏପି ୩୦ଏପି ୫୨୪୦ରେ ଭୁବନେଶ୍ୱର ଅଭିମୁଖେ ଆସୁଥିବାବେଳେ ଖୋର୍ଦ୍ଧା ଜଙ୍କିଆ ଥାନା ଅଧୀନ ମଳିପଡା ଓଭର ବ୍ରିଜ ଉପରେ ପୂର୍ବ ସୂଚ୍ନାନୁଯାଇ ଅବକାରୀ ବିଭାଗ ଛକି ରହିଥିଲେ ଏବଂ କରଟିକୁ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଗାଡିକୁ ଅଟକାଇ ଯାଞ୍ଚ କରି ଗଞ୍ଜେଇ ଭର୍ତ୍ତି ବସ୍ତା ଜବତ କରିଥିଲା । ଗଞ୍ଜେଇ ଭାରି ଥିବା ମାରୁତି କରକୁ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଳନ କରିଥିବା ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇଙ୍କ ସୂଚ୍ନାରୁ ପ୍ରକାଶ ପାଇଛି ।

## ଶିକ୍ଷକ ବଦଳିକୁ ନେଇ ବିଦ୍ୟାଳୟରେ ଉତ୍ତେଜନା

**କବିସୂର୍ଯ୍ୟନଗର: ଏକ୍ସପ୍ରେସ ନ୍ୟୁଜ୍**

ରାଜନୀତିର ପଶାପାଲିରେ ଛନ୍ଦିହେଇଗଲା ପିଏମଶ୍ରୀ ଉତ୍ସବ। ଶିକ୍ଷକ ବଦଳି ଆଦେଶକୁ ନେଇ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀଙ୍କ ହୋହାଲ୍ଲା ଯୋଗୁଁ ଭଣ୍ଡୁର ହୋଇଗଲା ପିଏମଶ୍ରୀ ଉତ୍ସବ। ଆସିଲେନି ଅତିଥି, ଫାଙ୍କା ପଡିଲା ଚେୟାର ଓ ମଞ୍ଚ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କବିସୂର୍ଯ୍ୟନଗର ବ୍ଲକ ବରିଡା 'ଏ' ଗ୍ରାମରେ ଥିବା ଦଧିବାବନ ହାଇସ୍କୁଲରେ। ଯାହା ସୂଚ୍ନା ମିଳିଛି ସେହି ବିଦ୍ୟାଳୟରେ ଜଣେ ଶିକ୍ଷକ କୃଷ୍ଣ ଚନ୍ଦ୍ର ବେହେରାଙ୍କୁ ନିକଟସ୍ଥ ତିଆଡ଼ିପଲ୍ଲୀ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ କରାଯାଇଛି। କବିସୂର୍ଯ୍ୟନଗର ବିଇଓଙ୍କ ବଦଳି ଆଦେଶକୁ ନେଇ ପ୍ରଧାନଶିକ୍ଷକ ଆଜି ସେହି ଶିକ୍ଷକଙ୍କୁ ରିଲିଭ କରିବାକୁ ନିଷ୍ପତ୍ତି କରିଥିବା ବେଳେ ଖବର ପାଇ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟକୁ ଆସି କୃଷ୍ଣ ଚନ୍ଦ୍ର ବେହରାଙ୍କୁ ରିଲିଭ ନକରି ତାଙ୍କ ବଦଳି ଆଦେଶ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଗୁରୁବାର ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ପୂର୍ବରୁ ଶିକ୍ଷକଙ୍କୁ ରିଲିଭ କରିବାକୁ ଯେଉଁ ଷଡଯନ୍ତ୍ର ଚାଲିଥିଲା ତାହାକୁ ନେଇ ହଟଗୋଳ ଦେଖାଦେଲା। ସକାଳ ୧୦ଟାରୁ ଅପରାହ୍ନ ୨ଟା ଯାଏଁ। କୌଣସି ନିଷ୍ପତ୍ତି



ହୋଇନଥିବା ଯୋଗୁଁ ବିଦ୍ୟାଳୟ ପରିସରରେ ଗହଳି ଲାଗିରହିଛି। ଯାହା ସୂଚ୍ନା ମିଳିଛି ରାଜନୈତିକ ଚାପରେ ଗଞ୍ଜାମ ଡିଇଓଙ୍କ ଅଲିଖିତ ନିର୍ଦ୍ଦେଶରେ କବିସୂର୍ଯ୍ୟନଗର ବିଇଓ ଡେପୁଟେସନ କରିଥିବା ଜଣାଯାଇଛି। କ୍ଲାସ ପରିଚାଳନା ପାଇଁ ଡେପୁଟେସନ କରାଯାଇଥିବା ଆଦେଶରେ ଲେଖାଯାଇଥିବା ଜଣାଯାଇଛି। ଜନ ଆକ୍ରୋଶ ଦେଖି ପ୍ରଧାନ ଶିକ୍ଷକ ବିଇଓଙ୍କୁ ଅବଗତ କରିବା ପରେ ପୁଣି ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ଏବଂ ଦସ୍ତଖତ ସଂଗ୍ରହ ପରେ ସାମୟିକ ଆଦେଶକୁ ସ୍ଥଗିତ ରଖିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଶିକ୍ଷକ ବଦଳିକୁ ଦେଖାଦେଇଥିବା ଅଶାନ୍ତି ପାଇଁ ଆଜି ହଜାର ହଜାର ପିଲାଙ୍କ ଖୁସି ଭାଙ୍ଗିଦିଆଗଲା ବୋଲି ବହୁ ଅଭିଭାବକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେପଟେ ପ୍ରଧାନ ଶିକ୍ଷକ କହିଛନ୍ତି ଉପରିସ୍ଥ ଅଧିକାରୀଙ୍କ ଆଦେଶ ପ୍ରକାରେ କାର୍ଯ୍ୟ କରୁଛି। ଯାହା ନିଷ୍ପତ୍ତି ବିଇଓ ନେବେ। ହେଲେ ବିଦ୍ୟାଳୟ ସଭାପତି ଘଟଣାକୁ ନେଇ କିଛି ସ୍ପଷ୍ଟ ସନ୍ତୋଷ ଜନକ ଉତ୍ତର ଦେଇପାରିନଥିବା ବେଳେ ଛାତ୍ରଛାତ୍ରୀମାନେ ବଦଳି ଆଦେଶ ପ୍ରତ୍ୟାହାର ପାଇଁ ଯିଦରେ ଥିବା ଜଣାଯାଇଛି।

## ଅବକାରୀ ସ୍କ୍ୱାଡଙ୍କୁ ମଦ ମାଫିଆଙ୍କ ଆକ୍ରମଣ

**ନୟାଗଡ: ଏକ୍ସପ୍ରେସ ନ୍ୟୁଜ୍**

ନୟାଗଡ ସଦର ଥାନା ବୋଦାପଡା ଗାଁରେ ମଦ ଜବତ କରିବା ପାଇଁ ଯାଇଥିବା ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଉପରେ ମଦ ମାଫିଆମାନେ ମିଳିତ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମଦ ମାଫିଆଙ୍କ ସଂଘବଦ୍ଧ ଆକ୍ରମଣରେ ଅବକାରୀ ବିଭାଗର ୩ ଜଣ କର୍ମଚାରୀ ଆହତ ହୋଇଛନ୍ତି। କନଷ୍ଟେବଳ କୈବଲ୍ୟ ସ୍ୱାଇଁ, ଦେବି ପ୍ରସାଦ ପାଣି, ନୀଳ ଲୋହିତ୍ ମଲ୍ଲିକ ପ୍ରମୁଖ ଆହତ ହୋଇଥିବା ସୂଚ୍ନା ରହିଛି।

ବୋଦାପଡା ଗାଁରେ ଦେଶୀ ଚୋରା ମଦ ବିକ୍ରି ହେଉଥିବା ଅଭିଯୋଗ ପରେ ଜିଲ୍ଲା ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ଦେଶୀ ମଦ ଜବତ କରିବା ବେଳେ ମଦ ମାଫିଆମାନେ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ସଦର ଥାନା ପୋଲିସ ଜଣଙ୍କୁ ଅଟକ ପଚ୍ରାଉଚ୍ରା କରୁଛି।

## ଦୁଇ ବାଇକ ମୁହାଁମୁହିଁ, ୨ ଗୁରୁତର

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଏହି ଜିଲ୍ଲାର ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଞ୍ଜୁରୀରୋଡ ନିକଟସ୍ଥ ରାଜେନ୍ଦ୍ରପୁର ଛକ ଠାରେ ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଦୁଇଜଣ ଯୁବକ ଗୁରୁତର ହୋଇଥିବା ଜଣାପଡିଛି। ସୂଚ୍ନା ମୁତାବକ ଦିନ ପ୍ରାୟ ୩.୩୦ ମିନିଟ ସମୟରେ ସ୍ଥାନୀୟ ସାରୋ ଗ୍ରାମର ଯୁବକ ଅଭିମନ୍ୟୁ ପାତ୍ର (୩୬) ଓ ଥଇଳା ଗ୍ରାମର ପ୍ରଦୀପ ବାରିକ (୩୨) ଦୁଇଟି ବାଇକରେ ଯାଉଥିବା ବେଳେ ରାଜେନ୍ଦ୍ରପୁର ଛକ ନିକଟ ବାଙ୍କରେ ସେମାନଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଗ୍ରାମର ସାଇ ଶୁଭ୍ରମନ୍ୟୁ ରାଉତ ଓ ତାଙ୍କର ସହଯୋଗୀ ନାରାୟଣ ବାରିକ ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ଗୁରୁତର ଅଭିମନ୍ୟୁଙ୍କୁ ଅଧିକ ଚିକିତ୍ସା ପାଇଁ ଯାଜପୁର ମେଡିକାଲକୁ ନେଇଥିବା ସୂଚ୍ନା ମିଳିଛି।

## ମଣ୍ଡି ଖୋଲିବା ପାଇଁ ଦାବି

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ତେନ୍ତୁଳିଗୁମ୍ମା ପଞ୍ଚାୟତବାସୀ ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁଯାଇ, ତେନ୍ତୁଳିଗୁମ୍ମାରେ ମଣ୍ଡି ବ୍ୟବସ୍ଥା ନାହିଁ। ଏଣୁ ଚାଷୀର ଧାନ ବିକ୍ରି ପାଇଁ ରାମଗିରି ମଣ୍ଡି ଆଣିବାକୁ ପଡୁଛି। ଏଥିପାଇଁ ସେମାନଙ୍କୁ ନବେ କିଲୋମିଟର ଦୂର ଅତିକ୍ରମ କରୁଛନ୍ତି। ରାମଗିରି ମଣ୍ଡିକୁ ଆଣି ଧାନ ବିକ୍ରି କରିବା ପାଇଁ ଅଧିକ ଖର୍ଚ୍ଚ ସହ କଷ୍ଟ ମଧ୍ୟ ହେଉଛି। ଏବେ ଦୂରରୁ ଆସି ଶୀତ କାକରରେ ମଣ୍ଡିରେ ଜଗିବାବି ମୁସକିଲ। ଏଥିରେ ହନ୍ତସନ୍ତ ହେଉଛନ୍ତି ତେନ୍ତୁଳିଗୁମ୍ମା ପଞ୍ଚାୟତର ସମସ୍ତ ଚାଷୀ। ଏଣୁ ତେନ୍ତୁଳିଗୁମ୍ମାରେ ଧାନ ମଣ୍ଡି ଆରମ୍ଭ ପାଇଁ ଦାବି ହୋଇଛି। ସରପଞ୍ଚ ମମିତା ନାୟକ ସମତ ଅଞ୍ଚଳବାସୀ ତହସିଲଦାଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ସେପଟେ ସ୍ଥାନୀୟ ତହସିଲଦାର ସିଗ୍ଧା ଚୌଧୁରୀ କହିଛନ୍ତି, ଏ ସମସ୍ୟାକୁ ନେଇ ଉପଜିଲ୍ଲାପାଳଙ୍କ ଦୃଷ୍ଟିଗୋଚର କରିବେ। ଚଳିତ ବର୍ଷ ବୈପାରୀଗୁଡା ମଣ୍ଡିରୁ ସେମାନଙ୍କ ଧାନ ଉଠାଇବା ପାଇଁ ଚେଷ୍ଟା କରିବେ ଏବଂ ଆଗାମୀ ଦିନରେ ତେନ୍ତୁଳିଗୁମ୍ମା ଠାରେ ମଣ୍ଡି ଖୋଲିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚ୍ନା କରିବେ।

## ଟେଣ୍ଡର ଫିକ୍ସିଂ: ଗୁଡିଆଳି କେଜିବିଭି ଚର୍ଚ୍ଚାରେ !

**କବିସୂର୍ଯ୍ୟନଗର: ଏକ୍ସପ୍ରେସ ନ୍ୟୁଜ୍**

ଲୁଟ୍ ଯାଉଛି ଲକ୍ଷ ଲକ୍ଷ ଟଙ୍କାର ଘୋଟଲା। ବିଦ୍ୟାଳୟସ୍ତରରୁ ଜିଲ୍ଲା ପ୍ରଶାସନ ଯାଏଁ ଲମ୍ବିଛି ଦୁର୍ନୀତିର ଚେର। ଟେଣ୍ଡର ଫିକ୍ସିଂ କରି ବର୍ଷ ବର୍ଷ ଧରି ଚାଲିଛି ଲକ୍ଷ ଲକ୍ଷ ଟଙ୍କାର ଘୋଟଲା। ଏକ ନିର୍ଦ୍ଦିଷ୍ଟ ବେପାରୀଙ୍କ ହାତରେ ରହୁଛି ଖାଦ୍ୟ ଯୋଗାଣ ବ୍ୟବସ୍ଥା। ହେଲେ ଚଳିତ ଦୋହରା ଟେଣ୍ଡରକୁ ନେଇ ଫିକ୍ସିଂ ପଦାରେ ପଡିଲା। ଏଠି କୁହାଯାଉଛି କବିସୂର୍ଯ୍ୟନଗରରେ ରହିଛି ବିଦ୍ୟାଳୟ କିନ୍ତୁ ଏକ ନିର୍ଦ୍ଦିଷ୍ଟ ବେପାରୀ ତଥା ଫାର୍ମକୁ ଲଗାତାର ଦିଆଯାଉଛି ଜିନିଷ ଯୋଗାଣ ଦାୟିତ୍ୱ। ଆମେ କହୁଚୁ କବିସୂର୍ଯ୍ୟନଗର ବ୍ଲକ ଗୁଡିଆଳି ଠାରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ କଥା। ଏଠି ବିଦ୍ୟାଳୟ ପ୍ରତିଷ୍ଠା ଠାରୁ ଚାଲିଛି ଟେଣ୍ଡର ଫିକ୍ସିଂ ବ୍ୟବସ୍ଥା। ସ୍ଥାନୀୟ ବେପାରୀଙ୍କୁ ଦୁରେଇ ବାହାର ବେପାରୀଙ୍କୁ ଦାୟିତ୍ୱ ଦେଇ ମାସକୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ଚାଲିଛି। ବିଦ୍ୟାଳୟ କମିଟି ଠାରୁ ଆରମ୍ଭ କରି ସରପଞ୍ଚ, ଶିକ୍ଷା ବିଭାଗ କର୍ତ୍ତୃପକ୍ଷ, ସବୁ ଲାଭଂଶ ନେଇ ନୀରବ। ପିଲାଙ୍କୁ ନିମ୍ନମାନର ଜିନିଷ ଦେଇ, ଖାଦ୍ୟରୁ କମାଇ ଚାଲିଛି ଲକ୍ଷ ଲକ୍ଷ ଟଙ୍କାର ଘୋଟଲା। ଯାହା ଶୁଣାଯାଇଛି ନାହାନ୍ତି ସ୍ଥାୟୀ ପ୍ରଧାନ ଶିକ୍ଷୟିତ୍ରୀ। ମହିଳା କର୍ମଚାରୀଙ୍କ ନିୟନ୍ତ୍ରଣରେ ଆବାସିକ ବିଦ୍ୟାଳୟ। ପୁରା ଯୋଜନା ବଦ୍ଧ ଭାବେ ହରିଲୁଟ ହେଉଛି ସରକାରୀ ଟଙ୍କା। ଏପଟେ ବାଳିକା ଆବାସିକ ବିଦ୍ୟାଳୟ ହୋଇଥିବାରୁ କୌଣସି ସୂଚ୍ନା ମିଳିବା ଅସମ୍ଭବ ହୋଇପଡିଛି। ଯିଏ ଯାହା ପାରିଲା ଲୁଟିଲା। ଯାହା ଚର୍ଚ୍ଚା ଆଲୋଚ୍ନା ହେଉଛି ଜଣେ ଅବସରପ୍ରାପ୍ତ ଶିକ୍ଷକ ଏବେ ବି କୁଆଡେ ଆବାସିକ ବିଦ୍ୟାଳରୁ ନେଉଛନ୍ତି ଲାଭଂଶ। କେତେ ଜିନିଷ ଖର୍ଚ୍ଚ ହେଲା, କେତେ ଯୋଗାଣ ହେଲା, କେତେ ବଳିଲା ପ୍ରଧାନଶିକ୍ଷୟତ୍ରୀଙ୍କ ପାଖରେ ଖବର ନଥିବା ବେଳେ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଖରେ ରହୁଛି ହିସାବ। ହେଲେ ବର୍ଷ ବର୍ଷ ଧରି ଚାଲିଥିବା ଅନିୟମିତତା ଏବେ ଟେଣ୍ଡର ବିବାଦ ଘଟଣା ପରେ ଖୋଲୁଛି ଗୁମର। ଏଣୁ ଗଞ୍ଜାମ ଜିଲ୍ଲାପାଳ, ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେଲେ ସରକାରୀ ଅନିୟମିତତା ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଲାଣି।

## ମାସକରେ ୧୫ ଅସହାୟ ଉଦ୍ଧାର

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ଅନେକ ଅସହାୟ ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜ ପେଟପାଟଣା ପାଇଁ ପୁରୀ ସହରରେ ବୁଲି ଭିକ୍ଷା ବୃତ୍ତି କରିଥାନ୍ତି। ରାତି ହେଲେ ଏମାନେ କେଉଁଠି ମୁଣ୍ଡ ଗୁଞ୍ଜିବେ ସେହି ଚିନ୍ତାରେ ପଡ଼ିଥାନ୍ତି। ତେଣୁ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ ଏପରି କି ଦୋକାନ ବାରଣ୍ଡାରେ ଶୋଇପଡନ୍ତି। ପୁଣି ସକାଳ ହେଲେ ଭିକ୍ଷାବୃତ୍ତିରେ ବାହାରି ପଡନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ, ବଡ଼ଦାଣ୍ଡ ସମେତ ବିଭିନ୍ନ ଗଳିକନ୍ଦିରେ ଏମିତି ଅସହାୟ ଲୋକଙ୍କୁ ଦେଖିବାକୁ ମିଳିଥାଏ। ବର୍ତ୍ତମାନ ପ୍ରବଳ ଶୀତ ପଡୁଛି। ଅନେକ ଅସହାୟ ବ୍ୟକ୍ତି ଖୋଲା ଆକାଶ ତଳେ ରାତି କାଟୁଥିବା ଦେଖିବାକୁ ମିଳୁଛି। ତେଣୁ ଏହିପରି ନିରାଶ୍ରୟ, ଅସହାୟ ଓ ଭିକ୍ଷୁକ ମାନଙ୍କର କଲ୍ୟାଣ, ସୁରକ୍ଷା, ଉଦ୍ଧାର ଏବଂ ପୁନର୍ବାସ ସମ୍ପର୍କିତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ଏସପି ପ୍ରତୀକ୍ ସିଂ। ବିଭିନ୍ନ ଥାନାଧିକାରୀ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀଙ୍କୁ ଏମାନଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଡିସେମ୍ବର ୧୫ରୁ ଜାନୁୟାରୀ ୧୫ ମାସକ ମଧ୍ୟରେ ଭିକ୍ଷାବୃତ୍ତି କରୁଥିବା ୧୫ ଜଣ ଅସହାୟଙ୍କୁ ଉଦ୍ଧାର କରାଯାଇଛି। ଓଡ଼ିଶା ପତିତ ଉଦ୍ଧାର ସମିତି (ଓପିୟୁଏସ୍) ସହାୟତାରେ ଏମାନଙ୍କୁ ଉଦ୍ଧାର କରାଯାଇ ସର୍ବୋଦୟନଗର ସ୍ଥିତ ଆଶ୍ରୟ ସ୍ଥଳରେ ରଖାଯାଇଛି। ଏହି ପରି ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ପୁରୀ ଶ୍ରୀ ସିଂ କହିଛନ୍ତି।

## ମେଡିକାଲରେ ଅଜଣା ପାଗଳର ମୃତ୍ୟୁ

**ବୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡ଼ା ସହରରେ କିଛି ଦିନ ହେଲା ଜଣେ ପାଗଳ ବ୍ୟକ୍ତି ଏଣେତେଣେ ଘୁରିବୁଲୁଥିବା ଦେଖିବାକୁ ମିଳୁଥିଲା। ତେବେ ସନ୍ଧ୍ୟା ପୂର୍ବରୁ ସେହି ପାଗଳ ବ୍ୟକ୍ତି ଜଣକ ବ୍ଲକ ଛକ ନିକଟସ୍ଥ ମୁଖ୍ୟ ରାସ୍ତା କଡରେ ଅଚେତ ଅବସ୍ଥାରେ ପଡିଥିଲେ। ତାଙ୍କୁ ରାସ୍ତାକଡରୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଖବର ପାଇ ପୋଲିସ ଘଟଣାର ଅନୁସନ୍ଧାନ କରୁଥିବା ଜଣାଯାଇଛି।

### ବାଣିଜ୍ୟ

## ଅଶ୍ଳୀଳ ଛବି ଉପରେ ରୋକ୍

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଟୁଲ୍ ଗ୍ରୋକ୍ ଜରିଆରେ ଆଉ ଅଶ୍ଳୀଳ ତଥା ଆପତ୍ତିଜନକ ଛବି ସୃଷ୍ଟି କରାଯାଇପାରିବ ନାହିଁ। ଏଭଳି ଛବିକୁ ନେଇ ବିଶ୍ୱବ୍ୟାପୀ ପ୍ରତିବାଦ ହେବା ପରେ ସୋସିଆଲ ମିଡିଆ 'ଏକ୍ସ' ପକ୍ଷରୁ ସେହି ସୁବିଧାକୁ ବନ୍ଦ କରିଦିଆଯାଇଛି। ବିଶ୍ୱର କୌଣସି ସ୍ଥାନରେ ଆଉ ଗ୍ରୋକ୍‌କୁ ନିର୍ଦ୍ଦେଶ ଦେଇ ଅଶ୍ଳୀଳ ଛବି ସୃଷ୍ଟି କରାଯାଇପାରିବ ନାହିଁ। 'ଏକ୍ସ' ପକ୍ଷରୁ କୁହାଯାଇଛି ଯେ ଅସଲି ଲୋକମାନଙ୍କ ଛବିକୁ ଏଡିଟିଂ କରି ବିକିନି ପିନ୍ଧାଇବା ଛବି ସୃଷ୍ଟି କରାଯାଇପାରିବ ନାହିଁ। ପ୍ରଯୁକ୍ତିରେ ପରିବର୍ତ୍ତନ କରି ସେହି ସୁବିଧାକୁ ବନ୍ଦ କରିଦିଆଯାଇଛି। ପେଡ୍ ୟୁଜରଙ୍କ ସମେତ ସବୁ ପ୍ରକାର ବ୍ୟବହାରକାରୀମାନଙ୍କ ପାଇଁ ସେହି ନିୟମ ଲାଗୁ କରାଯାଇଛି।

ଗତ କିଛିଦିନ ଧରି 'ଗ୍ରୋକ୍' ଜରିଆରେ ବିଶେଷ କରି ମହିଳା ଓ ଶିଶୁମାନଙ୍କ ଛବିକୁ ଅଶ୍ଳୀଳ ଓ ବିକୃତ କରି 'ଏକ୍ସ'ରେ ପୋଷ୍ଟ କରାଯାଉଥିଲା। ତାହାକୁ ନେଇ ବିଶ୍ୱବ୍ୟାପୀ ସ୍ୱର ଉଠିଥିଲା। ଭାରତରେ ମଧ୍ୟ ଏହାକୁ ତୀବ୍ର ବିରୋଧ କରାଯିବା ସହ ନାରୀଙ୍କ ସମ୍ମାନ ପ୍ରତି ତାହା ଏକ ବଡ ଆଘାତ ବୋଲି ଅଭିଯୋଗ ହୋଇଥିଲା। କେବଳ ଭାରତ ନୁହେଁ ବିଶ୍ୱର ପ୍ରାୟ ସବୁ ଦେଶରେ ଏହାକୁ ନେଇ ପ୍ରତିବାଦ ହୋଇଥିଲା। ଇଣ୍ଡୋନେସିଆ ଓ ମାଲେସିଆ ପକ୍ଷରୁ ଗ୍ରୋକ୍‌କୁ ନିଷିଦ୍ଧ କରାଯାଇଛି।

ବ୍ରିଟେନ୍ ସରକାର ମଧ୍ୟ ଏହି ଏଆଇ ଟୁଲ୍‌କୁ ନିଷିଦ୍ଧ କରିବା ଉପରେ ବିଚାର କରୁଛନ୍ତି। ଭାରତରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ପକ୍ଷରୁ 'ଏକ୍ସ'କୁ ଆକ୍ସନ ଟେକେନ୍ ରିପୋର୍ଟ ମଗାଯାଇଥିଲା। ଗ୍ରୋକ୍ ଜରିଆରେ ମହିଳାମାନଙ୍କ ଛବିକୁ ବିକୃତ ଓ ଅଶ୍ଳୀଳ କରାଯାଉଥିବା ଅଭିଯୋଗ ଆସିବା ପରେ 'ଏକ୍ସ' ପକ୍ଷରୁ କେବଳ ପେଡ୍ ୟୁଜରମାନଙ୍କ ଲାଗି ସେହି ସୁବିଧାକୁ ସୀମିତ ରଖାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କମ୍ପାନି ନିଜ ଆଭିମୁଖ୍ୟ ବଦଳାଇଥିଲା।

ଭାରତରେ 'ଏକ୍ସ' ପକ୍ଷରୁ ୩୫୦୦ରୁ ଅଧିକ ଅଶ୍ଳୀଳ ପୋଷ୍ଟକୁ ହଟାଯାଇଥିବା ବେଳେ ୬୦୦ରୁ ଅଧିକ ଆକାଉଣ୍ଟ ଡିଲିଟ୍ କରାଯାଇଛି। ଏଆଇ ଅପବ୍ୟବହାର ରୋକିବା ଲାଗି ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ 'ଏକ୍ସ'କୁ ସରକାର କହିଛନ୍ତି। 'ଏକ୍ସ' ହେଉଛି ବିଶ୍ୱର ଏକ ନମ୍ବର ଧନୀ ଏଲନ୍ ମସ୍କଙ୍କ ସୋସିଆଲ ମିଡିଆ କମ୍ପାନି। ପୂର୍ବରୁ ଥିବା ଟ୍ୱିଟରକୁ କିଣି ସେ ତାହାର ନାମକୁ ପରିବର୍ତ୍ତନ କରି 'ଏକ୍ସ' ରଖିଛନ୍ତି। ଗ୍ରୋକ୍ ହେଉଛି ତାଙ୍କ ଏଆଇ କମ୍ପାନି 'ଏକ୍ସଏଆଇ'ର ଏକ ଟୁଲ୍ ଯାହାକୁ 'ଏକ୍ସ' ସହିତ ସମନ୍ୱିତ କରାଯାଇଛି। ଗ୍ରୋକ୍‌ର ନିଜସ୍ୱ ଆପ୍ ମଧ୍ୟ ରହିଛି।

## ପ୍ରେମିକା ଘର ଆଗରେ ଝୁଲୁଛି ପ୍ରେମିକର ମୃତଦେହ



**ରାଜଗାଙ୍ଗପୁର: ଏକ୍ସପ୍ରେସ ନ୍ୟୁଜ୍**

ପ୍ରେମିକା ଘର ଆଗରେ ଝୁଲୁଛି ପ୍ରେମିକର ମୃତଦେହ। ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ଥାନା ଜାମପାଲି ପଦାରେ ଏଭଳି ଘଟଣା ଘଟିଛି। ମୃତ ଯୁବକ ଜଣକ ରାଜଗାଙ୍ଗପୁର ରାଣୀବନ୍ଦ ଅଞ୍ଚଳର ୨୫ବର୍ଷୀୟ ବିକାଶ ମହାନନ୍ଦିଆ ବୋଲି ଜଣାପଡିଛି।

ସୂଚ୍ନାନୁଯାୟୀ, ରାଜଗାଙ୍ଗପୁର ରାଣୀବନ୍ଦ ଅଞ୍ଚଳର ବିକାଶ ମହାନନ୍ଦିଆ ଜାମପାଲି ପଦାର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଗୁରୁବାର ଯୁବତୀଙ୍କ ଘର ଆଗରୁ ବିକାଶଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ପ୍ରେମରେ ବିଫଳ ହେବାରୁ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ସେପଟେ ମୃତକଙ୍କ ପରିବାର ଲୋକ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ରାଜଗାଙ୍ଗପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବିକାଶଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ମଣ୍ଡିରୁ ଉଠୁନି ଧାନ: ସମାଧାନ ହେଉନି ଚାଷୀଙ୍କ ସମସ୍ୟା

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ଚାଷୀଙ୍କ ସରକାର ବୋଲି କହୁଥିବା ଚାରି ଆଡେ ଡିମ୍‌ଡିମ୍ ପିଟୁଥିବା ମୋହନ ମାଝିଙ୍କ ରାଜ୍ୟ ସରକାର ଧିରେ ଧିରେ ଚାଷୀ ବିରୋଧି ହୋଇ ବସିଲାଣି। ଧାନର ଗନ୍ତାଘର କୁହାଯାଉଥିବା ପଶ୍ଚିମ ଓଡିଶାର ଚାଷୀଙ୍କ ସମସ୍ୟା ଯେପରି ଭାବେ ବଢି ଚାଲିଛି ଆଗାମୀ ଦିନରେ ଏକ ବଡ କୃଷକ ଆନ୍ଦୋଳନ ପାଇଁ ବାଟ ଫିଟାଉଛି। ମଣ୍ଡିରୁ ଧାନ ଉଠୁ ନାହିଁ। ଚାଷୀଙ୍କୁ ତାଙ୍କର ଉତ୍ପାଦିତ ଧାନ ହିସାବରେ ଟୋକନ ମିଳୁ ନାହିଁ। ଏହି ସମସ୍ୟା ଧାନକିଣା ଦିନ ଧାର୍ଯ୍ୟ ହେବା ଦିନ ଠାରୁ ଜାରି ରହିଛି। ପୁଣି ସରକାର ଚାଷୀଙ୍କ ସ୍ୱାର୍ଥ ରକ୍ଷା ପରିବର୍ତ୍ତେ ସ୍ୱାର୍ଥ ହାନି ହେଲା ଭଳିଆ ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ନେଉଛନ୍ତି। ଏଣୁ ବଲାଙ୍ଗିର ସଦର ବ୍ଲକ ଅଞ୍ଚଳର ହର୍ଡାଟାଲ ଠାରେ ଚାଷୀ ଓ ସାଧାରଣ ଜନତା ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଭେଟି ତାଙ୍କ ସମସ୍ୟା ଉପରେ ଅଭିଯୋଗ ରଖିଛନ୍ତି। ବର୍ତ୍ତମାନ ସରକାର ଘୋଷଣା କରିଛନ୍ତି ଯେ ୧୫୦ କ୍ୱିଣ୍ଟାଲ ଉପରେ ଯଦି କୌଣସି ଚାଷୀ ଧାନ ଅମଳ କରୁଛି ତେବେ ୧୫୦ କ୍ୱିଣ୍ଟାଲରୁ ଅଧିକ ଯେତେ ଧାନ ବିନା ବୋନସରେ କିଣାଯିବ। ତେଣୁ ଏହାକୁ ନେଇ ଚାଷୀମାନଙ୍କ ମନରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ଗୋଟିଏ ପଟରେ ସରକାରଙ୍କ କୃଷି ବିଭାଗ ଅଧିକ ଅମଳ ହେଉଥିବା ଧାନ ଚାଷ ପାଇଁ ପ୍ରୋତ୍ସାହିତ କରୁଥିବା ବେଳେ ଏପଟେ ଅଧିକ ଧାନ ଅମଳ କଲେ ବିନା ବୋନସରେ କିଣିବା ନିଷ୍ପତ୍ତି କାହିଁକି ନେଉଛନ୍ତି ଚାଷୀ ଏହାକୁ ନେଇ ପ୍ରଶ୍ନ କରୁଛନ୍ତି। ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ମଧ୍ୟ ଏଭଳି ନିଷ୍ପତ୍ତି ଚାଷୀ ସ୍ୱାର୍ଥ ବିରୋଧି ବୋଲି କହିଛନ୍ତି। ଆଲୋଚ୍ନା ବେଳେ ମଣ୍ଡିରୁ ଧାନ ନ ଉଠିବା, ଦ୍ୱିତୀୟ ପର୍ଯ୍ୟାୟ ଟୋକନ ଚାଷୀକୁ ପ୍ରଦାନ ଏ ପର୍ଯ୍ୟନ୍ତ ପ୍ରଦାନ ନ କରିବାକୁ ନେଇ ମଧ୍ୟ ଆଲୋଚ୍ନା ହୋଇଥିଲା। ଅମଳ ଋତୁରେ ଯଦି ସରକାର ଏପରି ଚାଷୀ ମାରଣ ନୀତି ଅବଲମ୍ବନ କରିବେ ଏବଂ ଚାଷୀଙ୍କୁ ତାର ଧାନ ବିକ୍ରି ସମୟରେ ବିଭିନ୍ନ ପ୍ରକାର ନକରାତ୍ମକ ପରିସ୍ଥିତି ସୃଷ୍ଟି କରିବେ ତେବେ ଆଗାମୀ ଦିନରେ ଚାଷୀମାନେ ନିଶ୍ଚିତ ଭାବରେ ଏହାର ସଠିକ ଜବାବ ଦେବେ ବୋଲି ସାଧାରଣ ଲୋକ କହିଛନ୍ତି। କିଛି ଚାଷୀ ଚାଷ ପାଇଁ ହେଉଥିବା ବିଜୁଳି ସମସ୍ୟା ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରିଥିଲେ। ଏହାକୁ ନେଇ ଶ୍ରୀ ମିଶ୍ର ଉପରସ୍ତ ଅଧିକାରୀଙ୍କ ସହ ଆଲୋଚ୍ନା କରି ତାର ସମାଧାନର ବାଟ ବାହାର କରିବେ ବୋଲି ଉପସ୍ଥିତ ଲୋକଙ୍କୁ କହିଥିଲେ। ଆଜିର ଏହି ଆଲୋଚ୍ନା ବେଳେ ମାଗୁରବେଡା ସରପଞ୍ଚ ସଂଜୟ ଗଡତ୍ୟା, ବେଲାରସିଂ ଭୋଇ, ରାଧାକାନ୍ତ ଭୋଇ, ଭରତ ସାହୁ, ଅଜୟରାଜ ଗଡତ୍ୟା, ମଧୁସୁଦନ ଭୋଇ, ଦୁର୍ଗା ପ୍ରସାଦ ଭୋଇ, ସୁଦାମ ପ୍ରଧାନଙ୍କ ସହ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।



### ସିନେମାଫିନେମା ଟିଭିଫିଭି

## ବିଜୟଙ୍କ ଫିଲ୍ମକୁ ନେଇ ବଢୁଛି ଅଡୁଆ

ସୁପ୍ରିମକୋର୍ଟ ଗୁରୁବାର ଅଭିନେତା-ରାଜନେତା ବିଜୟଙ୍କ ଅଭିନୀତ ତାମିଲ ଚଳଚ୍ଚିତ୍ର 'ଜନ ନାୟାଗନ'ର ପ୍ରଯୋଜକଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି, ଯେଉଁଥିରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ (ସିବିଏଫସି)କୁ ଫିଲ୍ମର ମୁକ୍ତି ପାଇଁ ସେନ୍ସର ସାର୍ଟିଫିକେଟ୍ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଥିଲା।

ତାଙ୍କ ଆଦେଶରେ, ବିଚାରପତି ଦୀପଙ୍କର ଦତ୍ତା ଏବଂ ଅଗଷ୍ଟିନ୍ ଜର୍ଜ ମାସିହଙ୍କ ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି ଯେ ମାଡ୍ରାସ ହାଇକୋର୍ଟର ଡିଭିଜନ ବେଞ୍ଚ ପୂର୍ବରୁ ଏହି ମାମଲା ଉପରେ ନଜର ରଖିଛି ଏବଂ ଜାନୁଆରୀ ୨୦ ତାରିଖରେ ଆବେଦନର ଶୁଣାଣି କରିବାକୁ ସ୍ଥିର କରାଯାଇଛି।

'ଆମେ ହସ୍ତକ୍ଷେପ କରିବାକୁ ଆଗ୍ରହୀ ନୁହେଁ। ଡିଭିଜନ ବେଞ୍ଚ ଜାନୁଆରୀ ୨୦ ତାରିଖରେ ଆବେଦନର ନିଷ୍ପତ୍ତି ନେବାକୁ ଚେଷ୍ଟା କରିବା ଉଚିତ,'ଜଷ୍ଟିସ ଦତ୍ତାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କୌଣସି ଆଶ୍ୱସ୍ତି ଦେବାକୁ ମନା କରି କହିଛନ୍ତି।

କେଭିଏନ୍ ପ୍ରଡକ୍ସନ୍ସ ଏଲଏଲପି ଦ୍ୱାରା ସ୍ୱତନ୍ତ୍ର ଲିଭ୍ ପିଟିସନ୍ (ଏସଏଲପି) ଦାୟର କରାଯାଇଥିଲା, ଯାହା ମାଡ୍ରାସ ହାଇକୋର୍ଟ ଡିଭିଜନ ବେଞ୍ଚର ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶକୁ ଚ୍ୟାଲେଞ୍ଜ କରିଥିଲା, ଯାହା ସିବିଏଫସି ଦ୍ୱାରା ତୁରନ୍ତ ସେନ୍ସର ସାର୍ଟିଫିକେଟ୍ ଜାରି କରିବା ପାଇଁ ଜଣେ ବିଚାରପତିଙ୍କ ନିର୍ଦ୍ଦେଶକୁ ସ୍ଥଗିତ ରଖିଥିଲା।

ପୂର୍ବରୁ, ଜାନୁଆରୀ ୯ ତାରିଖରେ, ମାଡ୍ରାସ ହାଇକୋର୍ଟର ଏକକ ବିଚାରପତି ଖଣ୍ଡପୀଠ ପ୍ରଯୋଜକଙ୍କ ଆବେଦନକୁ ଗ୍ରହଣ କରିଥିଲେ ଏବଂ ଫିଲ୍ମକୁ ତୁରନ୍ତ ୟୁ/ଏ ୧୬+ ପ୍ରମାଣପତ୍ର ପ୍ରଦାନ କରିବାକୁ ସିବିଏଫସିକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି, ସେହି ଦିନ, ସିବିଏଫସି ଡିଭିଜନ୍ ବେଞ୍ଚ ସମ୍ମୁଖରେ ଏକ ଜରୁରୀ ଆବେଦନ ଦାଖଲ କରିଥିଲା, ଯାହା ମାମଲାର ଶୁଣାଣି କରି ଏକକ ବିଚାରପତି ଖଣ୍ଡପୀଠଙ୍କ ନିର୍ଦ୍ଦେଶକୁ ସ୍ଥଗିତ ରଖିଥିଲା, ଯାହା ଫଳରେ ପ୍ରଯୋଜକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମୁଖ୍ୟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବ ଏବଂ ବିଚାରପତି ଜି. ଅରୁଳ ମୁରୁଗାନଙ୍କୁ ନେଇ ଗଠିତ ଡିଭିଜନ୍ ବେଞ୍ଚ ଜାନୁଆରୀ ୨୦ରେ ପରବର୍ତ୍ତୀ ଶୁଣାଣି ପାଇଁ ମାମଲାକୁ ସ୍ଥଗିତ ରଖିଥିଲେ।

ବିଚାରପତି ପିଟି ଆଶାଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶକୁ ସ୍ଥଗିତ ରଖି, ଡିଭିଜନ୍ ବେଞ୍ଚ କହିଥିଲେ ଯେ ସିବିଏଫସିକୁ ଉତ୍ତର ଦେବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ନଦେଇ ଏହି ନିର୍ଦ୍ଦେଶ ଦିଆଯାଇଛି। ଏଥିରେ କୁହାଯାଇଛି ଯେ ରିଟ୍ ପିଟିସନ୍ ଜାନୁଆରୀ ୬ ତାରିଖରେ ଦାୟର କରାଯାଇଥିଲା ଏବଂ ଜାନୁଆରୀ ୭ ତାରିଖରେ ଶୁଣାଣି ପାଇଁ ନିଆଯାଇଥିଲା।

ସିବିଏଫସି କ୍ଲିଅରାନ୍ସ ବିନା ମୁକ୍ତି ତାରିଖ ଘୋଷଣା କରିବାର ନିର୍ମାତାଙ୍କ ନିଷ୍ପତ୍ତିକୁ ପ୍ରଶ୍ନ କରି ଡିଭିଜନ ବେଞ୍ଚ ମନ୍ତବ୍ୟ ଦେଇଥିଲେ ଯେ ଚଳଚ୍ଚିତ୍ରର ପ୍ରଯୋଜକମାନେ ଚଳଚ୍ଚିତ୍ରର ପ୍ରସ୍ତାବିତ ମୁକ୍ତି ତାରିଖ ଜାନୁଆରୀ ୯ ଉଲ୍ଲେଖ କରି ମାଡ୍ରାସ ହାଇକୋର୍ଟ ଉପରେ ଅନାବଶ୍ୟକ ଚାପ ପକାଇଥିବା ପରି ମନେ ହେଉଛି।

ପରୀକ୍ଷା କମିଟିର ଜଣେ ସଦସ୍ୟଙ୍କ ଦ୍ୱାରା ଉଠାଇଥିବା ଆପତ୍ତି ପରେ ପ୍ରମାଣପତ୍ରରେ ବିଳମ୍ବ ସହିତ ଏହି ବିବାଦ ଜଡିତ, ଯଦିଓ ବାକି ସଦସ୍ୟମାନେ କିଛି ପରିବର୍ତ୍ତନ ସହିତ ୟୁ/ଏ ୧୬+ ପ୍ରମାଣପତ୍ର ସୁପାରିଶ କରିଥିଲେ।

ରାଜନୀତିରେ ପୂର୍ଣ୍ଣକାଳୀନ ପ୍ରବେଶ ପୂର୍ବରୁ ବିଜୟଙ୍କ ଶେଷ ଚଳଚ୍ଚିତ୍ର ମୁକ୍ତିଲାଭକୁ ନେଇ 'ଜନ ନାୟାଗନ୍' ଉପରେ କଡ଼ା ନଜର ରଖାଯାଇଛି।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୧୬ ଜାନୁଆରୀ ୨୦୨୬ । ଶୁକ୍ରବାର

# ଆଜିର ରାଶିଫଳ

| ତାରିଖ ୧୬.୧.୨୦୨୬ | ଶୁକ୍ରବାର– ତ୍ରୟୋଦଶୀ ନକ୍ଷତ୍ର– ମୂଳା, ଧନୁଚନ୍ଦ୍ର |
|---|---|
| ମେଷ | ଭଲ କାମ କରି ଖୁସି ପାଇବେ । |
| ବୃଷ | ଦୁର୍ଘଟଣା ଭୟ ରହିଛି । |
| ମିଥୁନ | ଦ୍ରବ୍ୟଲାଭ ଯୋଗ ରହିଛି । |
| କର୍କଟ | ସୁସମ୍ବାଦ ପ୍ରାପ୍ତି ହେବେ । |
| ସିଂହ | ବନ୍ଧୁ ସହଯୋଗ ପାଇବେ । |
| କନ୍ୟା | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| ତୁଳା | ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । |
| ବିଛା | ସମ୍ମାନିତ ହେବେ । |
| ଧନୁ | ଆଭୂଷଣ ପ୍ରାପ୍ତି ହେବେ । |
| ମକର | ପୂର୍ବର କିଛି କଥାକୁ ନେଇ ମନସ୍ତାପ କରିବେ । |
| କୁମ୍ଭ | ଯାତ୍ରା ସୌଖ୍ୟପ୍ରଦ ରହିବ । |
| ମୀନ | ବ୍ୟବସାୟରେ ଆୟ ବୃଦ୍ଧି ପାଇବ । |

# ଅଧାରୁ ବନ୍ଦ ହେଲା ଜିପିଏଲ୍ଏଫ୍ କୋଠା ନିର୍ମାଣ



**୧୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନବରଙ୍ଗପୁର ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଦଳକୁ ଆର୍ଥିକସ୍ତରରେ ସଶକ୍ତ କରିବା କଥା କରିପାରିନି । ଗତ ୪ବର୍ଷ ତଳେ ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘ (ଜିପିଏଲଏଫ) ଜରିଆରେ ବିଭିନ୍ନ ବ୍ୟବସାୟ, ବୃତ୍ତି, ଚାଷ ଆଦି କରିବା ପାଇଁ ପ୍ରଶିକ୍ଷଣ ଦେବାକୁ ଗୋଟିଏ କୋଠା ନିର୍ମାଣ କରିବାକୁ ତତ୍କାଳୀନ ସରକାର ଚିନ୍ତା କରିଥିଲେ । ଜିଲ୍ଲାରେ ଉମରକୋଟ ବ୍ଲକକୁ ବାଦ ଦେଇ ୯ ବ୍ଲକରେ ୫୦ଟି ଜିପିଏଲଏଫ୍ ପାଇଁ କୋଠା ପିଛା ୩୦ଲକ୍ଷ ଲେଖାଏଁ ୧୫କୋଟି ଟଙ୍କା ଅନୁଦାନ ମିଳିଥିଲା ।

ଏଥିରୁ ମାତ୍ର ୫ଟିର ନିର୍ମାଣ ସରିଥିବାବେଳେ ୩ଟି ଆରମ୍ଭ ହୋଇନି ଓ ୪୨ଟି ନିର୍ମାଣାଧୀନ ରହିଛି । ଏବେ ନୂଆ ସରକାର ଆସିବା ପରେ ଏହି କୋଠା ନିର୍ମାଣକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନୁଦାନ ଟଙ୍କା ଫେରି ଯାଇଥିଲା । ଏବେ ପୁଣି ନୂଆରେ ବିଡିଓମାନେ ସେହି ପ୍ରକଳ୍ପକୁ ନୂଆ ଆର୍ଥିକ ବର୍ଷରେ ନିର୍ମାଣ କରିବାକୁ ଅନୁମତି ମାଗିଛନ୍ତି । ଏବେ ନୂଆରେ ଆରମ୍ଭ ହେବ ବୋଲି ମିଶନଶକ୍ତି ଡିପିସି ନିରଞ୍ଜନ ଟାଙ୍ଗରଙ୍ଗ କହିଛନ୍ତି ।

ଜିଲ୍ଲାର ୧୦ଟି ବ୍ଲକର ୧୮୯ଟି ପଞ୍ଚାୟତରେ ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘ (ଜିପିଏଲଏଫ), ୧୮୭ଟି କ୍ଲଷ୍ଟରସ୍ତରୀୟ ମହାସଂଘ (ସିଏଲଏଫ), ୧୪,୨୨୪ଟି ଏସଏଚଜି ରହିଛି । ୫୦ଟି ଜିପିଏଲଏଫ୍ କୋଠା ମଧ୍ୟରୁ ଚନ୍ଦାହାଣ୍ଡି ବ୍ଲକର ୨ଟି ଓରାଇଘର ବ୍ଲକର ଗୋଟିଏ ଏଭଳି ୩ଟିର ନିର୍ମାଣ ଏଯାଏଁ ଆରମ୍ଭ ହୋଇପାରିନି । ନବରଙ୍ଗପୁର ବ୍ଲକର ଗୋଟିଏ ଓ ଡାବୁଗାଁ ବ୍ଲକର ୪ଟି ଏଭଳି ୫ଟିର ନିର୍ମାଣ ସରିଛି । ନନ୍ଦାହାଣ୍ଡି ବ୍ଲକରେ ୨ଟି, ତେନ୍ତୁଳିଖୁଣ୍ଟିର ୪ଟି, ଡାବୁଗାଁର ଗୋଟିଏ, ଝରିଗାଁର ୨ଟି, କୋଷାଗୁମୁଡା ବ୍ଲକର ୧୧ଟି, ପାପାଡାହାଣ୍ଡି ବ୍ଲକର ୨ଟି, ନବରଙ୍ଗପୁର ବ୍ଲକର ୮ଟି, ଚନ୍ଦାହାଣ୍ଡି ବ୍ଲକର ୩ଟି, ରାଇଘର ବ୍ଲକର ୯ଟି ଏଭଳି ୪୨ଟିର ନିର୍ମାଣାଧୀନ ରହିଛି । ବିଡିଓମାନଙ୍କ ଅନୁରୋଧକୁ ଜିଲ୍ଲାପାଳଙ୍କ ଅନୁମୋଦନ କରି ରାଜ୍ୟସରକାରଙ୍କ ନିକଟରେ ଦାଖଲ କରାଯାଇଛି । ବହୁତ ଶୀଘ୍ର ନୂଆ ଅନୁଦାନ ମଞ୍ଜୁର ହୋଇ ଆସିବା ସହ ୪୫ଟିର ନିର୍ମାଣ ଆରମ୍ଭ ହେବ ବୋଲି କହିଛନ୍ତି ମିଶନଶକ୍ତି ଡିପିସି । ଜିପିଏଲଏଫ୍ କୋଠା ନିର୍ମାଣ ହେବା ଦ୍ୱାରା ମହାସଂଘର ମହିଳା ସ୍ୱୟଂ ସହାୟକ ଦଳଙ୍କୁ ଏହି କୋଠାରେ ବିଭିନ୍ନ ପ୍ରଶିକ୍ଷଣ ଦେବା ସହ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ ସଚେତନ କରି ହେବ । ଏହି କୋଠାରେ ସେମାନେ ଏକଜୁଟ ହୋଇ ନିଜେ କିଭଳି ସଶକ୍ତ ହୋଇ ପାରିବେ ବୋଲି ଓଏଲଏମ୍ ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧିକା ସସ୍ମିତା ସାମନ୍ତରାୟ କହିଛନ୍ତି ।

# ଏସ୍ଆଇଆର୍ ଯାଞ୍ଚ ପରେ ସୁକିନ୍ଦାରେ ନକଲି ଭୋଟର ବାଦ୍, ବିଦେଶୀ ଚିନ୍ତାରେ

**କଳିଙ୍ଗନଗର, ୧୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ଭୋଟର ତାଲିକାକୁ ସୁଦୃଢ଼, ପାରଦର୍ଶୀ ଓ ଅଯୋଗ୍ୟ ନାମରୁ ମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟସ୍ତରରେ ସ୍ପେସାଲ ଇଣ୍ଟେନ୍ସିଭ୍ ରିଭିଜନ (ଏସ୍ଆଇଆର୍) ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପ୍ରକ୍ରିୟାରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀର କାଳିଆପାଣି ଖଣିଅଞ୍ଚଳ ଓ କଳିଙ୍ଗନଗର ଶିଳ୍ପାଞ୍ଚଳ ଉପରେ ନିର୍ବାଚନ କମିଶନଙ୍କର ବିଶେଷ ଓ କଡ଼ା ନଜର ଥିବା ଚର୍ଚ୍ଚା ହେଉଛି । ଯାଜପୁର ଜିଲ୍ଲାରେ ସୁକିନ୍ଦା ଓ ଦାନଗଦି ବ୍ଲକ୍ ଖଣି ଓ ଶିଳ୍ପାଞ୍ଚଳ ହୋଇଥିବାରୁ ଏହାକୁ 'ହାଇ ରିସ୍କ ଜୋନ୍' ଭାବେ ଚିହ୍ନଟ କରାଯାଇଛି । ବିଶେଷକରି କାଳିଆପାଣି ଓ ଟମକା ରୋଡ୍ ବେଲ୍ଟ ଅଞ୍ଚଳରେ କ୍ରୋମାଇଟ୍ ଖଣି, ଶିଳ୍ପ ଓ ଠିକା ଶ୍ରମିକ ଭାବେ କାମ ସହ ଜଡିତ ଥିବା ବହୁ ସଂଖ୍ୟକ ବାହାର ରାଜ୍ୟ, ବାହାର ଜିଲ୍ଲା ଓ ବିଦେଶୀ ଶ୍ରମିକଙ୍କ ଆଗମନ ହେଉଥିବାରୁ ଯାଞ୍ଚ ପ୍ରକ୍ରିୟା ଅଧିକ କଡ଼ା କଡ଼ି କରାଯିବା ଆବଶ୍ୟକ ହୋଇପଡିଛି । ବହୁ ଶ୍ରମିକ ଅସ୍ଥାୟୀ ଠିକଣା, ଡବଲ୍ ଏଣ୍ଟ୍ରି ଉପରେ ସନ୍ଦେହ ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ଅସ୍ଥାୟୀ ଠିକଣା, ଭଡା ଘର, ଶ୍ରମିକ କ୍ୟାମ୍ପ ଆଧାରରେ ଭୋଟର ତାଲିକାରେ ନାମ ଥିବା ଅନେକ ମାମଲା ଚିହ୍ନଟ ହୋଇଛି । କୋରେଇ–ସୁକିନ୍ଦା ସୀମାନ୍ତ ଗ୍ରାମ ଓ ୱାର୍ଡଗୁଡିକରେ ଠିକଣା ପରିବର୍ତ୍ତନ ହେତୁ ଗୋଟିଏ ଲୋକଙ୍କ ନାମ ଦୁଇଟି ୱାର୍ଡରେ ଥିବା ସନ୍ଦେହ ଉପସ୍ଥିତ ହୋଇଛି । ଏହି କାରଣରୁ ସୀମାନ୍ତ ଅଞ୍ଚଳରେ ଫିଲ୍ଡ ଭେରିଫିକେସନ୍ ଜୋରଦାର କରାଯାଥିବା ଆବଶ୍ୟକ । ୨୦୦୨ ଓ ୨୦୨୫ ଭୋଟର ତାଲିକାରେ ଯାହାଙ୍କ ନାମ ନାହିଁ, ସେମାନଙ୍କୁ ନାଗରିକତା ଓ ଯୋଗ୍ୟତା ସାବ୍ୟସ୍ତ କରିବା ପାଇଁ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡ଼ିବ । ଯାଞ୍ଚ ପରେ ଅଯୋଗ୍ୟ, ନକଲି ଓ ସନ୍ଦେହଜନକ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାର ସମ୍ଭାବନା ବେଶି ବୋଲି ଜଣାପଡ଼ିଛି । ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ କଡ଼ା ନଜର ସୁକିନ୍ଦା–କଳିଙ୍ଗନଗର ଶିଳ୍ପାଞ୍ଚଳରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ନାମ ଭୋଟର ତାଲିକାରେ ଥିବା ନେଇ ବିଭିନ୍ନ ସ୍ତରରେ ଅଭିଯୋଗ ଆସୁଥିବାରୁ, ଏସ୍ଆଇଆର୍ ଯାଞ୍ଚରେ କଳିଙ୍ଗନଗରକୁ 'ସେନ୍ସିଟିଭ୍ ଜୋନ୍' ଭାବେ ଚିହ୍ନଟ କରାଯାଇଛି । ଆଧାର କାର୍ଡ, ଜନ୍ମ ପ୍ରମାଣପତ୍ର, ପାସପୋର୍ଟ, ପୁରୁଣା ଭୋଟର ଆଇଡି, ଶିକ୍ଷା ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଘର/ଜମି ପତ୍ର, ପରିବାର ପଞ୍ଜୀକରଣ, ୧୯୮୭ ଜୁଲାଇ ପୂର୍ବରୁ ମିଳିଥିବା ସରକାରୀ ପରିଚୟ, ପେନ୍ସନ ଓ ଜଙ୍ଗଲ ଅଧିକାର ପ୍ରମାଣପତ୍ର ଆଦି ଡକ୍ୟୁମେଣ୍ଟ ଦେଖାଇବାରେ ଅସଫଳ ହୁଅନ୍ତି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ଏସ୍ଆଇଆର୍‌କୁ ନେଇ ସାରା ଦେଶରେ ବିରୋଧୀଦଳମାନେ ଆପତ୍ତି ଉଠାଇଥିବା ବେଳେ, ଓଡ଼ିଶାର ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କହିଛନ୍ତି । ଯୋଗ୍ୟ ଭୋଟରଙ୍କ ଅଧିକାର ସୁରକ୍ଷିତ ରହିବ, କେବଳ ଅଯୋଗ୍ୟ ଓ ନକଲି ଭୋଟରଙ୍କ ନାମ ହଟାଯିବ ନିଶ୍ଚିତ ହୋଇପଡିଛି । ସୁକିନ୍ଦାବାସୀଙ୍କ ପାଇଁ ସତର୍କ ସନ୍ଦେଶ ଯାହାଙ୍କ ନାମକୁ ନେଇ ସନ୍ଦେହ ରହିଛି, ସେମାନେ ଆଗୁଆ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାକୁ ପଡିବ । ସ୍ପେସାଲ ଇଣ୍ଟେନ୍ସିଭ୍ ରିଭିଜନ ପ୍ରକ୍ରିୟା ପରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ, ଯାହା ଆଗାମୀ ନିର୍ବାଚନର ରାଜନୈତିକ ସମୀକରଣକୁ ପ୍ରଭାବିତ କରିପାରେ ।

# ୩ ୱାରେଣ୍ଟି ଗିରଫ

**ନିଆଳି : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ପୋଲିସ୍ ବିଭିନ୍ନ ଜାଗାରେ ଚଢ଼ାଉ କରି ପୁରୁଣା ମାମଲାରେ ଫେରାର ଥିବା ଅଭିଯୁକ୍ତମାନଙ୍କୁ କୌଣସି ସୂତ୍ରରୁ ଖବର ପାଇ ଘରକୁ ଆସିଥିବା ଜାଣି ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଜିଆର କେସ୍ ନମ୍ବର ୮୫/ ୨୦୧୭ରେ ନିଆଳି ପ୍ରଧାନ ସାହିର ଭୋଲି ରାଉତଙ୍କ ପୁଅ ବାବାଜୀ ରାଉତ (୫୦)ଜିଆର ୨୬/୨୦, ୨୧୨/୨୪ ରେ ନୂଆ ଗାଁ ର ପ୍ରକାଶ ମଲିକ ଙ୍କ ପୁଅ ହେମନ୍ତ ଓରଫ ଡଲିଆ ମଲିକ୍ (୪୦), ଜିଆର ୩୭୩/୨୩, ୨୦/୨୫ ରେ ମାଧବ ଗ୍ରାମର ରାଜେନ୍ଦ୍ର ପୁଷ୍ପାଳକ ଙ୍କ ପୁଅ ମାଧବ ଚନ୍ଦ୍ର ପୁଷ୍ପାଳକ (୨୧)ଏମାନଙ୍କ ନାମରେ ଏକାଧିକ ୱାରେଣ୍ଟ ଜାରି ରହିଥିବା ବେଳେ ଏମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନିଆଳି ଥାନା ଅଧିକାରୀ ଦିଲ୍ଲୀପ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ମାଞ୍ଜାସୂତା ଲାଗି ଜଣେ ଆହତ

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ସହରରେ ଗୁଡି ପାଇଁ ମାଞ୍ଜା ସୂତା ବ୍ୟବହାର ବିପଦ ସୃଷ୍ଟି କରିଛି । ଏପରିକି ଏହି ମାଞ୍ଜା ସୂତା ଲାଗି ଜଣେ ଯୁବକ ଆହତ ହୋଇଛନ୍ତି । ମୀନା ବଜାର ଅଞ୍ଚଳରେ ଘଟିଛି ଘଟଣା । ଢେଙ୍କାନାଳ ସହରର ମୁଖ୍ୟ ରାସ୍ତା ଦେଇ ୨ଜଣ ଯୁବକ ବାଇକରେ ଯାଉଥିବା ସମୟରେ ମାଞ୍ଜା ସୂତା ଲାଗି ଯାଇଥିଲା । ଯେଉଁଥିରେ ସଦରଥାନା ଅନ୍ତର୍ଗତ ସାଇଁବିରୀ ଗାଁର ୨୩ ବର୍ଷୀୟ ଅଭିଷେକ ସାହୁଙ୍କ ନାକ ଓ ଆଙ୍ଗୁଠି କଟି ଯାଇଥିଲା । ଯୁବକ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସାପରେ ଘରକୁ ଯାଇଥିବା ଜଣାପଡିଛି । ତେବେ ଏହି ଘଟଣା ପରେ ଖବର ପାଇ ଟାଉନ ପୁଲିସ ମିନ ବଜାର ଅଞ୍ଚଳରେ ଛାନ୍‌ଭିନ ଆରମ୍ଭ କରିଛି । ତେବେ ମିନା ବଜାର ଅଞ୍ଚଳରୁ ଏହି ମାଞ୍ଜା ସୂତା ଜବତ କରିଛି ପୋଲିସ। ତେବେ ମୀନା ବଜାର ଓ ଆଖପାଖ ଅଞ୍ଚଳରେ ପୁଲିସ ମାଞ୍ଜା ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ଯୁବକଙ୍କୁ ଖୋଜୁଛି ।

# କପିଳାସ ପୀଠରେ ପାଣି ଟ୍ୟାପରେ ଆସୁନି ପିଇବା ପାଣି

**ଢେଙ୍କାନାଳ, ୧୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଁଦିଆ ବ୍ଲକର ପ୍ରସିଦ୍ଧ ଶୈବପୀଠ କପିଳାସ ଠାରେ ବିଜେ ବାବା ଚନ୍ଦ୍ରଶେଖରଙ୍କର ମୁଖ୍ୟ ମନ୍ଦିର ପ୍ରାଙ୍ଗଣଠାରେ ଭକ୍ତମାନଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇ ଟ୍ୟାପମାନ ବସାଯାଇଛି ଶତ କିନ୍ତୁ ଉକ୍ତ ଟ୍ୟାପଗୁଡିକରେ ଦୀର୍ଘଦିନ ଧରି ପାଣି ଆସୁନଥିବାର ଜଣାଯାଏ । ଯାହାକୁ ନେଇ ଏଠାକୁ ପ୍ରତିଦିନ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି । ଢେଙ୍କାନାଳ ଜିଲ୍ଲାର ଧର୍ମୀୟ କ୍ଷେତ୍ରସ୍ଥଳୀ ଭାବରେ ଏହି କପିଳାସ ପୀଠ ପ୍ରମୁଖ ସ୍ଥାନ ଭାବରେ ଗୁରୁତ୍ୱ ବହନ କରି ଆସୁଛି । କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ପ୍ରତିବର୍ଷ ଉକ୍ତ ପୀଠର ଉନ୍ନତି କରଣ ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ରାଶି ଆସିଥାଏ କିନ୍ତୁ ପ୍ରକୃତ



କ୍ଷେତ୍ରରେ କେତେ ବିନିଯୋଗ ହୁଏ ତାହାର କିଛି କାରଣ ନାହିଁ । ଏହା କେବଳ ଏକ ଧର୍ମୀୟ ପୀଠ ସ୍ଥଳ ନୁହେଁ । ଉକ୍ତ ପୀଠଟି ଏକ ପାହାଡ଼ ପରିବେଷ୍ଟନୀ ହରାଭରା ବନାନୀ ଅଟେ । ଏହାର ପ୍ରାକୃତିକ ପରିବେଶ ଏତେ ସୌନ୍ଦର୍ଯ୍ୟଶାଳୀ ମନୋରମ ଅଟେ ପ୍ରତିବର୍ଷ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଧାଇଁ ଆସନ୍ତି ତତ ସହିତ ଏଠାରେ ଥିବା ବିଜ୍ଞାନ ଉଦ୍ୟାନ, ହାତୀ ସୁରକ୍ଷା କେନ୍ଦ୍ର, ମୃଗ ବିହାର ଗୁଡିକ ବିଶେଷ ଆକର୍ଷଣ ବହନ କରିଥାଏ । ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ମାନେ ଟିକିଏ ଶାନ୍ତି ଓ ଖୁସି ପାଇବା ପାଇଁ ଉକ୍ତ କ୍ଷେତ୍ରକୁ ଆବୋରି ନେଇଥାନ୍ତି । କିନ୍ତୁ ଉକ୍ତ ପୀଠ ଏତେ ଗୁରୁତ୍ୱ ପୂର୍ଣ୍ଣ ବହନ କରୁଥିବା ବେଳେ ସାମାନ୍ୟ ପିଇବା ପାଣି ମୁନ୍ଦାଏ ପାଇଁ ଭକ୍ତ ଟିଏ କେତେ ଅସୁବିଧାର ସମ୍ମୁଖୀନ ହେଉଛି ତାହା କଣ ଉକ୍ତ ମନ୍ଦିର ପରିଚାଳନାର ଦାୟିତ୍ୱବହନ କରୁଥିବା ଜିଲ୍ଲା ଦେବୋତ୍ତର ବିଭାଗର ନଜର ପଡୁନାହିଁ। ଯାହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳୁଛି ତୁରନ୍ତ ଏହି ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବକୁ ସାଧାରଣରେ ଦାବି ହେଉଛି ।

# ବ୍ରାଉନସୁଗାର ଜବତ, ୨ ଗିରଫ

**ଖୋର୍ଦ୍ଧା, ୧୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୋଲଗଡ ଥାନା ଅଧୀନରେ ବାଙ୍କୋଇ ଫାଣ୍ଡି ନିକଟରେ ୫୨ ଗ୍ରାମ ବ୍ରାଉନସୁଗାର, ୭ ଏମଏମ ପିସ୍ତଲ, ୩ ରାଉଣ୍ଡ ଜୀବନ୍ତ ଗୁଳି, ୧୧ ହଜାର ନଗଦ ଟଙ୍କା ଓ ଗୋଟିଏ ମୋଟର ସାଇକେଲ ସମେତ ଗୋଟିଏ ମୋବାଇଲ ଜବତ କରିଛି ବୋଲଗଡ ପୁଲିସ । ଖୋର୍ଦ୍ଧା ଏସପି ଶ୍ରୀ ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ, ଖୋର୍ଦ୍ଧା ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଓ ବୋଲାଗଡ଼ ଥାନା ପ୍ରଭାରୀ ଇନ୍ସପେକ୍ଟର ସୁକାନ୍ତ ଦଳାଇଙ୍କ ତତ୍ତ୍ୱାବଧାନରେ ଏକ ଗୁପ୍ତଚର ସୂଚନା ଆଧାରରେ ଏକ ଟିମ ଗଠିତ ହୋଇଥିଲା । ଏସଆଇ ହାଡୁବନ୍ଧୁ ଦାଶ, ଏଏସଆଇ ମିହିର ରଞ୍ଜନ ପ୍ରଧାନ ଓ ଅନ୍ୟ ସଦସ୍ୟମାନେ ଆଜି ଦିନସାରା ୧୦ଟା ସୁଦ୍ଧା ବାଙ୍କୋଇ ଫାଣ୍ଡି ନିକଟରେ ପହଞ୍ଚି ଯାଞ୍ଚ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି କ୍ରମରେ ୧ଟା ୩୦ ମିନିଟ୍ ସୁଦ୍ଧା ସେମାନେ ଜିଲ୍ଲାର ବୋଲାଗଡ଼ ଥାନା ଅନ୍ତର୍ଗତ ମଣିକପୁର ଗ୍ରାମର ୨୩ ବର୍ଷ ବୟସ୍କ ଜଣେ ଯୁବକଙ୍କୁ ସନ୍ଦେହରେ ଅଟକରଖି ତଦନ୍ତ କରିବା ସମୟରେ ଯୁବକଙ୍କ ବ୍ୟାଗରୁ ୫୨ ଗ୍ରାମ ବ୍ରାଉନସୁଗାର, ୭ ଏମ ଏମ ପିସ୍ତଲ, ୩ ରାଉଣ୍ଡ ଜୀବନ୍ତ ଗୁଳି , ୧୧ ହଜାର ନଗଦ ଟଙ୍କା ଗୋଟିଏ ମୋଟର ସାଇକେଲ ସମେତ ଗୋଟିଏ ମୋବାଇଲ ଜବତ କରାଯାଇଛି । ଗିରଫ ଯୁବକ ବିରୁଦ୍ଧରେ ବେଆଇନ ବନ୍ଧୁକ ଚାଲାଣ ସାଙ୍ଗକୁ ନିଶା ଦ୍ରବ୍ୟ ଚାଲାଣକୁ ନେଇ ଧାରା ୨୧(ବି) ସହିତ ଆଇନ୍ ଧାରା ୨୫ ଅଧିନରେ ମାମଲା ପଞ୍ଜିକୃତ କରିଛି ବୋଲଗଡ ଥାନା ପୁଲିସ । ଏବଂ ଯୁବକ ଜଣକ କେଉଁଠାରୁ ବନ୍ଧୁକ ଆଣିଥିଲେ ଓ ନିଶା କାରବାର କାହା ସହିତ କରିବା ପାଇଁ ଯୋଜନା ରଖିଥିଲେ ତାହାର ଅଧିକ ତଦନ୍ତ ଇନ୍ସପେକ୍ଟର ଶୁକାନ୍ତ ଦଳାଇ କରୁଥିବା ସୂଚନା ଜିଲ୍ଲା ପୁଲିସ ପକ୍ଷରୁ ମିଳିଛି ।

ସେହିପରି ଖୋର୍ଦ୍ଧା ପୌରପରିଷଦ ଗୁରୁଜଙ୍ଗ ରାସ୍ତା ନାଗମାତା ମାନସଦେବୀ ମନ୍ଦିର ନିକଟରୁ ଖୋର୍ଦ୍ଧା ଅବକାରୀ ମୋବାଇଲଟିମ ଦ୍ୱାରା ୧୧୫ ଗ୍ରାମ ବ୍ରାଉନ ସୁଗାର ସମେତ ସ୍କୁଟି ଜବତ ଯୁବକ ଗିରଫ । ଗିରଫ ନିଶା ବ୍ୟବସାଇ ଦୁଇଜଣ ଗୁରୁଜଙ୍ଗ ଭୋଇସାହିର ତ୍ରିନାଥ ଭୋଇ ବୟସ ୩୬ ପିତା କୈଳାସ ଭୋଇ ଏବଂ ସେହି ଗ୍ରାମର ଉପେନ୍ଦ୍ର ଭୋଇ (୫୬) ପିତା ରଘୁନାଥ ଭୋଇ । ଅବକାରୀ ମୋବାଇଲ ଟିମ ପାଇଥିବା ସୂଚନା ଅନୁଯାଇ ଆଦର୍ଶା ଥାନା ଅଧୀନ ଗୁରୁଜଙ୍ଗ ନାଗମାତା ମାନସିଦେବୀ ମନ୍ଦିର ନିକଟରେ ବ୍ରାଉନ ସୁଗାର ଚାଲନ କରିବା ପାଇଁ ଅପେକ୍ଷା କରିଥିବା ଯୁବକକୁ ଅଟକ ରାଖି ତଦନ୍ତ କରିଥିଲେ । ତଦନ୍ତ ସମୟରେ ଯୁବକଙ୍କ ନିକଟରୁ ୧୧୫ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିଲା ଏବଂ ଏକ ସ୍କୁଟିକୁ ଅବକାରୀ ବିଭାଗ ଜବତ କରିଛି ଜବତ ସ୍କୁଟିର ପରିବହନ ପଞ୍ଜୀକୃତ ନମ୍ବର ଓଡି ୦୨ ଡି ଏଚ ୮୬୮୯କୁ ଜବତ କରିଛି । ଗିରଫ ହୋଇଥିବା ଉଭୟ ଯୁବକଙ୍କ ନାମରେ ୪୦୮/୨୬ ଏକ ଏନଡିପିଏସ କେସ୍ ରୁଜୁକରି ଅବକାରୀ ବିଭାଗ କୋର୍ଟ ଚାଲାଣ କରିଥିବା ଅବକାରୀ ଅଧିକାରୀଙ୍କ ସୂଚନାରୁ ପ୍ରକାଶ ପାଇଛି ।

# ରାତିଅଧରେ ଖଣିଜ ସମ୍ପଦ ଲୁଟ୍

**କଣାସ, ୧୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟସରକାର ଖଣିଜ ସମ୍ପଦ ଲୁଟି ହେଉଥିବାରୁ ରୋକିବା ପାଇଁ କଡାପଦେକ୍ଷପ ନେଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ଗଡସାନପୁଟ ଗ୍ରାମପଞ୍ଚାୟତରେ ଥିବା ପଥର ଖଣି ଗୁଡିକ ଦୀର୍ଘ ଦିନ ହେଲା ନିଲାମ ହୋଇ ନ ଥିବାରୁ ଖଣିମାଫିଆମାନେ ରାତି ହେଲେ ପଥର ଖଣିରୁ ମେସିନ୍ ସାହାଯ୍ୟରେ ପଥର ଖାଟି ରାତାରାତି ଟ୍ରକ ଓ ଟ୍ରାକ୍ଟରେ ଭୋର ସୁଧା ନେଇ ଯାଉଥିବା ଆଖପାଖ ଗ୍ରାମବାସୀମାନେ ପୁରୀ ଜିଲ୍ଲାପାଳ, ଖଣି ବିଭାଗ ଅଧିକାରୀ ଓ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଅଧିକାରୀମାନେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ଯାହା ଦ୍ୱାରା କି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି । ସମସ୍ତ ସରକାରୀ ଅଧିକାରୀ ମାନେ ପଥର ଚୋରାଚାଲଣ ହେଉଥିବା ଜାଣି ଅଜଣା ଭଳି ରହୁଥିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

# ମାଟି ଓ ବାଲି ଚୋରା ଚାଲାଣ, ୬ ଗିରଫ

**ବାଲିଅନ୍ତା, ୧୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ଥାନା ପୁଲିସ ସରକାରୀ ଜମିରୁ ଚୋରା ମାଟି ଓ ବାଲି ଚାଲାଣ ମାମଲାରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଗୋବିନ୍ଦପୁର ଥାନା ଗୋପାଳ ନଗର ଗ୍ରାମର ବିଜୟ ଭୋଇ (୩୫), କଟକ ଜିଲ୍ଲା ବଡମ୍ବା ଥାନା ପଦ୍ମନାଭ ପୁର ଗ୍ରାମର ଶ୍ରୀଧର ନାୟକ (୪୦), ସନ୍ତୋଷ ବେହେରା (୨୨), ସୁଶିର ପାତ୍ର (୩୯), ନଡ଼ିଆ ଗୁରିଡିର ସମ୍ପିତ କୁମାର ଦାସ ଓ ସୁନ୍ଦର ଗ୍ରାମର ସୁଶୀଲ କୁମାର ଦାସ (୨୫) । କୋର୍ଟରେ ସମସ୍ତଙ୍କ ଜାମିନ କୋର୍ଟରେ ଖାରଜ ହୋଇଯିବାରୁ ଝାରପଡା ହାଜତକୁ ପଠାଇ ଦିଆଯାଇଛି । ପୁଲିସ ଲଘୁ ଖଣିଜ ଦ୍ରବ୍ୟ ଚାଲାଣରେ ବ୍ୟବହୃତ କାର ଓ ୨ଟି ହାଇୱା ଜବତ କରିଛି । ବେଆଇନ ଖନନ ଏବଂ ମାଟି ଏବଂ ଉପର ମାଟି ପରିବହନ କରୁଥିବାରୁ ଛଅ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା ।



ସୂଚନାଯୋଗ୍ୟ ଯେ, ଗତକାଲି ଜୟଦେବ ଗ୍ରାମାଞ୍ଚଳର ଫିରଫିରା–ଦେଉଳି ନିକଟରେ ରାତ୍ରି ପାଟ୍ରୋଲିଂ ସମୟରେ, ପୋଲିସ ଦଳ ମାଟି ଏବଂ ବାଲି ବୋଝେଇ ଦୁଇଟି ହାଇୱା ଗାଡ଼ି ଏବଂ ଗୋଟିଏ ହୁଣ୍ଡାଇ ଆଲକାଜାର କାରକୁ ଅଟକାଇଥିଲା । ଘଟଣାସ୍ଥଳରୁ ବେଆଇନ ମାଟି ଏବଂ ବାଲି ଚୋରାଚାଲାଣ କରୁଥିବା ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଆସାମୀ ଅର୍ଣ୍ଣବ ଦାସ ଓରଫ ବିଟୁ ଏବଂ ଅଭିନାସ ରାଉତରାୟ ଓରଫ ଗୁଡୁ କୌଶଳକ୍ରମେ ଖସି ପଳାଇ ଯାଇଥିଲେ । ପଚରାଉଚରା ସମୟରେ ଗିରଫ ଅଭିଯୁକ୍ତମାନେ ଆର୍ଥିକ ଲାଭ ପାଇଁ ନିକଟସ୍ଥ ଇଟା ଭାଟିରେ ବିକ୍ରି କରି ଅର୍ଣ୍ଣବ ଦାସ ଓରଫ ବିଟୁ ଏବଂ ଅଭିନାସ ରାଉତରାୟ ଓରଫ ଗୁଡୁଙ୍କ ନିର୍ଦ୍ଦେଶରେ ମାଟି ଏବଂ ଉପର ମାଟି ଚୋରାଚାଲାଣ କରୁଥିବା ନେଇ ସେମାନଙ୍କର ଅପରାଧ ସ୍ୱୀକାର କରିଥିଲେ । ଗିରଫ ଅଭିଯୁକ୍ତମାନଙ୍କର ହେପାଜତରୁ ବାଲି ଏବଂ ଉପର ମାଟି ବୋଝେଇ ଗାଡ଼ି ଏବଂ ହୁଣ୍ଡାଇ ଆଲକାଜାର ଜବତ କରାଯାଇଥିଲା ।

ଏପର୍ଯ୍ୟନ୍ତ ତଦନ୍ତରୁ ଜଣାପଡିଛି ଯେ, ଉପରୋକ୍ତ ଅଭିଯୁକ୍ତମାନେ, ପଳାତକ ଅଭିଯୁକ୍ତ ଅର୍ଣ୍ଣବ ଦାସ ଏବଂ ଅଭିନାସ ରାଉତରାୟ ସହିତ, ଦୀର୍ଘ ସମୟ ଧରି ସଂଗଠିତ ବେଆଇନ ଖନନ ଏବଂ ମାଟି ଓ ଉପର ମାଟି ପରିବହନରେ ଜଡିତ ଥିବା ସହ, ହିଂସା ଧମକ ଏବଂ ଭୌତିକ ଲାଭ ପାଇଁ ବେଆଇନ ଉପାୟ ବ୍ୟବହାର କରୁଥିଲେ । ଅଭିଯୁକ୍ତମନଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରାଥମିକ ପ୍ରମାଣ ସ୍ଥାପିତ ହେବା ପରେ, ସମସ୍ତ ଆଇନଗତ ଔପଚାରିକତା ପୂରଣ କରି ଆଜି ସେମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଛି । ମାମଲାର ଅଧିକ ତଦନ୍ତ ଜାରି ରହିଛି ।

# ଶିଶୁ ବିକ୍ରି ଘଟଣା, ସିଡ୍ଲୁସି ହେପାଜତରେ ଶିଶୁ

**ଭଣ୍ଡାରିପୋଖରୀ, ୧୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବୟାବନାପୁର (ବନାପୁର ଦାସସାହି) ଗ୍ରାମର ବିକ୍ରି ଅଭିଯୋଗ ହୋଇଥିବା ଶିଶୁ କନ୍ୟାକୁ ପୁଲିସ କଟକ ରାଜାବଗିଚା ଅଞ୍ଚଳରୁ ଉଦ୍ଧାର କରି ଜିଲ୍ଲା ଶିଶୁ ସୁରକ୍ଷା କମିଟିକୁ ମଙ୍ଗଳବାର ରାତ୍ରରେ ହସ୍ତାନ୍ତର କରିଛି। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ନିୟୁ ବର୍ଣ୍ଣ ଚାଇଲ ୱାର୍ଡ)ରେ ଉଦ୍ଧାର ଶିଶୁକନ୍ୟାର ଚିକିତ୍ସା ଜାରି ରହିଛି । ଶିଶୁକନ୍ୟାର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ଓ ଗୁରୁବାର ଜିଲ୍ଲା ଶିଶୁ ସୁରକ୍ଷା କମିଟି ସମ୍ମୁଖରେ ହାଜର କରାଯାଇ ପରବର୍ତ୍ତି ନିଷ୍ପତ୍ତି ହେବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା କମିଟି ପ୍ରୋବସନ(ଆଇନ) ଅଧିକାରୀ ସୁବ୍ରତ ଦାସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମାମଲାର ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଜାମିନ ପ୍ରଦାନ କରାଯାଇଥିବା ଜଣାଯାଇଛି। ରାଜାବଗିଚାରେ ରହୁଥିବା ରିନାର ଖୁଡିଙ୍କ ଠାରୁ ଶିଶୁ ଉଦ୍ଧାର କରାଯାଇଥିଲା। ସେ ଶିଶୁ କ୍ରୟ କରିଥିବା ଅସ୍ୱୀକାର କରିଥିଲେ। ଶିଶୁକନ୍ୟାର ମାତା ରିନା ପୂର୍ବରୁ ବିବାହିତ ଥିଲେ। ପୂର୍ବ ସ୍ୱାମୀଙ୍କ ଔରସରୁ ତାଙ୍କର ୨ଟି ସନ୍ତାନ ଅଛି। ଅର୍ଥ ଲାଳସାରେ ଓ କନ୍ୟା ସନ୍ତାନ ବିମୁଖ ହୋଇ ଶିଶୁକୁ ବିକ୍ରୀ କରାଯାଇଥିବା ଅନୁମାନ କରାଯାଉଛି । ଏଠାରେ ସୂଚନା ଯୋଗ୍ୟ ଯେ ଗ୍ରାମର ସାବିତ୍ରୀ ଦାସ ପୁଅ ସିପୁ ଓ ବୋହୂ ରିନା ଏକ ମାସର ଶିଶୁକନ୍ୟାକୁ ଚିକିତ୍ସା ପାଇଁ ନେଇ ବିକ୍ରୀ କରିଦେଇଥିବା ଅଭିଯୋଗ କରିଥିଲେ। ପୁଅବୋହୂ ଓ ସମୁଦୁଣି ମିଳିତ ଭାବେ ଷଡଯନ୍ତ୍ର କରି ନାତୁଣୀକୁ ବିକ୍ରୀ ଅଥବା ମାରିଦେଇଛନ୍ତି ବୋଲି ଅଭିଯୋଗକାରୀ ସନ୍ଦେହ ପ୍ରକାଶ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ୧୭/୨୬ନଂ ମାମଲା ରଜୁ କରିଥିଲା। ପୁଲିସ ତତ୍ପରତା ପ୍ରକାଶ କରି ଶିଶୁକୁ ଉଦ୍ଧାର କରି ସିଡବ୍ଲୁସିକୁ ହସ୍ତାନ୍ତର କରିଥିଲା।

# ଆରଡି ବିଭାଗରେ ମହାଦୁର୍ନୀତିର ତଦନ୍ତ ଦାବି

**ସୋରଡ଼ା, ୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସୋରଡ଼ା ଆରଡି ବିଭାଗର ଗୋଟିଏ ମାତ୍ର ସେକ୍ସନ ଅଫିସ ଅବସ୍ଥିତ ଥିଲେ ମଧ୍ୟ ତାହା ବିଭାଗର କାର୍ଯ୍ୟରେ ଲାଗୁନଥିବା ପରି ଜନସାଧାରଣ ତରଫରୁ ଅଭିଯୋଗ ହେଉଛି । ବିଭାଗ ଦ୍ୱାରା କୋଟି କୋଟି ଟଙ୍କାର ବ୍ୟୟରେ ରାସ୍ତା ଘାଟ, ପିଏମଏସୱାଇ, ବ୍ରିଜଗୁଡିକର କାମ ନିମ୍ନମାନର କରାଯାଉଥିଲେ ମଧ୍ୟ କାର୍ଯ୍ୟ ସରିଯାଇଥିଲେ ଭଞ୍ଜନଗର ଡିଭିଜନର ଏଗ୍ରିମେଣ୍ଟ ସରିଯାଇଥିଲେ କଣ୍ଟ୍ରାକ୍ଟରମାନଙ୍କୁ ସିଧାସଳଖ ଭଞ୍ଜନଗର ଡିଭିଜନ ଏସସି ସମସ୍ତ କାର୍ଯ୍ୟ ଦେଖାରଖା ଓ ଠିକାଦାରଙ୍କୁ ସିଧାସଳଖ ସାହାଯ୍ୟ କରୁଥିବାରୁ ସୋରଡ଼ା ଅଫିସ ଜେଇ, ଭଞ୍ଜନଗର ଦାୟିତ୍ୱରେ ଥିବା ଏସଡିଓ ତାଙ୍କ ନିକଟରେ ନାମକୁ ମାତ୍ର ଥିବା ପରି ଜଣାପଡୁଛି । ସୋରଡ଼ା ସହର ମଧ୍ୟରେ ନିର୍ମାଣ କରାଯାଉଥିବା ବିଭାଗୀୟ ରେଷ୍ଟ ସେଡ, ବାସଗୃହ, ବୋରଦାର ସ୍ୱାସ୍ଥ୍ୟ, ଗେଞ୍ଜାର ସ୍ୱାସ୍ଥ୍ୟ ବିଭାଗ ଘର, ନୁଆଁଗାଁ ଠାରୁ ବୋରଡ଼ା ରାସ୍ତା ବୋରଦା ଠାରୁ ମେରୁକୋଟ ରାସ୍ତା, ସୁରମଣୀରର ବ୍ରିଜ, ବରଗଡ଼ ମେରିକୋଟି ବ୍ରିଜ, ଗାଜଳବାଡି ଆରଆଇ ଅଫିସ, ବୋରଦା ଆରଆଇ ଅଫିସ, ସରବାଡି ଆରଆଇ ଅଫିସ ଓ ଅନ୍ୟାନ୍ୟ ଆର.ଡି ବିଭାଗ ତରଫରୁ ଟେଣ୍ଡର ଦିଆଯାଇ ଭଞ୍ଜନଗର ଡିଭିଜନ ଅଫିସରେ ଠିକାଦାର ଓ ଏସଇଙ୍କ ମଧ୍ୟରେ କାର୍ଯ୍ୟାରମ୍ଭ, କାର୍ଯ୍ୟଶେଷ ଫଳକ ନଥାଇ କିଛିକାମ କରାଯାଉଛି । ତା'ର କାରଣ ଫଳକରେ ପ୍ରକଳ୍ପର ଅଟଳ ଜନସାଧାରଣ ଜାଣିଲେ ବିଭାଗ ଉପରେ ଅଭିଯୋଗ କରିବେ ତେଣୁ ତାହା ଲେଖାଯାଉନି । ଅଞ୍ଚଳର ସମସ୍ତ କାମ ଏସସି ଆଉ ଠିକାଦାର ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ବେଳେ ସୋରଡ଼ା ଜେଇ ଓ ଏସଡିଓ ପ୍ରକଳ୍ପ ପରିଦର୍ଶନ କରୁନଥିବାରୁ ସମସ୍ତ କାମ ନିମ୍ନମାନର ଚାଲିଛି । ଯାହାର ପ୍ରମାଣ ବଡ଼ଗଡ଼ ମେରିକୋଟିରେ ନିର୍ମାଣ କରାଯାଇଥିବା ଏବଂ ଉଦଘାଟନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲେ ମଧ୍ୟ ଶେଷମୁହୂର୍ତ୍ତରେ ତାହା ଭୁଶୁଡ଼ି ଯାଇଥିବାରୁ ଏବଂ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଘଟଣାସ୍ଥଳରେ ନାମକୁ ମାତ୍ର ଜେ.ଇ ଭଞ୍ଜନଗର ଏସଡିଓ ପହଞ୍ଚିଥିଲେ ପୁଣି ଉକ୍ତ ବ୍ରିଜକୁ ଭଙ୍ଗାଯାଇ ବର୍ତ୍ତମାନ ନୂତନ ଭାବେ କାର୍ଯ୍ୟାରମ୍ଭ କରାଯାଇଛି । ରାଜସ୍ୱ ବିଭାଗର ବୋରଦା ଆର. ଆଇ ଏବଂ ରେଭେନୁ ସୁପରଭାଇଜର ସୋରଡ଼ା ତହସିଲଦାରଙ୍କ ମୌଖିକ ଆଦେଶ କ୍ରମେ ବ୍ରିଜଟି ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ବାଲି, ମୋରମ ବିନା ରୟାଲିଟିରେ, ନମ୍ବର ବିହୀନ ଜେସିପି, ଟ୍ରାକ୍ଟରରେ ଚୋରା ଚାଲାଣ କରୁଥିବା ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଅଞ୍ଚଳର ନିମ୍ନମାନ କାମ ଓ ପ୍ରକଳ୍ପ ସମ୍ପର୍କରେ ଆରଟିଆଇରେ କିଛି ସୂଚନା ପାଇବା ପାଇଁ ଚିଫ୍ ଇଞ୍ଜିନିୟର ଅଫିସରୁ ଡିଭିଜନକୁ ଚିଠି ହୋଇଥିଲେ ମଧ୍ୟ ତାହା ପ୍ରଦାନ କରୁନଥିବା ଅଭିଯୋଗ ହୋଇଛି । ଆମ ପ୍ରତିନିଧି ଡିଭିଜନର ଏସସି ଓ ଏସଡିଓଙ୍କୁ ଏ ବିଷୟରେ ତାଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ ସନ୍ତୁଷ୍ଟ ଉତ୍ତର ଦେଇନଥିଲେ । ଚୁକ୍ତିନାମା ହୋଇଥିବା କାମ ସମ୍ପୂର୍ଣ୍ଣ କରିନଥିବାରୁ ତାଙ୍କ ବିରୁଦ୍ଧରେ ଅର୍ଥ ଦଣ୍ଡ, କଳା ତାଲିକାଭୁକ୍ତ ଠିକାଦାରଙ୍କୁ ଆଦେଶନାମା ଜାରି କରିଥିବା ପ୍ରକାଶ କରିଥିଲେ । କେଉଁ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇଛି ତାହା ପ୍ରକାଶ କରିବାକୁ ମନା କରିଥିଲେ ।

# ମଣ୍ଡିରେ ଧାନ ଉଠାଣ ମନ୍ଥର, ତେଜୁଛି ଚାଷୀ ଅସନ୍ତୋଷ

**ବରଗଡ଼, ୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**



ବରଗଡ ଜିଲ୍ଲାରେ ଧାନ ବିକ୍ରିବଟା ସମସ୍ୟା ଲାଗି ରହିଛି । ଆଉ ୩ଦିନ ପରେ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୩ମାସ ପୂରିବ । ହେଲେ ଏବେ ମଧ୍ୟ ଅନେକ ମଣ୍ଡିରେ ଧାନବିକ୍ରି ସମସ୍ୟା ଅସମାହିତ ରହିଛି । ଧାନବିକ୍ରି ହେବା ତ ଦୂରର କଥା, ଏପର୍ଯ୍ୟନ୍ତ ଅନେକ ଚାଷୀଙ୍କ ପାଖକୁ ଧାନବିକ୍ରି ଟୋକନ ପହଞ୍ଚି ନାହିଁ । ସେହିପରି ମଣ୍ଡିରେ ଧାନ ଉଠାଣ ମନ୍ଥର ଗତିରେ ଚାଲିଥିବା ଯୋଗୁ ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ବହୁ ପରିମାଣରେ ଧାନ ପଡିରହିଛି । ଅନ୍ୟପଟେ ଖରିଫ ଅମଳ ଧାନ ବିକ୍ରି କରିପାରି ନ ଥିବା ଯୋଗୁ ରବିଚାଷ କିଭଳି କରିବେ, ଜିଲ୍ଲାର ଚାଷୀମାନଙ୍କୁ ଏବେ ସେହି ଚିନ୍ତା ଘାରିଛି । ବୁଧବାର ସଂଯୁକ୍ତ କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ବରପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ମଣ୍ଡି ପରିଦର୍ଶନରେ ଯାଇଥିଲେ । ସେଠାରେ ଧାନବିକ୍ରି ଅବ୍ୟବସ୍ଥା ଦେଖି ଚାଷୀ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିବା ସହିତ ଚଳିତ ମାସ ଶେଷସୁଦ୍ଧା ଚାଷୀଙ୍କ ସମସ୍ତ ଅମଳ ଧାନ କିଣିବା ଦିଗରେ ପଦକ୍ଷେପ ନେବା ପାଇଁ ସରକାରଙ୍କଠାରେ ଦାବି କରିଛନ୍ତି । ଚାଷୀ ପ୍ରତିନିଧିବୃନ୍ଦ କଟାପାଲି, ବରପାଲି, ତୁଳଣ୍ଡି, କୁମ୍ଭାରୀ ଆଦି ମଣ୍ଡି ପରିଦର୍ଶନ କରିଥିଲେ । ଧାନବିକ୍ରି କ୍ଷେତ୍ରରେ ଚାଷୀଙ୍କୁ ଅନେକ ଅସୁବିଧା ହଇରାଣ ହେବାକୁ ପଡୁଛି ଏବଂ ଅତି ମନ୍ଥର ଗତିରେ ଧାନ କିଣା ଯାଉଛି ବୋଲି ଚାଷୀ ପ୍ରତିନିଧିମାନେ କହିଛନ୍ତି । ପ୍ରକୃତ ଚାଷୀ ଟୋକନ ମାଧ୍ୟମରେ ଧାନ ଆଣୁଥିଲେ ସୁଦ୍ଧା ଏଭଳି ହଟହଟା ହେଉଛନ୍ତି ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ପ୍ରତିନିଧିମାନେ ପ୍ରକାଶ କରିଛନ୍ତି । ସଙ୍ଗଠନର ପ୍ରତିନିଧିମାନେ କହିଛନ୍ତି, କୁମ୍ଭାରୀ ମଣ୍ଡିରେ ୪୦ହଜାର କ୍ୱିଣ୍ଟାଲ ଧାନ ବିକ୍ରି କରିବା ପାଇଁ ୮୩୧ ଜଣ ଚାଷୀ ଜମି ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୭୩୦ ଜଣଙ୍କ ଟୋକନ ଆସିଛି । ଅନ୍ୟ ୧୦୧ଜଣ ଚାଷୀଙ୍କ ଟୋକନ ଏପର୍ଯ୍ୟନ୍ତ ଆସି ନାହିଁ । ସେହିପରି ତୁଳଣ୍ଡି ମଣ୍ଡିରୁ ଗତ ବର୍ଷ ୨୫ହଜାର କ୍ୱିଣ୍ଟାଲ ଧାନ କିଣା ଯାଇଥିଲା । ଚଳିତବର୍ଷ ଏହି ମଣ୍ଡିରୁ ମାତ୍ର ୫୮୩୮ କ୍ୱିଣ୍ଟାଲ ଧାନ କିଣା ଯାଇଛି ଏବଂ ୮୬୩୮ ପକେଟ ଧାନ ମଣ୍ଡିରେ ପଡ଼ି ରହିଛି । ଅତଏବ ଚାଷୀମାନେ ଟୋକନ ଆଧାରରେ ମଣ୍ଡିରେ ଧାନ ପକାଇଥିଲେ ମଧ୍ୟ ଦିନିକିଆ ନିୟନ୍ତ୍ରିତ କୋଟା କାରଣରୁ ଧାନ କିଣାଯାଇ ପାରୁ ନାହିଁ ବୋଲି ସଙ୍ଗଠନର ପ୍ରତିନିଧିବୃନ୍ଦ କହିଛନ୍ତି । ଏହି ପ୍ରତିନିଧି ଦଳରେ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର, ତପନ ମିଶ୍ର, ତୁଳଣ୍ଡି ମଣ୍ଡିର ବନବାସ ସାହୁ, ହରଧାର ସାହୁ, ସୁବଳ ଶତପଥି, ଶ୍ରୀବତ୍ସ ବେରିଆ, ନିରାକାର ଦୀପ ପ୍ରମୁଖ ଉପସ୍ଥିତ ଥିଲେ ।

ଆମ ରାଜ୍ୟରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ନାମ ଫଳକ ଓଡ଼ିଆରେ ଲେଖାଯିବାର ନିୟମ କରାଗଲା । ଲୋକଙ୍କୁ ସଚେତନ କରାଗଲା । ସମୟ ଦିଆଗଲା ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ । ନିର୍ଦ୍ଧାରିତ ତାରିଖ ପରେ ଜରିମାନା ଭୟ ମଧ୍ୟ ଦେଖାଗଲା । ଫଳ କିନ୍ତୁ କ'ଣ ହେଲା ? ଏବେ ବି ତ ୬୦-୭୦ ପ୍ରତିଶତ ନାମଫଳକ ଇଂରାଜୀରେ ରହିଛି । ଯଦିବି କିଏ ଓଡ଼ିଆରେ ଲେଖିଛି ତାହା ଇଂରାଜୀଠାରୁ ବହୁତ ଛୋଟ, ସହଜେ ଆଖିରେ ପଡ଼ିବନି । ଓଡ଼ିଆ ଲେଖାଟି ବଡ଼ ବଡ଼ ଅକ୍ଷରରେ ଉପରେ ଲେଖାହେବା ଦରକାର ।



ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୬ ଜାନୁଆରୀ, ୨୦୨୬ | ଶୁକ୍ରବାର


## ଓଡ଼ିଶା ଏକ୍ସପ୍ରେସ୍

## ଆମରି ପିଲାଏ ତ ଉଚ୍ଚ ଅଧିକାରୀ ହେଉଛନ୍ତି

ନିକଟରେ ପ୍ରକାଶିତ ଏକ ଖବରରୁ ଜଣାଯାଇଛି- ଏଣିକି ଓଡ଼ିଆ ଭାଷାରେ ହେବ ସମସ୍ତ ସରକାରୀ କାର୍ଯ୍ୟ । ରାଜ୍ୟରେ ମାତ୍ର ୪୦-୫୦ଜଣ ଅଣଓଡ଼ିଆ ଅଧିକାରୀ ଥିବେ, ବାକି ସମସ୍ତେ ଓଡ଼ିଆ । ଯେଉଁ ଅଣଓଡ଼ିଆ ଉଚ୍ଚ ଅଧିକାରୀମାନେ ଆମ ରାଜ୍ୟରେ ଚାକିରି କରୁଛନ୍ତି ସେମାନେ ମଧ୍ୟ ଖୁବ୍ ଅଳ୍ପଦିନ ଭିତରେ ଓଡ଼ିଆ ବେଶ୍ କହିପାରୁଛନ୍ତି ଏବଂ ଲୋକଙ୍କ କଥା ବେଶ୍ ବୁଝିପାରୁଛନ୍ତି । କିନ୍ତୁ ଆମ ରାଜ୍ୟର ଖାଣ୍ଟି ଓଡ଼ିଆ ଅଧିକାରୀମାନେ ହିଁ ଓଡ଼ିଆ ଭାଷାକୁ କୁଆଡ଼େ ଆୟତ୍ତ କରିପାରୁନାହାନ୍ତି । ଓଡ଼ିଆ କହିଲା ବେଳେ ଏବଂ ଲେଖିଲା ବେଳେ ଖୁବ୍ କଷ୍ଟ ଅନୁଭବ କରୁଛନ୍ତି ସେମାନେ । ସେଇମାନଙ୍କ ପାଇଁ ହିଁ ସରକାରୀ ଦପ୍ତରଗୁଡ଼ିକରେ ଓଡ଼ିଆ ଭାଷା ସ୍ଥିତି ଜମାଇ ପାରୁନି, ଇଂରାଜୀର ଦବ୍‌ଦବା ଆଜି ବି ଅଧିକ ରହିଛି । ତେଣୁ ଏ ଭାଷା ଅଭିଯାନ ପ୍ରଥମେ ଘରୁ ହିଁ ଆରମ୍ଭ ହେବା ଦରକାର, କାହିଁକି ନା ଆମରି ପିଲାଏ ହିଁ ଏ ରାଜ୍ୟରେ ଚାକିରି କରୁଛନ୍ତି, ଉଚ୍ଚ ପଦପଦବୀରେ ମଧ୍ୟ ରହିଛନ୍ତି । ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ପଢ଼ିଲେ ମଧ୍ୟ ଘରେ ଯଦି ବାପ-ମା' ସେମାନଙ୍କୁ ଓଡ଼ିଆ କହିବାକୁ ଏବଂ ଲେଖିବାକୁ ପ୍ରେରଣା ଦେଇଥାନ୍ତେ ଏବଂ ବୁଝାଇଥାଆନ୍ତେ ଯେ- ଆମ ପରିଚୟ ହେଲା ଆମ ଭାଷା, ତା'ହେଲେ ସେମାନେ ପିଲାଟି ଦିନରୁ ଓଡ଼ିଆ ଭାଷାକୁ ଭଲ ପାଇବାକୁ ଆରମ୍ଭ କରିଥାନ୍ତେ । ଏହା ଦିନେ ଅଭ୍ୟାସରେ ପଡ଼ିଯାଇଥାନ୍ତା ।

ଭାବ ବ୍ୟକ୍ତ କରିବା ପାଇଁ ଓଡ଼ିଆ ଭାଷାରେ ଯେତେ ସଂଖ୍ୟକ ଶବ୍ଦ ରହିଛି ଅନ୍ୟ କୌଣସି ଭାଷାରେ ବୋଧେ ଏତେ ସଂଖ୍ୟକ ଶବ୍ଦ ନଥିବ । ଆମ ଶବ୍ଦ ଭଣ୍ଡାର ଖୁବ୍ ବ୍ୟାପ୍ତ ଏବଂ ପରିପୂର୍ଣ୍ଣ ।

ପ୍ରତିଟି ଅଭିବ୍ୟକ୍ତି ପାଇଁ ଅଲଗା ଅଲଗା ଶବ୍ଦ ରହିଛି ଆମ ଭାଷାରେ । ତେଣୁ ସରକାରୀ କାମ ଓଡ଼ିଆ ଭାଷାରେ ହେଲେ ଏହା ଅଧିକ ସହଜ ହେବ ସାଧାରଣ ଲୋକଙ୍କ ବୁଝିବା ପାଇଁ ।

ଏଣିକି ଓଡ଼ିଆ ଭାଷାରେ ହେବ ସମସ୍ତ ସରକାରୀ କାମ- ଏଭଳି ବଜ୍ର ଘୋଷଣା ମଝିରେ ମଝିରେ ସରକାରଙ୍କ ତରଫରୁ ଶୁଣାଯାଏ । ନବକୃଷ୍ଣ ଚୌଧୁରୀଙ୍କଠାରୁ ଆରମ୍ଭ କରି ଜାନକୀ ବଲ୍ଲଭ ପଟ୍ଟନାୟକ, ନବୀନ ପଟ୍ଟନାୟକ ଏବଂ ଏବେ ମୋହନ ଚରଣ ମାଝୀ ପୁଣି ଏ ଦିଗରେ ଅଣ୍ଟା ଭିଡ଼ିଛନ୍ତି । ସେ ମଧ୍ୟ ଏ ଦିଗରେ ବଜ୍ର ଘୋଷଣା କରିଛନ୍ତି । ନିୟମକୁ କଠୋର କରାଯିବ ବୋଲି ଜଣାଇ ଦେଇଛନ୍ତି । ଯେଉଁ ଅଧିକାରୀମାନେ ଏହାର ଖିଲାପ କରିବେ ସେମାନଙ୍କୁ ତାଗିଦ କରାଯିବା ସହିତ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ । ଆମ ରାଜ୍ୟର ସରକାରୀ ଚାକିରିଆଙ୍କ ଭିତରୁ- ସେ ଉଚ୍ଚ ଅଧିକାରୀ ହୋଇଥାନ୍ତୁ କି ତାଙ୍କ ତଳିଆ କର୍ମଚାରୀ, ସମସ୍ତେ ପ୍ରାୟ ଓଡ଼ିଆ ଭାଷାଭାଷୀ, ମାତୃଭାଷା ସେମାନଙ୍କର ଓଡ଼ିଆ । ତେଣୁ ସେମାନେ ନିଜ ଭାଷାକୁ ଆୟତ୍ତ କରିପାରୁନାହାନ୍ତି ଅଥଚ ଇଂରାଜୀକୁ ସହଜରେ ଆୟତ୍ତ କରିପାରୁଛନ୍ତି, ଏହାକୁ ଛଳନା ଛଡ଼ା ଆଉ କ'ଣ କୁହାଯାଇପାରିବ? ଓଡ଼ିଆ ନ କହିପାରିବା ଏବଂ ନ ଲେଖିପାରିବା ଏକ ବିଶେଷ ପରିଚୟ ବୋଲି ବୋଧେ ସେମାନେ ଭାବୁଛନ୍ତି । ଏହା ଏକ, ଇଂରାଜୀରେ କହିଲେ ଷ୍ଟାଟସ୍ ସିମ୍ବଲ ବୋଲି ସେମାନେ ଭାବୁଛନ୍ତି ବୋଧେ!

ଆମ ରାଜ୍ୟରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ନାମ ଫଳକ ଓଡ଼ିଆରେ ଲେଖାଯିବାର ନିୟମ କରାଗଲା । ଲୋକଙ୍କୁ ସଚେତନ କରାଗଲା । ସମୟ ଦିଆଗଲା ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ । ନିର୍ଦ୍ଧାରିତ ତାରିଖ ପରେ ଜରିମାନା ଭୟ ମଧ୍ୟ ଦେଖାଗଲା । ଫଳ କିନ୍ତୁ କ'ଣ ହେଲା? ଏବେ ବି ତ ୬୦-୭୦ ପ୍ରତିଶତ ନାମଫଳକ ଇଂରାଜୀରେ ରହିଛି । ଯଦିବି କିଏ ଓଡ଼ିଆରେ ଲେଖିଛି ତାହା ଇଂରାଜୀଠାରୁ ବହୁତ ଛୋଟ, ସହଜେ ଆଖିରେ ପଡ଼ିବନି । ଓଡ଼ିଆ ଲେଖାଟି ବଡ଼ ବଡ଼ ଅକ୍ଷରରେ ଉପରେ ଲେଖାହେବା ଦରକାର ।

ପ୍ରଶ୍ନ ଉଠୁଛି କେତେଜଣ ଉଲ୍ଲଂଘନକାରୀଙ୍କ ଉପରେ ସରକାର ଜରିମାନା କଲେଣି? ତେଣୁ ଏଇଥିରୁ ଜଣାଯାଉଛି ସରକାରଙ୍କର ଭାଷାପ୍ରୀତି କେତେ? ଅସ୍ମିତାକୁ ଅସ୍ତ୍ର କରି କ୍ଷମତାକୁ ଆସିଥିବା ସରକାର ଏଥିପ୍ରତି ଅଧିକ ଗୁରୁତ୍ୱ ଦେବା ଉଚିତ୍ । ମୂଳ କଥାଟି ହେଉଛି ଆମେ ଓଡ଼ିଆ, ଆମ ଭାଷା ଓଡ଼ିଆ, ଆମ ରାଜ୍ୟ ଭାଷାଭିତ୍ତିକ ରାଜ୍ୟ, ଆମ ଭାଷା ହିଁ ଆମ ପରିଚୟ, ତେଣୁ ଏ ଅଭିଯାନ ପ୍ରତିଟି ଘରୁ ଆରମ୍ଭ ହେବା ଦରକାର ।

## ଓଡ଼ିଶାର ବିକାଶରେ କୃଷିର ଭୂମିକା



**ଜିଜ୍ଞାସା**


ନିରଞ୍ଜନ ଶତପଥୀ


ସମଗ୍ର ବିଶ୍ୱରେ ଭାରତବର୍ଷ ପ୍ରଥମ ଜନବହୁଳ ଦେଶ ଭାବରେ ପରିଚିତ ହୋଇଆସୁଛି । ଏହି ଦେଶରେ ପ୍ରାୟ ୭୦ଭାଗରୁ ଅଧିକ ଲୋକ କୃଷି ଉପରେ ହିଁ ନିର୍ଭର କରିଥାନ୍ତି । କୃଷି ଆମ ଜୀବନ ଓ ଜୀବିକା ଉପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଦେଶ ଓ ରାଜ୍ୟର ବିକାଶ ହିଁ କୃଷି ଉପରେ ନିର୍ଭର କରିଥାଏ । ଯେଉଁ ଦେଶରେ କୃଷିର ବିକାଶ ଘଟିଛି ସେ ଦେଶ ବିକାଶ ପଥରେ ଆଗେଇ ପାରିଛି । କୃଷି ହେଉଛି ମାନବ ଜୀବନର ଆଧାର। କୃଷି ବିନା ମାନବ ସମାଜ ତିଷ୍ଠି ପାରିବ ନାହିଁ । ଇଂରେଜ ଶାସନ କାଳରେ କୃଷି ଉପରେ ଆଦୌ ଗୁରୁତ୍ୱ ଦିଆଯାଉ ନଥିଲା । କୃଷି ସହିତ ମାନବ ସଭ୍ୟତା ଓତପ୍ରୋତ ଭାବରେ ଜଡ଼ିତ । ପୁରାତନ ଯୁଗରେ ଏହି କୃଷି ଉପରେ ନିର୍ଭର କରି ଲୋକମାନେ ନିଜର ଜୀବିକା ନିର୍ବାହ କରୁଥିଲେ । ସେମାନେ ଏହି କୃଷିକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଥିଲେ । ନଦୀକୂଳର ସ୍ଥାନମାନଙ୍କରେ କୃଷି କାର୍ଯ୍ୟ କରାଯାଉଥିଲା । କାରଣ ସେହି ସ୍ଥାନଗୁଡ଼ିକ ଉର୍ବର ପଟୁମାଟିରେ ଗଠିତ । ସେତେବେଳେ ବିଜ୍ଞାନର ଅଗ୍ରଗତି ଘଟି ନଥିବାରୁ କେବଳ ସେହି ସ୍ଥାନମାନଙ୍କରେ ହିଁ କୃଷି କାର୍ଯ୍ୟ କରାଯାଉଥିଲା । ସେହି ସ୍ଥାନର ଉର୍ବରତା ହ୍ରାସ ପାଇଲେ ସେମାନେ ସେହି ସ୍ଥାନ ପରିତ୍ୟାଗ କରି ଅନ୍ୟ ଉର୍ବର ମୃତ୍ତିକା ସ୍ଥାନକୁ ଯାଇ କୃଷି କାର୍ଯ୍ୟ କରୁଥିଲେ । ତେଣୁ ବହୁ ପ୍ରାଚୀନ ଯୁଗରୁ ଏହି କୃଷି କାର୍ଯ୍ୟ ଚାଲୁଥିଲା । ମଣିଷ ବଞ୍ଚିବା ପାଇଁ ତିନୋଟି ମୌଳିକ ଆବଶ୍ୟକତା ରହିଛି । ସେଗୁଡ଼ିକ ହେଉଛି- ଖାଦ୍ୟ, ବସ୍ତ୍ର ଓ ବାସଗୃହ । ଏଗୁଡ଼ିକ ବିନା ମଣିଷ ବଞ୍ଚିପାରିବ ନାହିଁ । ମଣିଷ ବଞ୍ଚିବାକୁ ହେଲେ ସର୍ବପ୍ରଥମେ ଖାଦ୍ୟ ଆବଶ୍ୟକ । ଏହି ଖାଦ୍ୟ ବିନା କେହି ବଞ୍ଚିପାରିବେ ନାହିଁ । କଥାରେ ଅଛି ପେଟ ଚାଖଣ୍ଡେ ପାଇଁ ଏତେ ନାଟ । ସେହି ଖାଦ୍ୟ କୃଷିରୁ ମିଳିଥାଏ ।

କୃଷି କହିଲେ କେବଳ ଧାନ ଚାଷକୁ ବୁଝାଏ ନାହିଁ । ଧାନ ଚାଷ ସହିତ ବିଭିନ୍ନ ପନିପରିବା ଚାଷ, ମାଛ ଚାଷ, ପଶୁପକ୍ଷୀ ପାଳନ ହିଁ କୃଷି କୁହାଯାଇଥାଏ । ଆମର ଭାତ ହେଉଛି ପ୍ରଦାନ ଖାଦ୍ୟ । ସେଥିପାଇଁ ଧାନଚାଷକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ସମଗ୍ର ବିଶ୍ୱରେ ଧାନ ଉତ୍ପାଦନରେ ଚୀନ ଦେଶ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆମ ଭାରତବର୍ଷ ଦ୍ୱିତୀୟ ସ୍ଥାନରେ ରହିଛି । ଆମ ଦେଶରେ କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା ହେଉଛି ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହି ତିନୋଟି ବିଷୟକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି । ପ୍ରତିବର୍ଷ କୃଷିର ବିକାଶ ପାଇଁ ଆବଶ୍ୟକ ବଜେଟ ବ୍ୟବସ୍ଥା ମଧ୍ୟ କରାଯାଉଛି । ପୂର୍ବ କାଳର କୃଷି ବ୍ୟବସ୍ଥା ଆଉ ନାହିଁ । କୃଷି ବ୍ୟବସ୍ଥାରେ ବିରାଟ ପରିବର୍ତ୍ତନ ଘଟିଛି । ବିଜ୍ଞାନର ବିକାଶ ଘଟିବା ଫଳରେ ଦେଶ ଦ୍ରୁତଗତିରେ ଆଗେଇ ଚାଲିଛି । ଖାଦ୍ୟଶସ୍ୟ ଉତ୍ପାଦନରେ ମଧ୍ୟ ବୃଦ୍ଧି ଘଟିଛି । ଖାଦ୍ୟଶସ୍ୟ ଉତ୍ପାଦନରେ ଆମ ଦେଶ ଏକ ବଳକା ଦେଶ ଭାବରେ ବିବେଚିତ ହୋଇଆସୁଛି । ଭାରତ ସରକାର କୃଷି ବିକାଶ ପାଇଁ ବଜେଟ୍ ପରିମାଣ ଅର୍ଥ ବୃଦ୍ଧି କରିଛନ୍ତି । ଦେଶ ସ୍ୱାଧୀନତା ଲାଭ ପରେ କୃଷି ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି । ୧୯୫୦ ମସିହା ଠାରୁ ଏପର୍ଯ୍ୟନ୍ତ ଖାଦ୍ୟଶସ୍ୟ ଉତ୍ପାଦନ ପ୍ରାୟ ୭ଗୁଣରୁ ଅଧିକ ବୃଦ୍ଧି ପାଇଥିବାର ଜଣାଯାଇଛି । ଦେଶର ସବୁ ଲୋକଙ୍କ କ୍ଷୁଧା ଦୂର କରିବା ପାଇଁ ଖାଦ୍ୟଶସ୍ୟ ପୂର୍ବରୁ ବିଦେଶୀ ରାଷ୍ଟ୍ରଗୁଡ଼ିକ ଉପରେ ନିର୍ଭର କରିବାକୁ ପଡୁଥିଲା । ବର୍ତ୍ତମାନ ଆମ ଦେଶରେ ଆଉ ସେ ସମସ୍ୟା ନାହିଁ । ଆମ ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଘଟି ବିଦେଶୀ ରାଷ୍ଟ୍ରଗୁଡ଼ିକୁ ଖାଦ୍ୟଶସ୍ୟ ରପ୍ତାନୀ କରିବାକୁ ଆଜି ସମର୍ଥ ହୋଇପାରିଛି । ଏ କ୍ଷେତ୍ରରେ ଆନ୍ତର୍ଜାତିକ ବଜାରରେ ଭାରତର ସ୍ଥିତି ଖୁବ୍ ସୁଦୃଢ଼ ହେବାରେ ଲାଗିଛି । ଏହା ଆମ ପାଇଁ ଅତ୍ୟନ୍ତ ଖୁସିର ବିଷୟ ହୋଇଛି । ଆମ ଦେଶରେ ସବୁଠୁ ଉଚ୍ଚମାନର ଖାଦ୍ୟଶସ୍ୟ ହିସାବରେ ବିଚାର କରାଯାଇଥିବା ବାସୁମତୀ ଧାନର ଉତ୍ପାଦନ ବୃଦ୍ଧି ଘଟିବା ସହିତ ବିଦେଶୀ ରାଷ୍ଟ୍ରମାନଙ୍କରେ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ ବର୍ତ୍ତମାନ ଆମ ଦେଶରୁ ୩୦ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ ବାସୁମତୀ ଚାଉଳ ବିଦେଶୀ ରାଷ୍ଟ୍ରମାନଙ୍କୁ ରପ୍ତାନି ହେଉଛି ।

ଏତଦ୍‌ବ୍ୟତୀତ ଅନ୍ୟ କିସମର ଚାଉଳ ମଧ୍ୟ ଅନ୍ୟ ବିଦେଶୀ ରାଷ୍ଟ୍ରମାନଙ୍କୁ ରପ୍ତାନୀ ହେଉଛି । ଦିନ ଥିଲା ଆମ ଦେଶ ଅନ୍ୟ ଦେଶମାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା । ଚାଉଳ ଆମଦାନି କରି ଅଭାବ ପୂରଣ କରୁଥିଲା । ଆହୁରି ମଧ୍ୟ ଆମ ଦେଶ ଅନ୍ୟ ପଡ଼ୋଶୀ ଦେଶମାନଙ୍କୁ ସେମାନଙ୍କ ବିପଦ ସମୟରେ ଚାଉଳ ଦାନ କରିବାକୁ ସମର୍ଥ ହୋଇପାରିଛି । ଏହା ଆମର ଗର୍ବ ଓ ଗୌରବର କଥା । ଏହା ଆମ ଦେଶର ଅଭିଜ୍ଞ କୃଷି ବୈଜ୍ଞାନିକମାନଙ୍କର ନିରନ୍ତର ଗବେଷଣା, ସରକାରଙ୍କ ଉଦ୍ୟମ ତଥା ଆମ କୃଷକମାନଙ୍କ କଠିନ ପରିଶ୍ରମରେ ସମ୍ଭବ ହୋଇପାରିଛି ।

ଆମ ଦେଶରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ବହନ କରିଛି । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବରେ ସମଗ୍ର ଦେଶରେ ପରିଚିତ । ଏହି ରାଜ୍ୟର ପ୍ରାୟ ୮୦ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। କୃଷି ହିଁ ଏହି ରାଜ୍ୟର ଏକମାତ୍ର ଭିତ୍ତିଭୂମି କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାର ଗାଁଗଣ୍ଡାମାନଙ୍କରେ ଲୋକମାନେ କୃଷି କାର୍ଯ୍ୟ କରି ଜୀବିକା ନିର୍ବାହ କରିଥାନ୍ତି । ବର୍ତ୍ତମାନ ପୂର୍ବାପେକ୍ଷା କୃଷି ଉତ୍ପାଦନରେ ବୃଦ୍ଧି ଘଟି ପାରିଛି । ବୈଜ୍ଞାନିକ ପଦ୍ଧତିରେ କୃଷି କାର୍ଯ୍ୟ କରିବା ଫଳରେ ଉତ୍ପାଦନ ବୃଦ୍ଧି ଘଟିଛି । ଆଉ ପୂର୍ବପରି ପୁରାତନ କୃଷି ପ୍ରଣାଳୀରେ କୃଷି କାର୍ଯ୍ୟ ହେଉନାହିଁ । ଅଧିକ ଅମଳକ୍ଷମ ବିହନ, ଉନ୍ନତମାନର କୃଷି ଯନ୍ତ୍ରପାତିର ବ୍ୟବହାର, ରାସାୟନିକ ସାର, କୀଟନାଶକ ଔଷଧର ପ୍ରୟୋଗ ଓ କୃଷି ବିଶେଷଜ୍ଞମାନଙ୍କ ସୁପରାମର୍ଶ ଫଳରେ କୃଷି ଉତ୍ପାଦନ ବୃଦ୍ଧି ସମ୍ଭବ ହୋଇପାରିଛି । ଓଡ଼ିଶା ସରକାର ମଧ୍ୟ କୃଷି ଓ କୃଷକମାନଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ସମୟରେ ବିଭିନ୍ନ ଯୋଜନାଗୁଡ଼ିକ ପ୍ରଣୟନ କରିବାରେ ଲାଗିଛନ୍ତି । କୃଷି ହିଁ ଓଡ଼ିଶା ବିକାଶର ମାନଦଣ୍ଡ । କୃଷି ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରି କୃଷି ବଜେଟ୍ ପରିମାଣରେ ବୃଦ୍ଧି ଘଟାଉଛନ୍ତି । ବିଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ଧାନ ଉତ୍ପାଦନରେ ବୃଦ୍ଧି ଘଟିଛି । କୃଷିର ଉନ୍ନତି ଘଟିଲେ କୃଷକର ମଧ୍ୟ ଉନ୍ନତି ଘଟିବ । ଓଡ଼ିଶାର କୃଷି ମୌସୁମୀ ବର୍ଷା ଉପରେ ହିଁ ନିର୍ଭର କରିଥାଏ । ଆମ ଓଡ଼ିଶାରେ ସମସ୍ତ ଜମିକୁ ଜଳସେଚନର ସୁବିଧା ସୃଷ୍ଟି କରାଯାଇପାରିନାହିଁ । ବନ୍ୟା, ବାତ୍ୟା ଓ ମରୁଡ଼ି ଓଡ଼ିଶାର ଚୀର ସହଚର । ପ୍ରତିବର୍ଷ ଏହି ପ୍ରାକୃତିକ ଦୁର୍ବିପାକ ଫଳରେ ଓଡ଼ିଶାର ଅନେକ ଅଞ୍ଚଳରେ କୃଷି ଫସଲ ନଷ୍ଟ ହୋଇଥାଏ । ଆହୁରି ମଧ୍ୟ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ କୃଷି ଫସଲ ବିଶେଷ ଭାବରେ ପ୍ରଭାବିତ ହୋଇଥାଏ । ଯଥା ସମୟରେ ବର୍ଷା ନ ହେବା ଫଳରେ କୃଷି କାର୍ଯ୍ୟ ବିଳମ୍ବ ହେଉଛି ଓ ଉତ୍ପାଦନ ମଧ୍ୟ ଆଶାଜନକ ହେଉନାହିଁ । ଫାଇଲିନ, ହୁଡ୍‌ହୁଡ୍, ତିତିଲି, ଫନି, ବୁଲ୍‌ବୁଲ୍ ଭଳି ମାତ୍ୟା ସଂଗଠିତ ହୋଇ ଆମ ଓଡ଼ିଶାର ବିପୁଳ ଧନଜୀବନ ନଷ୍ଟ ହୋଇଯାଇ ଚାଷୀକୂଳର ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରିଦେଇଛି । ତଥାପି ଚାଷୀକୂଳ ଧୈର୍ଯ୍ୟ ନହରାଇ କୃଷି କାର୍ଯ୍ୟ ଜାରି ରଖି ଉତ୍ପାଦନ ବୃଦ୍ଧି କରିବାରେ ଉଦ୍ୟମ ଜାରି ରଖିଛି ।

ଆମ ଓଡ଼ିଶାର ବହୁ ଅଞ୍ଚଳ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ । ମରୁଡ଼ି ଦାଉରୁ କୃଷି ଫସଲକୁ ସୁରକ୍ଷା ଦେବାକୁ କୌଣସି ବିକଳ୍ପ ବ୍ୟବସ୍ଥା ସବୁ ଅଞ୍ଚଳରେ ହୋଇପାରିନାହିଁ । ଯେଉଁ କେତେକ ଅଞ୍ଚଳରେ କେନାଲଗୁଡ଼ିକ ଖନନ କରାଯାଇଛି ସେଥିରୁ କୃଷି କ୍ଷେତ୍ରକୁ ଜଳ ଯୋଗାଣର କୌଣସି ବ୍ୟବସ୍ଥା ଅନେକ ଅଞ୍ଚଳରେ ଏଯାଏ ହୋଇପାରିନାହିଁ । ଓଡ଼ିଶାରେ କୃଷି କାର୍ଯ୍ୟ ନିମିତ୍ତ ଉର୍ବର ମୃତ୍ତିକା ଅଧିକ ଅମଳକ୍ଷମ ବିହନ ଓ ଜଳସେଚନର ବ୍ୟବସ୍ଥା ଇତ୍ୟାଦିର ଆବଶ୍ୟକ । ଅସ୍ୱାଭାବିକ ଜଳବାୟୁର ପରିବର୍ତ୍ତନ କୃଷିକାର୍ଯ୍ୟକୁ ପ୍ରଭାବିତ କରୁଛି । ମୌସୁମୀ ବର୍ଷା ଆଉ ପୂର୍ବପରି ହେଉନାହିଁ । ଲଘୁଚାପ ବର୍ଷା କୃଷକମାନଙ୍କ ଏକମାତ୍ର ଭରସା । ଆଜି ନୂଆ ବିଜେପି ସରକାର ଏକଥା ହୃଦୟଙ୍ଗମ କରିବା ଉଚିତ୍ । କୃଷି ବିଭାଗଟିକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିବା ସହିତ କୃଷି ବଜେଟ୍‌ରେ ଅଧିକରୁ ଅଧିକ ଅର୍ଥ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ବହୁ ସଂଖ୍ୟାର କେନାଲ ଖନନ କରି କୃଷି କ୍ଷେତ୍ରକୁ ଜଳଯୋଗାଣର ବ୍ୟବସ୍ଥା କଲେ ଓଡ଼ିଶାରେ ଖାଦ୍ୟ ଶସ୍ୟର ଉତ୍ପାଦନ ଆହୁରି ଅଧିକ ବୃଦ୍ଧି ପାଇବ । କୃଷି ଓ କୃଷକର ଉନ୍ନତି ଘଟିବା ସହିତ କୃଷକର ଆୟ ମଧ୍ୟ ବୃଦ୍ଧି ପାଇବ । ଦେଶର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଆମ ଓଡ଼ିଶାରେ କୃଷକମାନଙ୍କର ଆୟ ଅତି ନଗଣ୍ୟ । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ୨୦୧୯ ମସିହାରେ ଜାତୀୟ ସ୍ତରରେ କୃଷକର ମାସିକ ଆୟ ହାରାହାରି ୧୦.୨୧୮ ଟଙ୍କା ଥିବାବେଳେ ଆମ ଓଡ଼ିଶାର କୃଷକମାନଙ୍କର ମାସିକ ଆୟ ମାତ୍ର ୫ହଜାର ୧୧୨ ଟଙ୍କା। ଏହା ଜାତୀୟ ଆୟର ଅଧା । ଠିକ୍ ସେହିପରି ଆନ୍ଧ୍ରପ୍ରଦେଶରେ କୃଷକର ମାସିକ ଆୟ ୧୦ ହଜାର ୪୮୦ ଟଙ୍କା । ଯାହାକି ଜାତୀୟ ଆୟ ଠାରୁ ଅଧିକ । ଆହୁରି ଅନେକ ପ୍ରଦେଶରେ କୃଷକମାନଙ୍କର ମାସିକ ଆୟରେ ବୃଦ୍ଧି ଘଟିଛି । କିନ୍ତୁ ଓଡ଼ିଶା କୃଷି କ୍ଷେତ୍ରରେ ସେମାନଙ୍କଠାରୁ ବହୁତ ପଛରେ ପଡ଼ିଛି ।

ଆମ ରାଜ୍ୟର ସମୃଦ୍ଧି କୃଷିର ବିକାଶ ଉପରେ ନିର୍ଭର କରିଥାଏ । କୃଷି ହିଁ ଆମ ଗ୍ରାମ୍ୟଜୀବନର ବିକାଶ ଦିଗରେ ଯେ କେବଳ ସହାୟକ ହୋଇଥାଏ ତାହା ନୁହେଁ ଏହି କୃଷି ଜୈବ ବିବିଧତାକୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ପରିବେଶ ପ୍ରଦୂଷଣ ମୁକ୍ତ କରିବାରେ କୃଷିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସବୁଜ ଶସ୍ୟ ଶ୍ୟାମଳା ଧରଣୀ ହସି ଉଠେ । କୃଷି ବିଷୟରେ ଲୋକମାନେ ଅଧିକରୁ ଅଧିକ ଜାଣିବା ଦରକାର । ବର୍ତ୍ତମାନର ସମୟରେ କୃଷି କାର୍ଯ୍ୟ ଏକ ବ୍ୟୟବହୁଳ କାର୍ଯ୍ୟ ହୋଇଥିବାରୁ ଅନେକ ଚାଷ ଜମି ଚାଷ ହୋଇ ନପାରି ପଡ଼ିଆ ପଡୁଛି । ଏଥିପାଇଁ ନୂଆ ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି ଘଟାଇବାକୁ ନିଷ୍ପତ୍ତି ନେଇଛନ୍ତି । କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ବୃଦ୍ଧି କରିବାକୁ ନିଷ୍ପତ୍ତି ନେବା ଫଳରେ କୃଷକମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ବିଜେପି ସରକାର ଗଠିତ ହେବାର ପ୍ରଥମ ଦିନରେ କ୍ୟାବିନେଟ୍ ବୈଠକ ବସି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିବାର ନିଷ୍ପତ୍ତି ନେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ମୋ ସରକାର ଜନତାଙ୍କ ସରକାର । ସାଧାରଣ ଲୋକଙ୍କ ପାଇଁ ବିଜେପି ଦେଇଥିବା ସବୁ ପ୍ରତିଶ୍ରୁତି ପୂରଣ ହେବ । କେନ୍ଦ୍ର ସରକାର କୃଷକମାନଙ୍କ ପାଇଁ ପ୍ରଣୟନ କରିଥିବା ବିକାଶମୂଳକ ଯୋଜନାଗୁଡ଼ିକ ରାଜ୍ୟରେ ଲାଗୁ କରାଯିବା କଥା ମୁଖ୍ୟମନ୍ତ୍ରୀ କହିଛନ୍ତି । କୃଷକମାନେ ଏହି ନୂଆ ସରକାରଙ୍କ ଉପରେ ଭରସା ରଖିଛନ୍ତି । ପିଏମ୍ କିଷାନ ଯୋଜନାରେ ରାଜ୍ୟର ୩୧ ଲକ୍ଷ ୬୨ ହଜାର ଚାଷୀଙ୍କୁ ୬୩୨ କୋଟି ୪୮ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇସାରିଲାଣି। ବ୍ୟାପକ ଜଳସେଚନ ବ୍ୟବସ୍ଥା, କୃଷି ଗବେଷଣା ପାଇଁ ବଜେଟ୍‌ରେ ଅଧିକ ବ୍ୟବସ୍ଥା ଓ କୃଷି ଆୟୋଗ ଗଠନ କରାଗଲେ ରାଜ୍ୟରେ କୃଷିର ବିକାଶ ସମ୍ଭବ ହୋଇପାରିବ ବୋଲି କୁହାଯାଇଛି । ନୂଆ ସରକାର କୃଷିର ବିକାଶ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କଲେ ଓଡ଼ିଶା ସମଗ୍ର ଦେଶରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିବ । ଓଡ଼ିଶାର ବିକାଶ କୃଷିର ବିକାଶ ଉପରେ ହିଁ ନିର୍ଭର କରିଥାଏ । କୃଷିକୁ ଗୁରୁତ୍ୱ ଦିଆଯାଇ ଲାଭପ୍ରଦ କରାଯାଇପାରିଲେ ଏହା କର୍ମ ସଂସ୍ଥାନ ସୃଷ୍ଟି ହେବା ସହିତ ଶିକ୍ଷିତ ଯୁବଗୋଷ୍ଠୀ ଆତ୍ମନିଯୁକ୍ତିର ସୁଯୋଗ ଲାଭ କରିପାରନ୍ତେ । ସବୁ ଚାଷଜମିକୁ ଜଳସେଚନର ସୁବିଧା ସୃଷ୍ଟି କରାଗଲେ କୃଷିର ବିକାଶ ସମ୍ଭବ ହୋଇପାରିବ ।


*କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା*
*ମୋ. ୮୯୧୭୨୧୩୦୭୩*


## ଏକବିଂଶ ଶତାବ୍ଦୀର ଏକଥା ଘଟିପାରେ?



**ଦୁନିଆର ହାଲ୍**


ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି


ଭେନେଜୁଆଲାରେ ରାଷ୍ଟ୍ରପତି ନିକୋଲାସ ଓ ତାଙ୍କ ସହଧର୍ମିଣୀ ସୁରକ୍ଷିତ ରାଷ୍ଟ୍ରପତି ଭବନରେ ରହିଥିବା ସମୟରେ ଆମେରିକା ସେନା ସେଠି ପ୍ରବେଶକରି ଆକ୍ରମଣ ଘଟାଇ ନିକୋଲାସ ଦମ୍ପତିଙ୍କୁ ବନ୍ଦୀ କରିଛନ୍ତି । କେଉଁଠି ସେମାନଙ୍କୁ ରଖାଯାଇଛି ତାହା ବିଜ୍ଞପିତ ହୋଇନାହିଁ । ଏନେଇ ଏପରି କଥା ଘଟିଯାଇଛି ଯେ ଆମେରିକାକୁ ସମସ୍ତେ ନିନ୍ଦିତ କରିଥିଲେ ମଧ୍ୟ ସେଥିପାଇଁ ତା'ର ଭ୍ରୂକ୍ଷେପ ନାହିଁ । ଏସବୁ କାର୍ଯ୍ୟାନୁଷ୍ଠାନ ହେଲାପରେ ଶ୍ରୀ ନିକୋଲାସଙ୍କୁ ମାଦକ ଦ୍ରବର ବ୍ୟବସାୟୀ କହି ତାଙ୍କୁ ବିଶ୍ୱରେ ଗୋଟିଏ ନିଚ୍ଚସ୍ତରର ମଣିଷଟିଏ ବୋଲି ପ୍ରତିପାଦିତ କଲେ । ଏହା ବିଶ୍ୱାସଯୋଗ୍ୟ କଥା ନହେଲେ ବି କେହି ଆମେରିକାକୁ ପ୍ରକୃତ ଜବାବ ଦେଇପାରୁ ନାହାନ୍ତି । ଆମେରିକାର ରାଷ୍ଟ୍ରପତି ଏପରି ପଦକ୍ଷେପମାନ ନେଲେ ଯେ ଭେନେଜୁଆଲାର ରାଷ୍ଟ୍ରପତି ଆମେରିକାର ସବୁପ୍ରକାର ଆକ୍ଷେପକୁ ଶୁଣି ଚୁପ ରହିବାକୁ ଉଚିତ ମନେକଲେ । କ'ଣ ଆଉ କରିପାରନ୍ତେ? ଅନ୍ୟ ଗୋଟିଏ ସ୍ୱାଧୀନ ରାଷ୍ଟ୍ରରେ ରାଷ୍ଟ୍ରପତିଙ୍କୁ ଆମେ ଏପରି ବନ୍ଦୀ କରିପାରିବା । ଭେନେଜୁଆଲା ସବୁ କଥାକୁ ସହିଗଲା । ରାଷ୍ଟ୍ରପତିଙ୍କୁ ନିନ୍ଦିତ କରିସାରିଲା ପରେ ସେଇ ଦେଶର ଉପରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତି କରାଗଲା । ସେ କିପରି ଆମେରିକାର ନିର୍ଦ୍ଦେଶନାମାକୁ ମାନିନେବେ, ସେଥିପାଇଁ ଆଇନର ପରିବର୍ତ୍ତନ ହୋଇଗଲା । ଏବେ ଆମେରିକାର ରାଷ୍ଟ୍ରପତି ସେଠାକାର କାର୍ଯ୍ୟକାରୀ ରାଷ୍ଟ୍ରପତି ହୋଇଛନ୍ତି । ଆମେରିକା ସେ ଦେଶରେ ତା'ର ନିୟନ୍ତ୍ରଣ ଜାହିର କରିଛି । ଗୋଟିଏ ରାଷ୍ଟ୍ର ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ଗୋଟିଏ ଦେଶକୁ ଆକ୍ରମଣ କରି ତାଙ୍କ ସରକାରଙ୍କୁ ନିୟନ୍ତ୍ରଣକୁ ନେଇ ଏପରି କରିପାରିବେ । ଏସବୁ କଳାପରେ ପରେ ଜଣାପଡିଲା ଯେ ଭେନେଜୁଆଲ ଗୋଟିଏ ଏପରି ତୈଳ ଉତ୍ପାଦନକାରୀ ଦେଶ ଯେ ତାକୁ ନିୟନ୍ତ୍ରଣରେ ରଖିଲେ ଆମେରିକା ତା'ର ତୈଳ ବ୍ୟବସାୟକୁ ସମୃଦ୍ଧ କରିପାରିବ ଓ ଅକ୍ଷୁଣ୍ଣ କରିପାରିବ । ଆମେରିକା ଓ ଋଷ ମଧ୍ୟରେ ତୈଳ ନିୟନ୍ତ୍ରଣ ପ୍ରତିଯୋଗିତାରେ ଋଷ ହାତରୁ ଏପରି ନିୟନ୍ତ୍ରଣକୁ ଛଡାଇ ନେବ । ଏବେ ପୁଣି ଅନ୍ୟଦେଶ ଉପରେ ଆମେରିକାର ଲୋଲୁପ ଦୃଷ୍ଟି ପଡିଲାଣି । କ'ଣ ସବୁ ଘଟୁଛି, ଏହା ଜାଣି ମଧ୍ୟ କେହି ଏକଥାକୁ ବିଶ୍ୱାସ କରିପାରୁ ନାହାନ୍ତି । ଭେନେଜୁଏଲା ପରେ ଏବେ ଟାର୍ଗେଟରେ ଅଛି ମେକ୍ସିକୋ । ଆମେରିକା ତା'ର ପ୍ରିୟ ଦେଶ ହେଉକି ଶତ୍ରୁ ଦେଶ ହେଉ ସମସ୍ତଙ୍କୁ ବିଭିନ୍ନ ପ୍ରକାରର ଯନ୍ତ୍ରଣା ଦେଉଛି । ଗ୍ରୀନଲାଣ୍ଡ ଓ କଲମ୍ବିଆକୁ ମଧ୍ୟ ଧମକ ଦେଇଛି । କ୍ୟୁବାକୁ ଧମକ ଦେଇଛି । ସେମାନଙ୍କ ଉପରେ ମଧ୍ୟ ତୈଳ କାରବାରରେ ଆମେରିକା ତା'ର ଗର୍ବ ଓ ଗୌରବକୁ ଶାଣିତ କରିବ । ଭେନେଜୁଆଲା ପରି ସେ ଦେଶମାନଙ୍କରେ ଓ କେତେକ ବ୍ୟବସାୟରେ ଟାରିଫ ୫୦୦ ଗୁଣା ବଢାଇଲାଣି । କାହିଁକି ଶ୍ରୀ ଟ୍ରମ୍ପଙ୍କୁ ଶ୍ରୀ ମୋଦୀ ସିଧାସଳଖ କଥାବାର୍ତ୍ତା କରି ଧନ୍ୟବାଦ ଜଣାଇଲେ ନାହିଁ, ଏଥିପାଇଁ ଶ୍ରୀ ଟ୍ରମ୍ପ ଖୁସି ହୋଇପାରିଲେ ନାହିଁ । ଏଣୁ ଟାରିଫ (ବ୍ୟବସାୟ ଜନିତ ଟିକସ) ବ୍ୟାପକ ଭାବରେ ବୃଦ୍ଧି ପାଇବ । ଆମେରିକା ଓ ଋଷିଆ ମଧ୍ୟରେ ମତପାର୍ଥକ୍ୟ କଥା ସମ୍ବାଦ ପତ୍ରମାନଙ୍କରେ ପ୍ରକାଶ ପାଇଛି । ସବୁ ବିବରଣୀ ଇଲେକଟ୍ରୋନିକ ମିଡିଆ ମାଧ୍ୟମରେ ପ୍ରକାଶ ପାଇଛି । ଏହା ଅସହ ହେଉଛି । ସର୍ବଶେଷ ଉଦବେଗଜନକ ସମ୍ବାଦ ହେଉଛି ଯେ ଆମେରିକା ଓ ଇରାନ ଯୁଦ୍ଧ ଭିତରକୁ ଟାଣି ହୋଇଯାଉଛନ୍ତି ।

ଗୋଟିଏ ଦୃଷ୍ଟାନ୍ତ ଏପରି ସୃଷ୍ଟି ହେବ ବୋଲି ଅନୁମାନ କରି ଆମ୍ଭେମାନେ ଆଲୋଚନା କରିବା । ଆମ ଦେଶ ହେଉକି ଅନ୍ୟ କେଉଁ ଦେଶର ହେଉ, ଆମେରିକାର ଭେନେଜୁଆଲା ଉପରେ ଆକ୍ରମଣକୁ କ'ଣ ଆମେ ସହିନେବା? ଅତୀତରେ କିଛି ଦୃଷ୍ଟାନ୍ତ ଅଛି ଯେତେବେଳେ ଆମ ଦେଶର କୂଟନୈତିକ ବ୍ୟକ୍ତିବିଶେଷମାନେ ଆମେରିକା ଗ୍ରସ୍ତରେ ଯାଇଥାଆନ୍ତି, ତାଙ୍କୁ ଠିକ ଯଥାର୍ଥ ଉପଯୁକ୍ତ ସମ୍ମାନ ମିଳେନାହିଁ । ଆମେ ପ୍ରତିବାଦ ଜଣାନ୍ତି । ପୁଣି ବୁଝାମଣା ସୃଷ୍ଟି ହୁଏ ଓ କଥାଟି ଛିଡେ । ପଶ୍ଚିମ ଜଗତରେ ବିଶେଷକରି ୟୁରୋପର ଦେଶମାନେ ଆମେରିକାର ଭେନେଜୁଆଲା ଉପରେ ଯେଉଁ କାର୍ଯ୍ୟାନୁଷ୍ଠାନ ହୋଇଛି ତାକୁ ଆଦୌ ପସନ୍ଦ କରିନାହାନ୍ତି । ସେଥିପାଇଁ ଆମେରିକାର ଖାତିର ନାହିଁ । ଡୋନାଲ୍ଡ ଟ୍ରମ୍ପ ଯାହା ଭାବୁଛନ୍ତି ତାହା କରୁଛନ୍ତି । ବିଶ୍ୱର ଜନମତ ତାଙ୍କ ସପକ୍ଷରେ ନଗଲେ ମଧ୍ୟ ସେ ସମଗ୍ର ବିଶ୍ୱକୁ ଅଣଦେଖା କରୁଛନ୍ତି । ସ୍ମୃତିରେ ଅଛି ପ୍ରଥମ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ହେଉଥିଲାବେଳେ ଯେଉଁମାନେ ବିଜିତ ହୋଇଥିଲେ ସେମାନେ ତାଙ୍କ ଉପରେ କୌଣସି ସର୍ତ୍ତ ଲଦି ଦିଆଯାଉ ଏକଥା ଚାହିଁନଥିଲେ । ବରଂ ଏହା ବିରୋଧରେ ପ୍ରତିବାଦ ଜଣାଇଥିଲେ । ଏବେବି ଆମେରିକା କ'ଣ ଯାହା ଚାହିଁବ ତା' କରିବ । ଏସବୁ ଘଟିଲେ ସମଗ୍ର ବିଶ୍ୱ ଆଣବିକ ଯୁଦ୍ଧ ଆଡକୁ ଟାଣି ହୋଇଯିବ । ଭେନେଜୁଆଲା ଗୋଟିଏ ଛୋଟ ଦେଶ । ଆମେରିକା ପରି ଶକ୍ତିଶାଳୀ ନୁହଁ । ତା' ବୋଲି ଆମେରିକା ଆକ୍ରମଣ କରି ତାକୁ ଅତି ନ୍ୟୂନ କରିଦେବ । ଶ୍ରୀ ନିକୋଲାସ ଦମ୍ପତିଙ୍କୁ ନିଜ ନିୟନ୍ତ୍ରଣକୁ ନେଲାପରେ ଆଉ ଗୋଟିଏ ଅଭିଯୋଗ ଆଣିଲା (ସବୁ ଦେଶମାନଙ୍କ ବିରୋଧରେ ଆଣୁଛି) ଯେ ବେନିୟମରେ ଓ ବୈଧତା ନଥାଇ ଭେନେଜୁଆଲା ହଜାର ହଜାର ସଂଖାରେ ନାଗରୀକମାନେ ଆମେରିକା ଭିତରକୁ ପଶିଆସି ବିଭ୍ରାଟ ସୃଷ୍ଟି କରୁଛନ୍ତି । ଏଣୁ ସାମରିକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଥିଲା । ଯେଉଁମାନେ ଆକ୍ରମଣ କରିଥାଆନ୍ତି, ସେମାନେ ଏପରି ଅବାନ୍ତର ଯୁକ୍ତିବାଢି ଥାଆନ୍ତି। ଏସବୁ ଦୁଃଖଦ ଘଟଣାବଳୀ ଏ ବିଷୟରେ ବିଶ୍ୱର ଶାନ୍ତିକାମୀ ଜନସାଧାରଣ ଏପରି ଅନ୍ୟାୟକୁ କ'ଣ ସହିଯିବେ?


*ଜେଲରୋଡ଼, ଖୋର୍ଦ୍ଧା,*
*ମୋ ୯୪୩୭୩୦୨୪୧୭*


## ଅସୁରକ୍ଷିତ ପଥଚାରୀ


■ ଯୁଧିଷ୍ଠିର ମହାରଣା ■


ଏବେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଚାଲିଛି । ଏମିତିରେ ଦେଖିବାକୁ ଗଲେ ବିଶ୍ୱ ଅର୍ଥନୀତିରେ ଚତୁର୍ଥ ସ୍ଥାନକୁ ଲମ୍ଫ ମାରିଥିବା ଭାରତ ସଡ଼କ ଦୁର୍ଘଟଣାକୁ ନେଇ ଅଲୋଡ଼ା ରେକର୍ଡ଼ ମଧ୍ୟ କରିଛି । ସଡ଼କ ଦୁର୍ଘଟଣାରେ କିଛି ଦିନ ତଳେ ଜନୈକ ମହିଳା ସାମ୍ବାଦିକଙ୍କ ଅଭାବନୀୟ ପରଲୋକ ଓ ପ୍ରତୀକାତ୍ମକ ଭାବେ କଟକର କିଛି ସାମ୍ବାଦିକ ବନ୍ଧୁ ଜୁଡ଼ିସିଆଲ ଏକାଡ଼େମୀରୁ ସିଡ଼ିଏ ଆଡ଼କୁ ଆସିଥିବା କିଛି ଅଞ୍ଚଳ ସ୍ୱତଃ ରାସ୍ତା ସଫା କରି ବାଲି ଓ ଅନ୍ୟ ଆବର୍ଜନା ପରିଷ୍କାର କରିଥିଲେ। ଗୋଟିଏ ସଡ଼କ ଦୁର୍ଘଟଣା ହେବାପରେ ଅନେକ ଚର୍ଚ୍ଚା, ଆଲୋଚନା, ସମୀକ୍ଷା ହୋଇଥାଏ। ବାସ୍ତବ କଥା ହେଉଛି ନିଶାସକ୍ତ ଗାଡ଼ି ଚାଳନା, ହେଲମେଟ ବ୍ୟବହାର ନ କରିବା, କଦର୍ଯ୍ୟ ରାସ୍ତା, ଭିଡ଼ ନିୟନ୍ତ୍ରଣ ଓ ପ୍ରଶାସନର ମନମାନି ଇତ୍ୟାଦି ଏହାର କାରଣ ହୋଇଥାଏ। ତେବେ ଏ ସବୁ ଭିତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ମାମଲାରେ ଯେଉଁ ତତ୍ପରତା ଦେଖାଇଛନ୍ତି ତାହା ଅନେକଙ୍କ ଭିତରେ ଆଶାର କ୍ଷୀଣ ଆଲୋକ ରେଖାଟିଏ ପରି ସ୍ପଷ୍ଟ ହୋଇଛି । ମାନ୍ୟବର ସୁପ୍ରିମକୋର୍ଟ ପଥଚାରୀଙ୍କ ସୁରକ୍ଷା ପ୍ରତି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବର୍ତ୍ତମାନର ସଡ଼କରେ ଯାନବାହାନର ସଂଖ୍ୟା ଯାହା, ବେଲଗାମ ଟ୍ରାଫିକ ବ୍ୟବସ୍ଥା ଏସବୁକୁ ଦେଖିଲେ ଅନେକ ପାଦରେ ଚାଲିବାକୁ ନିରାପଦ ମନେ କରୁଛନ୍ତି । ସେହିପରି ପ୍ରାପ୍ତ ହେଉ ବା ସାଂଧ ଭ୍ରମଣ ଏହା ବରିଷ୍ଠ ନାଗରିକଙ୍କ ଠାରୁ ମହିଳା ଏପରିକି ଶିଶୁ ଓ ଦିବ୍ୟାଙ୍ଗ ସମସ୍ତଙ୍କ ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ବିକଳ୍ପ । ତେବେ ଖୋଦ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣାରେ ପଥଚାରୀଙ୍କ ସଂଖ୍ୟା ପାଖାପାଖି ୨୫ ଭାଗ ।

ପଥଚାରୀଙ୍କ ପାଇଁ ସଡ଼କରେ ଯେଉଁଳି ବ୍ୟବସ୍ଥା କରିବା କଥା ତାହାର ଅଭାବରୁ ଏଭଳି ଘଟୁଥିବା ସମସ୍ତେ ଜାଣିଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତା ଓ ଉଦାସୀନତା ଯୋଗୁଁ ପରିସଂଖ୍ୟାନ ଉପରମୁହାଁ ହେଉଛି । ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଫୁଟପାଥ ବା ପାଦଚଲା ସ୍ଥାନ ବୁଲାବିକାଳୀମାନେ ମାଡ଼ି ବସୁଥିବା ବେଳେ ବାହୁବଳ ଓ ଅର୍ଥବଳରେ ଫୁଟପାଥକୁ କବଜା କରୁଥିବା ସ୍ଥାୟୀ ଦୋକାନୀମାନଙ୍କର ସଂଖ୍ୟା କମ ନୁହେଁ । ଫୁଟପାଥକୁ ଜବରଦଖଲମୁକ୍ତ କରିବା କାମ କାହାର ସେ ଭାଗବଣ୍ଟା ଛିଣ୍ଡୁ ନଥିବାରୁ ଜଣେ ଆଉ ଜଣଙ୍କ ମୁଣ୍ଡକୁ ଦାୟିତ୍ୱ ଠେଲି ଦେଇ ଖସି ଯାଉଛନ୍ତି ଏବଂ ବିଚରା ପଥଚାରୀ ହିଁ ପରାଭବ ଭୋଗିବା ସାର ହେଉଛି। ଏହାଛଡ଼ା ପଥଚାରୀମାନେ ଜନଗହଳିପୂର୍ଣ୍ଣ ରାସ୍ତା ଓ ଛକକୁ ସୁରକ୍ଷିତ ଭାବେ ପାରି ହେବା ପାଇଁ ଅନେକ ସ୍ଥାନରେ ବ୍ୟବସ୍ଥା ନାହିଁ, ଯେଉଁଠାରେ ବ୍ୟବସ୍ଥା ଅଛି ତାହାର ଅନୁପାଳନ ହେଉନାହିଁ । ଟ୍ରାଫିକ ପରିଚାଳନା ଅଭାବରୁ ମଧ୍ୟ ଅନେ ସମୟରେ ଦୁର୍ଘଟଣା ଘଟୁଛି । ଏ ସମସ୍ୟାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ନ୍ୟାୟାଳୟ ପଥଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଥିବା ବେଳେ ବେନିୟମ ଓ ବିନା ହେଲମେଟରେ ଗାଡ଼ି ଚଳନା, ଏଲଇଡ଼ି ଲାଇଟର ପ୍ରଭାବକୁ ଯଥା ସମ୍ଭବ ନିୟନ୍ତ୍ରଣ ପାଇଁ ଆବଶ୍ୟକ ନିୟମ ଆଣିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ରାଜ୍ୟ ସରକାର ଓ ପୌରପାଳିକା / ମହାନଗର ନିଗମ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

ଭାରତୀୟ ରୋଡ଼ କଂଗ୍ରେସର ମାର୍ଗଦର୍ଶିକା ଅନୁଯାୟୀ ପଥଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ବିଧେୟ। ଏଥିପାଇଁ ଫୁଟପାଥର ଡିଜାଇନ ମଧ୍ୟ ପରିକଳ୍ପନା କରାଯାଇଛି । ଆଇଆରସି ମାର୍ଗଦର୍ଶିକା ୧୦୩-୨୦୨୨ ଅନୁଯାୟୀ ଫୁଟପାଥର ଚଉଡା ଆବାସିକ ଅଞ୍ଚଳରେ ୪ ମିଟର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୬.୫ ମିଟର ଏବଂ ଉଚ୍ଚତା ୧୫୦ ମିଲିମିଟର ରହିବା ବିଧେୟ। କିନ୍ତୁ ଆମ ଫୁଟପାଥ ଗୁଡ଼ିକର ସ୍ଥିତି କ'ଣ ତାହା ଆମେ ଅଳ୍ପେ ବହୁତେ ଜାଣିଛେ। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ମେଟ୍ରୋ ସହର ମାନଙ୍କରେ ଫୁଟପାଥର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଧାର୍ମିକ, ଅନୁଷ୍ଠାନ, ଐତିହାସିକ, ଶିକ୍ଷାୟତନ, ସ୍ୱାସ୍ଥ୍ୟ କେନ୍ଦ୍ର, ସାଧାରଣ ଅଭିଯୋଗ କାର୍ଯ୍ୟାଳୟ ଅଦାଲତ, ବଜାର, ହାଟ, ପାର୍କ, ସିନେମା ହଲ ଆଦି ନିକଟରେ ପଥଚାରୀଙ୍କ ଦୁର୍ଘଟଣା ଅଧିକ ହେଉଥିବାରୁ ସେଠାରେ ବିହିତ ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଅଧିକ ଯତ୍ନଶୀଳ କଥା ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ଯଥୋଚିତ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ପଥଚାରୀମାନଙ୍କ ଫୁଟପାଥ ସମ୍ବନ୍ଧୀୟ ଅଭିଯୋଗ ଦାଖଲ ଏବଂ ସମସ୍ୟା ସମାଧାନ ପାଇଁ ଅନଲାଇନ ପୋର୍ଟାଲ ଖୋଲିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ପୌରପାଳିକାମାନଙ୍କୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ପଥଚାରୀଙ୍କ ସୁରକ୍ଷାସର୍ବାଗ୍ରେ ହୋଇଥିବାରୁ ଏହି ନିର୍ଦ୍ଦେଶନାମାର ଯେପରି ଯଥାଶୀଘ୍ର ପାଳନ ହୋଇପାରିବ ସେଥିପ୍ରତି ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇ କହିଛନ୍ତି ଯେ ଆସନ୍ତା ଛଅମାସ ମଧ୍ୟରେ ରାଜ୍ୟମାନେ ମୋଟର ଭେହିକିଲ ଆକ୍ଟ ଧାରା ୧୩୮ (ଆଇଏ) ଅନୁଯାୟୀ ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନେ ଧାରା ୨୦୧୦-ଡି ଅନୁଯାୟୀ ଆବଶ୍ୟକ ନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ ।

ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ସହ ରାସ୍ତାରେ ଗାଡ଼ି ସଂଖ୍ୟା ମଧ୍ୟ ଲମ୍ଫୁଛି । ଦ୍ରୁତ ଗାଡ଼ି ଚାଳନା, ନିଶାସକ୍ତ ଗାଡ଼ିଚାଳନା, ରାସ୍ତାଘାଟର ଦୁରବସ୍ଥା, କର୍କଶ ହର୍ଣ୍ଣ ଏସବୁକୁ ଦେଖିଲେ ରାସ୍ତାରେ ଚାଲି ଚାଲି ଯାଉଥିବା ଲୋକଟି ପ୍ରତି ଅନ୍ତତଃ ଟ୍ରାଫିକ ପୋଲିସମାନଙ୍କ ଠାରୁ କୌଣସି ସହାୟତା ମିଳିନଥାଏ । ପ୍ରଭାବଶାଳୀ ତଦାରଖ ଓ ଉତ୍ତରଦାୟୀ ପ୍ରଶାସନ ଦ୍ୱାରା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଉଭୟ କେନ୍ଦ୍ର ଓ ରାଜ୍ୟ ପାଇଁ ନିର୍ଦ୍ଦିଷ୍ଟ ସମୟ ଭିକ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ରଖନ୍ତୁ । ଏହି ମର୍ମରେ ମନେପଡୁଛି କିଛି ଦିନ ତଳେ ପୁରୀ ଜିଲ୍ଲାର ଏକ ବିଦ୍ୟାଳୟର ପିଲାମାନଙ୍କର ରାସ୍ତା ଆରପଟେ ଥିବା ବିଦ୍ୟାଳୟକୁ ପହଞ୍ଚିବା ପାଇଁ ରାସ୍ତା ଅତିକ୍ରମ ସମସ୍ୟାକୁ ଓଡ଼ିଶା ଉଚ୍ଚନ୍ୟାୟାଳୟ ଗୁରୁତର ଭାବେ ଗ୍ରହଣ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ପରେ ସମସ୍ୟାର ସମାଧାନ ହୋଇଥିଲା। ତେବେ ସବୁ ପ୍ରସଙ୍ଗରେ ଅଦାଲତି କାର୍ଯ୍ୟାନୁଷ୍ଠାନ ବିଳମ୍ବ ହୋଇଯାଇଥାଏ । ତେଣୁ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନତାର ଗୁରୁଦାୟିତ୍ୱ ରହିଛି ।


ଓଡ଼ିଶା ହାଇକୋର୍ଟ, କଟକ,
ମୋ. ୯୪୩୭୧୬୩୫୨୮

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୬ ଜାନୁଆରୀ ୨୦୨୬ ଶୁକ୍ରବାର ପୃଷ୍ଠା ୫

ଦେଶ ସ୍ୱାଧୀନତା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ଏକ ବୈଠକ ଡକାଇଥିଲେ । ଏହା ଥିଲା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ପ୍ରଥମ ବୈଠକ ଓ ଏକମାତ୍ର ଲକ୍ଷ୍ୟ ଥିଲା ଭାରତୀୟ ସେନାର ପ୍ରଥମ ସେନାଧ୍ୟକ୍ଷ ନିର୍ବାଚନ । ପଣ୍ଡିତ ନେହରୁ ପ୍ରସ୍ତାବ ଦେଲେ ଯେହେତୁ ଏହା ପୂର୍ବରୁ କୌଣସି ଭାରତୀୟ ସୈନିକଙ୍କର ସମୁଦାୟ ସେନାର ନେତୃତ୍ୱ ନେବା ପରି ଅଭିଜ୍ଞତା ନାହିଁ ତେଣୁ ଜଣେ ବ୍ରିଟିଶ ସେନା ଅଧିକାରୀଙ୍କୁ ଭାରତୀୟ ସେନାର ସେନାଧ୍ୟକ୍ଷ ଭାବରେ ନିଯୁକ୍ତି ଦେବା ପାଇଁ ।

# ଆମ ସ୍ଥଳସେନା



ବୈଠକରେ ଉପସ୍ଥିତ ସମସ୍ତେ ଏହି ପ୍ରସ୍ତାବ ପ୍ରତି ସମର୍ଥନ ଜଣାଇଲେ ମାତ୍ର ଲ୍ୟୁଟନାଣ୍ଟ ଜେନେରାଲ ନାଥୁ ସିଂହ ରାଠୋର ନାମକ ଜଣେ ସୈନିକ ପ୍ରତିବାଦର ସ୍ୱର ଉତ୍ତୋଳନ କଲେ ଏବଂ କହିଲେ, 'ମହାଶୟ! ଆମର ମଧ୍ୟ ଗୋଟିଏ ଦେଶକୁ ନେତୃତ୍ୱ ଦେବାର ଅଭିଜ୍ଞତା ନାହିଁ । ତେଣୁ ଆମେ ଭାରତର ପ୍ରଧାନମନ୍ତ୍ରୀ ଭାବରେ ଜଣେ ବ୍ରିଟିଶ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ଉଚିତ୍ ହେବ ନାହିଁ କି? ତାଙ୍କର ପ୍ରସ୍ତାବ ଶୁଣି ସମୁଦାୟ କୋଠରି ସ୍ତବ୍ଧ ହୋଇଗଲା ।

ପଣ୍ଡିତ ନେହରୁ ସେହି ସୈନିକଙ୍କୁ ପଚାରିଲେ ଆପଣ ଭାରତୀୟ ସେନାର ପ୍ରଥମ ସେନାଧ୍ୟକ୍ଷ ହେବା ପାଇଁ ଇଚ୍ଛୁକ କି? ଏହା ଏକ ସୁବର୍ଣ୍ଣ ସୁଯୋଗ ହୋଇଥିଲେ ମଧ ଦେଶପ୍ରେମୀ ରାଠୋର୍ ତାଙ୍କ ବରିଷ୍ଠ ଅଧିକାରୀ ଲ୍ୟୁଟନାଣ୍ଟ ଜେନେରାଲ କେ.ଏମ୍. କାରିଆପ୍ପା ସବୁଠାରୁ ଯୋଗ୍ୟ ଓ ଦକ୍ଷ ପ୍ରାର୍ଥୀ ବୋଲି ମତ ରଖିଥିଲେ । ତାଙ୍କର ଏହି ପ୍ରସ୍ତାବ ପରବର୍ତ୍ତୀ ସମୟରେ ବାସ୍ତବାୟିତ ହୋଇଥିଲା ଏବଂ ଲ୍ୟୁଟନାଣ୍ଟ ଜେନେରାଲ କାରିଆପ୍ପା ସ୍ଥଳସେନାର ପ୍ରଥମ ସେନାଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ୧୯୪୯ ମସିହା ଆଜିର ଦିନରେ ।



୧୭୭୬ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ସରକାର କୋଲକାତାଠାରେ ଭାରତୀୟ ସେନା ଗଠନ କରିଥିଲେ । ବର୍ତ୍ତମାନ ଭାରତୀୟ ସେନା ବିଶ୍ୱର ସର୍ବବୃହତ୍ ସ୍ୱେଚ୍ଛାସେବୀ ସେନା । ଅର୍ଥାତ୍ ସାରା ବିଶ୍ୱରେ ସବୁଠାରୁ ଅଧିକ ସଂଖ୍ୟକ ଭାରତୀୟ ନାଗରିକ ନିଜ ଇଚ୍ଛାରେ ସେନାରେ ଯୋଗ ଦେଇଛନ୍ତି । ଭାରତୀୟ ସମ୍ବିଧାନରେ ସାମରିକ ବାଧ୍ୟତାର ବିକଳ୍ପ ଥିଲେ ମଧ କେବେବି ଏହା ଲାଗୁ କରାଯାଇ ନାହିଁ । ଭାରତୀୟ ସେନା ପୃଥିବୀର ତୃତୀୟ ସର୍ବବୃହତ୍ ସ୍ଥଳସେନା । ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଯଥାକ୍ରମେ ଚୀନ୍ ଓ ଆମେରିକା ଅଛନ୍ତି । ସାରା ବିଶ୍ୱରେ ମାତ୍ର ତିନୋଟି ଅଶ୍ୱାରୋହୀ ସେନା ବାହିନୀ ବା କାଭାଲ୍‌ରି ରେଜିମେଣ୍ଟ ଅଛି, ଭାରତର ସଶସ୍ତ୍ର ଅଶ୍ୱାରୋହୀ ସେନା ବାହିନୀ ଏ ମଧ୍ୟରୁ ଅନ୍ୟତମ ।

ଜାତିସଂଘର ଶାନ୍ତି ଅଭିଯାନରେ ସର୍ବାଧିକ ଯୋଗଦାନ ରହିଛି ଭାରତୀୟ ସେନାର । ସେହିପରି ଜଙ୍ଗଲ ଯୁଦ୍ଧ ଓ ଉଚ୍ଚ ଅକ୍ଷାଂଶ ପାର୍ବତ୍ୟ ଯୁଦ୍ଧ କୌଶଳରେ ଭାରତୀୟ ସେନାର ସମକକ୍ଷ କେହି ବି ନୁହନ୍ତି । ରୁଷ, ଯୁକ୍ତରାଜ୍ୟ, ଆମେରିକା ଓ ଅନ୍ୟ କେତେକ ଦେଶ ନିଜର ସେନାକୁ ପାର୍ବତ୍ୟ ଯୁଦ୍ଧ କୌଶଳ ତାଲିମ ପାଇଁ ଗୁଲମାର୍ଗ ସ୍ଥିତ ହାଇ ଅଲ୍‌ଟିଚ୍ୟୁଡ୍ ୱାର୍‌ଫେୟାର ସ୍କୁଲ୍‌କୁ ପଠାନ୍ତି ।

ଭାରତୀୟ ସେନା କେବେ ମଧ କୌଣସି ସାମରିକ ବିଦ୍ରୋହରେ ସଂଶ୍ଳିଷ୍ଟ ହୋଇନାହିଁ କିମ୍ବା କେବେ କୌଣସି ଯୁଦ୍ଧ ଆରମ୍ଭ କରିନାହିଁ । ପୃଥିବୀ ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର ସିଆଚୀନ ଗ୍ଲାସିଅର୍ (ସମୁଦ୍ର ପତ୍ତନରୁ ୫୦୦୦ ମିଟର ଉଚ୍ଚାତରେ) ଭାରତୀୟ ସେନା ନିୟନ୍ତ୍ରଣରେ ଅଛି । ଭାରତୀୟ ସେନାରେ ଜାତି ଧର୍ମ ଆଧାରରେ କୌଣସି ନିଯୁକ୍ତି ବ୍ୟବସ୍ଥା ନାହିଁ । ଏଠାରେ ଶାରୀରିକ ସାମର୍ଥ୍ୟ ଓ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଏ ।

ଭାରତୀୟ ସେନା ସର୍ବବୃହତ୍ ସାମରିକ ଆତ୍ମସମର୍ପଣ ଗ୍ରହଣ କରିବାର ଉପଲବ୍ଧି ହାସଲ କରିଛି । ୧୯୭୧ରେ ଭାରତୀୟ ସେନା ନିକଟରେ ୯୩୦୦୦ ଜଣ ପାକିସ୍ତାନୀ ସୈନିକ ଆତ୍ମସମର୍ପଣ କରିଥିଲେ । ଏହାଥିଲା ପାକ୍ ବିଭାଜନ ତଥା ବାଂଲାଦେଶ ସ୍ଥାପନ ଜନିତ ଯୁଦ୍ଧ ।

କେରଳରେ ଭାରତୀୟ ସଶସ୍ତ୍ର ବଳର ଏଝିମାଲା ନାଭାଲ୍ ଏକାଡେମୀ ସମଗ୍ର ଏସିଆରେ ବୃହତ୍ତମ ।

ଭାରତୀୟ ସେନା ବୀରତ୍ୱ ପାଇଁ ପ୍ରସିଦ୍ଧ କିନ୍ତୁ ଖୁବ୍ କମ୍ ଲୋକ ଜାଣନ୍ତି ମିଲିଟାରୀ ଇଂଜିନିୟରିଂ ସର୍ଭିସ୍ ଭାରତର ସର୍ବବୃହତ୍ ନିର୍ମାଣକାରୀ ଅନୁଷ୍ଠାନ । ଏହା ବିଶ୍ୱର ସର୍ବୋଚ୍ଚ ବ୍ରିଜ୍ ବେଲି ବ୍ରିଜ୍ ଲଦାଖ୍ ଉପତ୍ୟାକାର ସୁରୁ ଓ ଦ୍ରାସ୍ ନଦୀ ଉପରେ ନିର୍ମାଣ କରିଛି ।

ଭାରତର ସର୍ବବୃହତ୍ ବେସାମରିକ ଉଦ୍ଧାର କାର୍ଯ୍ୟର ରେକର୍ଡ ମଧ ରହିଛି ଭାରତୀୟ ସେନା ନାମରେ । ୨୦୧୩ ମସିହାରେ ଭାରତୀୟ ସେନା ଦ୍ୱାରା ଗ୍ରହଣ କରାଯାଇଥିବା ଅପରେସନ 'ରାହତ'ରେ ଭାରତୀୟ ବାୟୁସେନା ଉତ୍ତରାଖଣ୍ଡର ବନ୍ୟା ପ୍ଲାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ କରିଥିଲା । ୨୧୪୦ ଥର ହେଲିକପ୍ଟର ଯୋଗେ ୨୦୦୦୦ ଜଣ ଲୋକଙ୍କୁ ବନ୍ୟା ଘେରରୁ ଉଦ୍ଧାର କରାଯିବା ସହ ୩୮୨୪୦୦ କେଜି ରିଲିଫ୍ ସାମଗ୍ରୀ ପକାଯାଇଥିଲା ।

ଭାରତୀୟ ସେନା ହାରିଥିବା ଏକମାତ୍ର ଯୁଦ୍ଧ ହେଉଛି ୧୯୬୨ ମସିହାର ଭାରତ-ଚୀନ୍ ଯୁଦ୍ଧ । ଏହା ଭାରତୀୟ ସେନାର ଅବହେଳା କିମ୍ବା ଅସାମର୍ଥ୍ୟ କାରଣରୁ ହୋଇନଥିଲା ବରଂ ରାଜନୈତିକ ମାର୍ଗ ଦେଇ ଯୁଦ୍ଧକୁ ପରିଚାଳନ କରିବାରେ ପ୍ରତିରକ୍ଷା ମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ତ୍ରୁଟି ଯୋଗୁଁ ହୋଇଥିଲା । ସେନାକୁ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇନଥିଲା କିମ୍ବା ବାୟୁସେନାର ସହଯୋଗ ମଧ ପ୍ରଦାନ କରାଯାଇ ନଥିଲା । ଭାରତୀୟ ସେନାର ପରାଜୟ ପରେ ଜଣେ ବରିଷ୍ଠ ଚୀନ୍ ସେନାଧିକାରୀ ସ୍ୱୀକାର କରିଥିଲେ ଯେ ଭାରତୀୟ ସେନାର ନିଷ୍ଠା ଏବଂ ସାହସର କୌଣସି ଅଭାବ ନଥିଲା ଯୁଦ୍ଧ ସମୟରେ ।



---

୧୫ ଜାନୁୟାରୀ ଆମ ଭାରତୀୟମାନଙ୍କ ପାଇଁ ଏକ ଜାତୀୟ ଦିବସ ଯାହାକୁ ଆମେ 'ସେନା ଦିବସ' ରୂପେ ପାଳନ କରୁ । 'ସେନା' କହିଲେ ପଦାତିକ, ଆକାଶ ଏବଂ ନୌସେନାମାନଙ୍କୁ ସାମଗ୍ରୀକ ଭାବେ ବୁଝାଏ । କିନ୍ତୁ ଏଠାରେ 'ସେନା ଦିବସ' କହିଲେ କେବଳ 'ସ୍ଥଳସେନା' ଦିବସ ବୋଲି ଧରି ନେବାକୁ ହେବ । ୧୫ ଜାନୁଆରୀଟି ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ୧୫ ଜାନୁଆରୀ ୧୯୪୯ ମସିହାରେ ସ୍ୱାଧୀନତାପ୍ରାପ୍ତି ପରେ ଆମର ଲେଫ୍‌ଟନାଣ୍ଟ ଜେନେରାଲ କେ.ଏମ୍. କାରିଆପ୍ପା ବ୍ରିଟିଶ୍ କମାଣ୍ଡର-ଇନ୍-ଚିଫ୍ ସାର୍ ଫ୍ରାନ୍‌ସିସ୍ ବୁଚର୍‌ଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । କାରିଆପ୍ପା ହେଉଛନ୍ତି ଭାରତୀୟ ପଦାତିକ





# ସେବାରେ ଭାରତୀୟ ସେନା

ବାହିନୀର ସ୍ୱାଧୀନତା ପରର ପ୍ରଥମ କମାଣ୍ଡର-ଇନ୍-ଭାରତୀୟ ଚିଫ୍ । ଏଣୁ ଏହି ଦିବସଟି ତାଙ୍କ ଦାୟିତ୍ୱ ଗ୍ରହଣର ସ୍ମୃତି ତଥା ଯେଉଁ ଅମର ଯବାନମାନେ ଏ ଦେଶ ପାଇଁ ବୀରତ୍ୱ ଓ ସାହସିକତାର ସହ ପ୍ରାଣବଳୀ ଦେଉଛନ୍ତି । ସେମାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଓ ସମ୍ମାନ ପ୍ରଦର୍ଶନ ପାଇଁ ପ୍ରତିବର୍ଷ ଏହି ୧୫ ଜାନୁଆରୀ ଦିବସଟି ଆମ ସେନା ଦିବସ ରୂପେ ପାଳନ କରୁଅଛୁ ।

ସେନାବାହିନୀ ଦିବସରେ ଭାରତର ରାଜଧାନୀ ଦିଲ୍ଲୀ ଏବଂ ସମସ୍ତ ମୁଖ୍ୟ ହେଡ୍‌କ୍ୱାର୍ଟର୍ସମାନଙ୍କରେ ସାମରିକ ପରେଡ଼ ଓ କଳା-କୌଶଳ ମାନ ପ୍ରଦର୍ଶନ କରାଯାଇଥାଏ । ଏହି ଅବସରରେ ଦିଲ୍ଲୀର ଇଣ୍ଡିଆ ଗେଟ୍ ଠାରେ ଥିବା 'ଅମର ଯବାନ ଜ୍ୟୋତି' ପ୍ରତି ପ୍ରଥମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଓ ସ୍ମୃତି ତର୍ପଣ କରାଯାଏ । ଏହାପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚାଲୁରୁହେ । ଏହି ଅନ୍ୟାନ୍ୟ କାର୍ଯ୍ୟକ୍ରମମାନଙ୍କ ମଧ୍ୟରେ ଅଛି ସୈନିକମାନଙ୍କୁ 'ସାହାସୀ ପଦକ' ପ୍ରଦାନ । ଏହିଦିନ ଜାମ୍ମୁ ଓ କାଶ୍ମୀରରେ ମଧ ବଛା ବଛା କିଛି ସୈନିକଙ୍କୁ 'ସେନା ମଡେଲ' ଓ 'ବିଶିଷ୍ଟ ସେନା ମେଡାଲ' ପ୍ରଦାନ କରାଯାଏ । ଭାରତୀୟ ସେନା ଯେ କୌଣସି କଠିନ ଏବଂ ଦୁଃସାଧ ପରିସ୍ଥିତିରେ ଯୁଦ୍ଧ ପାଇଁ ସଦା ପ୍ରସ୍ତୁତ । କେବେ କେବେ ଧୂ ଧୂ ଖରାରେ ତତଲା ବାଲିରେ ମରୁଭୂମିରେ ତ, କେତେବେଳେ ସୁ-ଉଚ୍ଚ ବରଫାବୃତ ସିଆଚୀନ୍ ଅଞ୍ଚଳରେ କେବେ ପୁଣି ଇଣ୍ଡୋ-ଚୀନ୍ ସୀମାରୁ ଭୁଟାନ୍ ଅଞ୍ଚଳର 'ଡୋକଲାମ' ବିବାଦୀୟ ସୀମାରେ ସେମିତି ଇଣ୍ଡୋପାକ ଏବଂ ଇଣ୍ଡୋ-



ବଙ୍ଗଳାଦେଶ ସୀମାରେ ତାଙ୍କ ପଇଁତରା ବା ପହରା । ଜୀବନକୁ ନାହିଁ ଭ୍ରୁକ୍ଷେପ, ମୃତ୍ୟୁକୁ ନାହିଁ ଭୟ । ଆତ୍ମୀୟମାନଙ୍କ ଠାରୁ ଦୂରେଇ ରହି ଏକମାତ୍ର ବ୍ରତ ଦେଶ ମାତୃକାର ସେବା ।

ଦେଶରକ୍ଷାରେ ଯୁଦ୍ଧ ତାଙ୍କ ବ୍ରତ । ତା' ବ୍ୟତୀତ ପ୍ରାକୃତିକ ଦୁର୍ବିପାକ ଯଥା- ବନ୍ୟା, ବାତ୍ୟା, ଭୂମିକମ୍ପ, ଭୂପାତ ସୁନାମୀ, ଅଗ୍ନିଉତ୍ପାତ ଏବଂ ଏମିତି ଯାହା କିଛି ବିପତ୍ତି ବେଳେ ମାନବୀୟ ସେବା, ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟକୁ ସେମାନେ ଛିଡ଼ା । ବିଶ୍ୱଶାନ୍ତି ପାଇଁ ଜାତିସଂଘ ଡାକରାରେ ସଦା ତିଆର । ସଂପର୍କର ସେତୁରେ ଅନ୍ୟ ଦେଶ ସୈନ୍ୟଙ୍କ ସହ ସେମାନଙ୍କର ସମରାଭ୍ୟାସ, ଗଣ୍ଡଗୋଳ, ଦଙ୍ଗା ହଙ୍ଗମା, କନ୍ଦଳ ଆନ୍ଦୋଳନ, ହଇଗୋଳ କି ହରତାଳ ବେଳେ ଶାନ୍ତି ଓ ସୁଧାର ପାଇଁ ସେମାନେ ଉଦ୍ୟମ, ଏମିତିରେ ସେମାନଙ୍କ ସେବାକୁ ଭଣିବାକୁ ଭାଷା ନାହିଁ ।

ଭାରତ ସ୍ୱାଧୀନତା ପରଠୁ ଅନେକବାର ଯୁଦ୍ଧ ଦେଖିଛି । ସେଥିମଧ୍ୟରୁ ଭାରତ-ପାକ୍ ଯୁଦ୍ଧ ୧୯୪୮, ୧୯୬୫, ୧୯୭୧ ଏବଂ ୧୯୯୯ କାର୍ଗିଲ ଯୁଦ୍ଧ । ଚୀନ୍ ସହ ୧୯୬୨ ଓ ୧୯୬୭ର ଯୁଦ୍ଧ । ଏହା ବ୍ୟତୀତ ୧୯୫୯ର ତିବ୍ବତ ବିଦ୍ରୋହ, ୧୯୮୪ର ସ୍ୱର୍ଣ୍ଣ ମନ୍ଦିର ବିଦ୍ରୋହରେ ବିଦ୍ରୋହୀ ସାମ୍ନା କରିଛି ଭାରତୀୟ ସେନା, ସେମିତି ସଂସଦଭବନ ଆକ୍ରମଣ ଠାରୁ ଆରମ୍ଭ କରି ଅନେକ କିଛି ସାମ୍ନା କରିଛି ଭାରତୀୟ ସେନା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ୨୯ ସେପ୍ଟେମ୍ବର ୨୦୧୬ ରାତିରେ ପିଓକେର ଥିବା ଆତଙ୍କବାଦୀ ପ୍ରତି ସର୍ଜିକାଲ ଷ୍ଟ୍ରାଇକ୍ । ଭାରତୀୟ ସେନା ତା'ର ସୈନ୍ୟବଳ ଏବଂ ଅସ୍ତ୍ରଶସ୍ତ୍ରରେ ବେଶ୍ ଆଗାଇଛି ।

ଏବେ ନିକଟରେ ଇଣ୍ଡିଆନ୍ ଏୟାରଫୋର୍ସର ମାର୍ଶାଲ ଘୋଷଣା କରିଛନ୍ତି ଯେ ଆମ ଚିରାଚରିତ ଶତ୍ରୁ ପାକିସ୍ତାନ ଓ ଚୀନ ଯଦି ଏକ ସମୟରେ ଆମକୁ ଆକ୍ରମଣ କରନ୍ତି ତେବେ ଭାରତର ସୈନ୍ୟବଳ ଯେ କୌଣସି ପରିସ୍ଥିତିରେ ସେମାନଙ୍କୁ ସାମ୍ନା କରିବାକୁ ପ୍ରସ୍ତୁତ । ଏଥିରୁ ଆମ ସୈନ୍ୟବଳର ଦକ୍ଷତା ଓ ସାମର୍ଥ୍ୟ ନେଇ କିଛି ବି ପ୍ରଶ୍ନ କରିବାର ନାହିଁ । ଭାରତୀୟ ସେନା ଆମ ଦେଶର ଜାଗ୍ରତ ପ୍ରହରୀ । ସେମାନେ ତାଙ୍କ ସେବା ଓ ଜୀବନ ବିନିମୟର ଆମକୁ ଦେଇଛନ୍ତି ଶାନ୍ତି, ସୁଖସୁପ୍ତି, ନିରାପତ୍ତା ଏବଂ ନିଶ୍ଚିତ ନିଶ୍ଚିନ୍ତତା ।

---

# ସାରା ବିଶ୍ୱରେ ସୈନିକ ଦିବସ



ପ୍ରତିବର୍ଷ ଜାନୁଆରୀ ୧୫ ତାରିଖକୁ ଭାରତ ସ୍ଥଳ ସେନା ଦିବସ ଭାବରେ ପାଳନ କରେ । ୧୯୪୯ ମସିହା ଏହି ଦିନରେ ଲେଫ୍ଟନାଣ୍ଟ ଜେନେରାଲ କେ.ଏମ୍.କାରିୟାପ୍ପା ଶେଷ ବ୍ରିଟିଶ କମାଣ୍ଡର ସାର୍ ଫ୍ରାନ୍ସିସ୍ ବୁଚର୍‌ଙ୍କ ଠାରୁ ଭାରତୀୟ ସ୍ଥଳସେନାର ପ୍ରଥମ କମାଣ୍ଡର ଇନ୍ ଚିଫ୍ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଦିନରେ ରାଜଧାନୀ ଦିଲ୍ଲୀ ସମେତ ଅନ୍ୟ ୬ଟି ସେନା ମୁଖ୍ୟାଳୟରେ ପରେଡ ଓ ମିଲିଟାରୀ ଶୋ' ଅନୁଷ୍ଠିତ ହୁଏ । କେବଳ ଭାରତ ନୁହେଁ ବିଶ୍ୱର ପ୍ରାୟ ସମସ୍ତ ଦେଶ ନିଜର ଦେଶର ବୀର ସିପାହୀ ମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟ ସେନା ଦିବସ ପାଳନ କରନ୍ତି ।

**ଆର୍ମେନିଆ** : ୧୯୯୨ରେ ଆର୍ମେନିଆ ସ୍ୱାଧୀନ ଗଣତାନ୍ତ୍ରିକ ଦେଶର ମାନ୍ୟତା ପାଇବା ପରଠାରୁ ଜାନୁଆରୀ ୨୮ ତାରିଖକୁ ଏହା ସଶସ୍ତ୍ର ବାହିନୀ ଦିବସ ଭାବରେ ପାଳନ କରେ । ଏହିଦିନ ଦେଶର ସେନାବାହିନୀ ଗଠିତ ହୋଇଥିଲା।

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ : ୧୯୧୫ ମସିହାରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ସଶସ୍ତ୍ର ବାହିନୀ ସ୍ଥାପନ ହେବା ସ୍ମୃତିରେ ପ୍ରତି ବର୍ଷ ଏପ୍ରିଲ ୨୫ ତାରିଖରେ ସେନା ଦିବସ ପାଳନ କରାଯାଏ। ଏହା ଏକ ସାର୍ବଜନୀନ ଛୁଟି।

ଆଜାରବୈଜାନ : ଏଠାରେ ସଶସ୍ତ୍ର ସେନା ଦିବସ ପାଳନ ହୁଏ ଜୁନ୍ ୨୬ ତାରିଖରେ।

ବାଙ୍ଗଲାଦେଶ : ପାକିସ୍ତାନ ଠାରୁ ମୁକ୍ତି ସଂଗ୍ରାମ ସ୍ମୃତିରେ ୨୧ ନଭେମ୍ବରକୁ ବାଙ୍ଗଲାଦେଶ ଆର୍ମଡ଼ ଫୋର୍ସ ଡେ ଭାବରେ ପାଳନ କରେ। ଏହି ଦିନ ଢ଼ାକା ଠାରେ ଥିବା ଶିଖା ଅନିର୍ବାଣ ଠାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ତିନିବାହିନୀର ମୁଖ୍ୟ ଫୁଲ ଶ୍ରଦ୍ଧାଞ୍ଜଳି ଦିଅନ୍ତି। ଏହି ଦିନ ଦେଶବ୍ୟାପୀ ନାନା ଉତ୍ସବ ପାଳନ ହୁଏ। ଏଥିସହ ସବୁ ମିଲିଟାରୀ ଷ୍ଟେସନରେ ସୈନିକଙ୍କ ପରିବାରବର୍ଗଙ୍କ ପାଇଁ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରାଯାଏ।

**ବ୍ରାଜିଲ** : ଯୁଦ୍ଧ ନାୟକ ଲୁଇସ୍ ଆଇଲେସ୍ ଡେ ଲିମା ଇ-ସିଲଭାଙ୍କ ସହ ସମ୍ମାନରେ ତାଙ୍କ ଜନ୍ମଦିନ ୨୮ ଅଗଷ୍ଟକୁ ପାଳନ କରାଯାଏ ସୈନିକ ଦିବସ ଭାବରେ। ଅକ୍ଟୋବର ୨୩କୁ ବୈମାନିକ ଦିବସ ଓ ଡିସେମ୍ବର ୧୩ ତାରିଖକୁ ନାବିକ ଦିବସ ଭାବରେ ପାଳନ କରାଯାଏ।

**ବୁଲଗେରିଆ** : ବୁଲଗେରିଆ ଆର୍ମିର ପୃଷ୍ଠପୋଷକ ସନ୍ଥ ସେଣ୍ଟ



ଜର୍ଜଙ୍କ ଜନ୍ମଦିନକୁ ୬ ମେ'କୁ ବୀରତ୍ୱ ଦିବସ ଭାବେ ପାଳନ କରାଯାଏ।

**କାନାଡ଼ା** : କାନାଡିଆନ୍ ଫୋର୍ସ ଡେ ପାଳିତ ହୁଏ ପ୍ରତିବର୍ଷ ଜୁନ୍ ମାସର ପ୍ରଥମ ରବିବାରରେ। କାନାଡ଼ାର ସୈନ୍ୟସେବା, ସେମାନଙ୍କ ଐତିହ୍ୟ ଓ ବ୍ୟକ୍ତିତ୍ୱକୁ ସମ୍ମାନିତ କରାଯାଏ ଏ ଦିନରେ।

**ଚିଲି** : ସେପ୍ଟେମ୍ବର ୧୮ ତାରିଖ ସ୍ୱାଧୀନତା ଦିବସ। ଏହା ପରଦିନ ଅର୍ଥାତ୍ ସେପ୍ଟେମ୍ବର ୧୯ ତାରିଖରେ ପାଳିତ ହୁଏ ସମସ୍ତ ସେନା ଦିବସ।

**ଚୀନ** : ୧୯୨୭ରେ ଅଗଷ୍ଟ ୯ ତାରିଖରେ ଚୀନରେ ପିପୁଲ୍ସ ଲିବରେସନ ଆର୍ମିର ପ୍ରତିଷ୍ଠା ହୋଇଥିଲା। ଏହି ଦିନ ପାଳିତ ହୁଏ ଚୀନର ସେନା ଦିବସ।

**ଇଜିପ୍ଟ** : ଅକ୍ଟୋବର ୬ ତାରିଖକୁ ଇଜିପ୍ଟ ସଶସ୍ତ୍ର ବାହିନୀ ଦିବସ ଭାବରେ ପାଳନ କରେ। ଏହି ଦିନ ୧୯୭୩ ମସିହାରେ ଅକ୍ଟୋବର ୱାର ଆରମ୍ଭ ହୋଇଥିଲା। ଏହି ଯୁଦ୍ଧରେ ଇଜିପ୍ଟ ସେନା ସୁଏଜ୍ କେନାଲ ଅତିକ୍ରମ କରି ବାରଲେଭ ଲାଇନ୍ ଅକ୍ତିଆର କରିଥିଲେ।

**ଫ୍ରାନ୍ସ** : ଜୁଲାଇ ୧୪ ତାରିଖ ଜାତୀୟ ଦିବସ ଅବସରରେ ଫ୍ରାନ୍ସ ନିଜର ସଶସ୍ତ୍ର ସେନାକୁ ସମ୍ମାନିତ କରେ। ଏହି ଅବସରରେ ଏକ ବିଶାଳ ସେନା ପରେଡ଼ ଅନୁଷ୍ଠିତ ହୁଏ। ଏହା ୟୁରୋପର ସର୍ବବୃହତ୍ ଏବଂ ସର୍ବ ପୁରାତନ ମିଲିଟାରୀ ପରେଡ଼।

**ଜର୍ଜିଆ** : ୧୯୯୧ ମସିହାରେ ଜର୍ଜିଆନ୍ ଆର୍ମଡ଼ ଫୋର୍ସ ଗଠନର ସ୍ମୃତିରେ ଏପ୍ରିଲ ୩୦ ତାରିଖକୁ ଜର୍ଜିଆ ସଶସ୍ତ୍ର ଦିବସ ଭାବରେ ପାଳନ କରେ।

**ହଙ୍ଗେରି** : ମେ' ୨୧ ତାରିଖକୁ ହଙ୍ଗେରି ଦେଶ ଭକ୍ତ ଓ ବୀର ଦିବସ ଭାବରେ ପାଳନ କରେ ।

**ଇଣ୍ଡୋନେସିଆ** : ଅକ୍ଟୋବର ୫ ତାରିଖରେ ପିପୁଲ୍ସ ସିକ୍ୟୁରିଟି ଆର୍ମିର ଗଠନ ସ୍ମୃତିରେ ଇଣ୍ଡୋନେସିଆର ଜାତୀୟ ସଶସ୍ତ୍ର ବାହିନୀ ଦିବସ ପାଳନ କରାଯାଏ ।

**ଇରାନ** : ଏପ୍ରିଲ ୧୮ ତାରିଖରେ ସେନା ଗଠନ ଦିବସ



ପାଳନ କରେ ଇରାନ ।

**ଇରାକ** : ଜାନୁଆରୀ ୬ ତାରିଖରେ ଇରାକୀ ସଶସ୍ତ୍ର ବାହିନୀ ଦିବସ ପାଳିତ ହୁଏ ।

**ଇସ୍ରାଏଲ** : ୟୋମ ହାଜି କାରୋନ ବା ସ୍ମୃତି ଦିବସ ପାଳନ ହୁଏ ହବ୍ରୁ କ୍ୟାଲେଣ୍ଡରର ଇୟାର ମାସର ଚତୁର୍ଥ ଦିନରେ । ଏହା ପରଦିନ ପାଳିତ ହୁଏ ଇସ୍ରାଏଲ ସ୍ୱାଧୀନତା ଦିବସ । ୧୯୪୮ ମସିହାରେ ଏହି ଦିନରେ ସ୍ୱତନ୍ତ୍ର ଇସ୍ରାଏଲ ଗଠନ ହୋଇଥିଲା । ଇସ୍ରାଏଲର ସୁରକ୍ଷାରେ ଜୀବନକୁ ବଳି ଦେଇଥିବା ଏବଂ ଉଗ୍ରବାଦର ଶିକାର ହୋଇଥିବା ସୈନିକମାନଙ୍କ ସମ୍ମାନରେ ଇସ୍ରାଏଲ ସ୍ମୃତି ଦିବସ ପାଳନ କରେ ।

**ଇଟାଲୀ** : ପ୍ରଥମ ବିଶ୍ୱଯୁଦ୍ଧରେ ଇଟାଲୀର ବିଜୟ ଲାଭର ସ୍ମୃତିରେ ନଭେମ୍ବର ୪ ତାରିଖରେ ପାଳିତ ହୁଏ ଇଟାଲୀର ସଶସ୍ତ୍ର ସେନା ଦିବସ । ନଭେମ୍ବର ୪ ତାରିଖ ୧୯୧୮ ମସିହାରେ ଅଷ୍ଟ୍ରିୟା ଓ ହେଙ୍ଗରି ସେନା ମଧ ଯୁଦ୍ଧ ବିରତି ହୋଇଥିଲା, ଇଟାଲୀ ସୀମାରେ ଯୁଦ୍ଧ ସମାପ୍ତ ହୋଇଥିଲା ଏହି ଦିନ ।

**ଜାପାନ** : ଜାପାନ ସାମ୍ରାଜ୍ୟରେ ସେନା ବିଜୟ ଦିବସ ପାଳନ ହେଉଥିଲା ମାର୍ଚ୍ଚ ୧୦ ତାରିଖରେ । ମୁକ୍‌ଡେନ ଯୁଦ୍ଧରେ ବିଜୟ ସ୍ମୃତିରେ ପାଳିତ ହେଉଥିଲା ଏହା । ମେ ୨୪ ତାରିଖରେ ସୁଷିମା ଯୁଦ୍ଧ ବିଜୟ ସ୍ମୃତିରେ ନୌସେନା ବିଜୟ ଦିବସ ପାଳନ କରାଯାଏ । ୧୯୦୬ ମସିହାରୁ ୧୯୪୫ ମସିହା ପର୍ଯ୍ୟନ୍ତ ଏହି ଦିବସଗୁଡ଼ିକ ପାଳନ କରାଯାଉଥିଲା । ଦ୍ୱିତୀୟ ଯୁଦ୍ଧ ପରେ ଜାପାନ ସ୍ୱସୁରକ୍ଷା ବାହିନୀ ଦିବସ ଭାବରେ ନଭେମ୍ବର ୧ ତାରିଖକୁ ପାଳନ କରୁଛି ୧୯୬୬ ମସିହା ଠାରୁ।

**ଲେବାନନ**: ଅଗଷ୍ଟ ୧ ତାରିଖରେ ଲେବାନନ ସଶସ୍ତ୍ର ବାହିନୀ ଦିବସ ପାଳନ ହୁଏ।

**ମିଆଁମାର** : ୧୯୪୫ ମସିହାରେ ଜାପାନ କବଳରୁ ମୁକ୍ତି ପାଇଁ ବର୍ମିୟ ସେନାର ଉଦ୍ୟମ ଆରମ୍ଭ ହୋଇଥିଲା ମାର୍ଚ୍ଚ ୨୭ ତାରିଖରେ। ଏହି ଦିନକୁ ଆର୍ମି ଫୋର୍ସ ଡେ ଭାବରେ ପାଳନ କରେ ମିଆଁମାର ।

**ମେକ୍ସିକୋ** : ୧୯୫୦ ମସିହା ଠାରୁ ଫେବୃଆରୀ ୧୯ ତାରିଖକୁ ମେକ୍ସିକୋ ସଶସ୍ତ୍ର ସେନା



ଦିବସ ଭାବରେ ପାଳନ କରାଯାଉଛି ।

**ନାଇଜେରିଆ** : ନାଇଜେରିଆରେ ଜାନୁଆରୀ ୧୫ ତାରିଖରେ ଆର୍ମି ଫୋର୍ସ ଡେ ପାଳନ ହୁଏ। ତେବେ ଔପଚାରିକ ଭାବରେ ନଭେମ୍ବର ୧ ତାରିଖକୁ ରାଜ୍ୟ ଗୋଷ୍ଠୀ ଦେଶଗୁଡ଼ିକର ବିଶ୍ୱଯୁଦ୍ଧ ସୈନିକମାନଙ୍କ ସ୍ମୃତିରେ ରିମେମ୍ବରାନ୍ସ ଭାବରେ ପାଳନ କରାଯାଏ ।

**ପାକିସ୍ତାନ** : ପାକିସ୍ତାନରେ ସ୍ଥଳସେନା ଦିବସ ଯଥାକ୍ରମେ ସେପ୍ଟେମ୍ବର ୬ ତାରିଖ, ସେପ୍ଟେମ୍ବର ୮ ତାରିଖ ଏବଂ ସେପ୍ଟେମ୍ବର ୭ ତାରିଖରେ ପାଳିତ ହୁଏ ।

**ପେରୁ** : ନିଜ ଦେଶର ବୀର ସୈନିକ ମାନଙ୍କ ପାଇଁ ପେରୁବାସୀ ସେପ୍ଟେମ୍ବର ୨୪ ତାରିଖରେ ପେରୁ ସଶସ୍ତ୍ର ବାହିନୀ ଦିବସ ପାଳନ କରନ୍ତି । ତେବେ ପେରୁ ସେନା ଡିସେମ୍ବର ୯ ତାରିଖକୁ ନିଜ ବିଜୟ ସ୍ମୃତିରେ ସେନା ଦିବସ ଭାବରେ ପାଳନ କରନ୍ତି । ଏହିଦିନ ପେରୁ ସେନା ଆୟଚୁଚୋ ଯୁଦ୍ଧରେ ବିଜୟୀ ହୋଇଥିଲେ । ଏହା ସ୍ୱାଧୀନତା ପାଇଁ ପେରୁମାନଙ୍କର ସଂଗ୍ରାମକୁ ଅନ୍ତିମ ରୂପ ଦେଇଥିଲା ।

**ରୋମାନିଆ** : ୨୫ ଅକ୍ଟୋବରରେ ରୋମାନିଆ ସଶସ୍ତ୍ର ସେନା ଦିବସ ପାଳନ କରେ। ୧୯୪୪ ମସିହାରେ ଏହି ଦିନ ରୋମାନୀୟ ସେନା ଶେଷ ରୋମାନ ସହର କାରେଇକୁ ବିଦେଶୀ ଜବରଦଖଲରୁ ମୁକ୍ତ କରିଥିଲା । ରୋମାନୀୟ ସେନା ରାଜା ମିହାଇ ପ୍ରଥମ ଜନ୍ମଦିନ ଅବସରରେ ତାଙ୍କୁ ଏହି ଉପହାର ଦେଇଥିଲେ ।

*ଡ. ଅରୁନ୍ଧତୀ ଦେବୀ*
*ମୋ. ୯୯୩୭୧୭୨୮୧୦*






ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୬ ଜାନୁଆରୀ ୨୦୨୬ । ଶୁକ୍ରବାର

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ : ବୃଦ୍ଧ କୋର୍ଟ ଚାଲାଣ

**ଭଦ୍ରକ,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ବୃଦ୍ଧ ଗିରଫ । ବୃଦ୍ଧଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ପୋଲିସ । ପ୍ରଲୋଭନ ଦେଖା ଦୁଷ୍କର୍ମ କରିଥିଲେ ବୋଲି ପରିବାର ଲୋକ ଅଭିଯୋଗ ଆଣିଥିଲେ । ଅଭିଯୋଗ ପାଇବା ପରେ ଅଭିଯୁକ୍ତ ବୃଦ୍ଧଙ୍କୁ ଗିରଫ କରିଛି ପୋଲିସ । ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା ।

ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଅଧିନସ୍ଥ ଗୋଟେ ପଞ୍ଚାୟତରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି । ଜଣେ ବୃଦ୍ଧ ପଡ଼ୋଶୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଗତ ଜାନୁଆରୀ ୧୧ ତାରିଖରେ ଘଟିଥିଲା ଘଟଣା । ପରିବାର ଲୋକେ ଏ ଘଟଣା ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାର କରି ବୃଦ୍ଧଙ୍କୁ ଥାନାରେ ଅଟକ ରଖିବା ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ପୋଲିସ ସୂଚନା ଦେଇଛି । ନାବାଳିକାଙ୍କ ଡାକ୍ତରୀ ମାଇନା ପରେ ପରିବାର ଲୋକଙ୍କ ହସ୍ତାନ୍ତର କରାଯାଇଛି । ନାବାଳିକା ଜଣକ ସମସ୍ତ କଥା କହିବାରୁ ପରିବାର ଲୋକ ଆରତି ଫାଣ୍ଡିରେ ଏନେଇ ଅଭିଯୋଗ କରିଥିଲେ ।

## ପ୍ଲାଷ୍ଟିକ୍ ମୁକ୍ତ ସଚେତନତା



**କୋଣାର୍କ,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବନବିଭାଗ ପକ୍ଷରୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ ଭାବେ ସ୍ୱଚ୍ଛ ଓ ସୁନ୍ଦର ପରିବେଶ କରି ଗଢ଼ିବା ଉଦ୍ଦେଶ୍ୟ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ପରିଲକ୍ଷିତ ହୋଇଛି । ଏହି ଅବସରରେ ଅନୁରୂପ ଭାବେ ବୁଧବାର ପୂର୍ବାହ୍ନରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ବେହେରାଙ୍କ ନେତୃତ୍ୱରେ ରାମଚଣ୍ଡୀ ବନପାଳ ତପନ କୁମାର ନାୟକ, କୋଣାର୍କ ବନପାଳ କାର୍ତ୍ତିକ ମୁଣ୍ଡା, ମେରାଇନ ଥାନା ଏଏସଆଇ ସୂର୍ଯ୍ୟମଣି ମାଝୀଙ୍କ ତତ୍ତ୍ୱାବଧାନରେ ରାମଚଣ୍ଡୀ ଠାରୁ ଚନ୍ଦ୍ରଭାଗା ସମୁଦ୍ର କୂଳ ପର୍ଯ୍ୟନ୍ତ ଫେଲେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ବନକର୍ମଚାରୀମାନଙ୍କ ସହ ସ୍କୁଲ ଛାତ୍ରଛାତ୍ରୀ ଓ କରମଙ୍ଗା - ଶ୍ରୀକଣ୍ଠପୁର ଇଡିସିର ସଦସ୍ୟମାନେ ସହଯୋଗ କରିଥିଲେ । ପର୍ଯ୍ୟଟନସ୍ଥଳୀକୁ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ଓ ପଶୁ ପକ୍ଷୀଙ୍କ ନିରାପତ୍ତା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା । ସ୍ଥାନୀୟ ଲୋକଙ୍କ ସହ ବାହାରୁ ଆସିଥିବା ପର୍ଯ୍ୟଟକମାନଙ୍କୁ ବ୍ୟବହାର ହେଉଥିବା ପ୍ଲାଷ୍ଟିକକୁ ଜଙ୍ଗଲ ମଧ୍ୟରେ ଏଣେତେଣେ ନପକାଇ ଡଷ୍ଟବିନ୍‌ରେ ପକାଇବାକୁ ସଚେତନତା ବାର୍ତ୍ତା ଲେଖା ସମ୍ବଳିତ ପ୍ଲାଗକାର୍ଡ ଧରି ଛାତ୍ରଛାତ୍ରୀମାନେ ଶୋଭାଯାତ୍ରା କରିଥିଲେ । ପରେ ସମୁଦ୍ର କୂଳ ସମେତ ବାଲୁଖଣ୍ଡ ଅଭୟାରଣ୍ୟକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ କରି ଏକ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ଭାବେ ଗଢିତୋଳିବା ପାଇଁ ସମୂହ ଶପଥ ନେଇଥିବା ଜଣାପଡିଛି ।

# ଏବେ ଦନ୍ତା ଜଙ୍ଗଲ ଛାଡି ଜନବସତିରେ





**କାଳିଆପାଣି,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ବନଖଣ୍ଡର ଯାଜପୁର ଜିଲ୍ଲା ସୁକିନ୍ଦା ଓ ଟମକା ବନାଞ୍ଚଳରେ ସାଢେ ୪ ମାସ ଧରି ସାଧାରଣରେ ଚିନ୍ତା ବଢାଉଛନ୍ତି ୨ ଗୋଟଛଡା ଦନ୍ତାହାତୀ । ଗତ ୩ ବର୍ଷ ଧରି ବହୁ ସମସ୍ୟାରେ ଢେଙ୍କାନାଳ ବନଖଣ୍ଡ କପିଳାସ ଅଭୟାରଣ୍ୟରୁ ପଳାଇ ଆସୁଥିବା ବାହୁବଳୀ ଦନ୍ତା ଓ ଗତ ଅକ୍ଟୋବର ୨୮ ତାରିଖରୁ ଢେଙ୍କାନାଳର ଭୁବନ ବନାଞ୍ଚଳ ବଡାରିଷିକେଶ ଓ କାନଖାଇ ଜଙ୍ଗଲ ପଟୁ ଆସିଥିବା ଅନ୍ୟ ଏକ ଦନ୍ତା ଏବେ ଜଙ୍ଗଲ ପରିବର୍ତ୍ତେ ଜନବସତି ପାଖେ ଘୁରି ବୁଲୁଛନ୍ତି । ଗାଁଗାଁରେ ପଶି ଧାନ ଖାଉଛନ୍ତି, ନଡିଆ ଓ କଦଳୀ କ୍ଷେତ ଉଜାଡୁଛନ୍ତି । ଯାହାକି ବନ ବିଭାଗ ପାଇଁ ଅଡୁଆ ହୋଇଛି ।

ବନ ବିଭାଗ ପାଇଁ ଜଙ୍ଗଲ ସୁରକ୍ଷା ତୁଳନାରେ ୨ ହାତୀର ଗତିବିଧି ନିରୀକ୍ଷଣ ଓ ଜନ ସାଧାରଣଙ୍କୁ ସଚେତନ କରାଇବା କାର୍ଯ୍ୟ ମୁଖ୍ୟ ହୋଇଛି । ଦୁଗୁରି ତୁବିଖାଲ ଜଙ୍ଗଲରେ ଥିବା ଉଗ୍ର ସ୍ୱଭାବର ଦନ୍ତା ସଂଧ୍ୟା ଦ୍ରୁତଗତିରେ ସୁକିନ୍ଦା ବନାଞ୍ଚଳର କେନ୍ଦୁଆକଣ, ପୁରୁଷୋତ୍ତମପୁର ଓ ସାପୁଆପାଳ ବାଟରେ ସୁକିନ୍ଦାଗଡ ରଥଛକରେ ପହଞ୍ଚିଥିଲା । ସାହିରେ ବେପରୋୟା ବୁଲିବା ସହ ବଦବାଳରେ ଚାଲିଚାଲି ସୁକିନ୍ଦା ଥାନା ପର୍ଯ୍ୟନ୍ତ ଯାଇଥିଲା । ରେଙ୍ଗାଲି ବାମ କେନାଲ, ଗୋଲେଖପୁର ଓ ପୁବଳ ବାଟରେ ଦନ୍ତା ସକାଳୁ ଭୁବନର କାନଖାଇ ଜଙ୍ଗଲ ମୁହାଁ ହୋଇଛି । ରେଞ୍ଜର ସତ୍ୟବ୍ରତ ପ୍ରଧାନ, ବନପାଳ ମନୋରମା ହୋତା, ରାମ ତିରିଆ ଓ ପ୍ରଶାନ୍ତ ହେମ୍ବ୍ରମଙ୍କ ନେତୃତ୍ୱରେ ବନରକ୍ଷୀ ଲଲାଟେନ୍ଦୁ କର୍ଓ ଓ କାଲାଇ ବାନସିଂଙ୍କ ସମେତ ୨୦ ଜଣିଆ ବନବାହିନୀ ହାତୀକୁ ଜଗି ରହିଥିଲେ ।

ସାଢେ ୪ ମାସ ପୂର୍ବରୁ ଏହି ଦନ୍ତା ସାଥୀ ମାଇହାତୀ ସହ ଢେଙ୍କାନାଳ ବନଖଣ୍ଡ ଭୁବନ ରେଞ୍ଜ ପଟୁ ଜାତୀୟ ରାଜପଥ-୫୩ ବାଟରେ ସୁକିନ୍ଦା ବୋଚଲଣ୍ଡା ଗାଁରେ ଉପଦ୍ରବ କରିଥିଲା । କପିଳାସ ଅଭୟାରଣ୍ୟର ଅନ୍ୟ ଏକ ଶାନ୍ତ ସ୍ୱଭାବର ଦନ୍ତାହାତୀ (ବାହୁବଳୀ) ସାଥୀରେ ଟମକା, ବ୍ରାହ୍ମଣୀପାଳ, ଆନନ୍ଦପୁର ଓ ଦେଓଗାଁ ରେଞ୍ଜ ବୁଲିଥିଲା । ବାହୁବଳୀ ଦନ୍ତା ଯିବା ଓ ଫେରିବା ବାଟରେ ଅଧିକାଂଶ ସମୟ ଜନବସତି ପାଖେ ଘୁରି ବୁଲୁଥିଲା । ସେପ୍ଟେମ୍ବର ୨୨ ତାରିଖରେ ଏହା କପିଳାସ ଫେରି ଯାଇଥିଲା । ଦେଓଗାଁରୁ ଏକୁଟିଆ ହୋଇଯାଇଥିବା ଉକ୍ତ ଦନ୍ତା ଦେଢମାସ ଧରି ସୋର ଓ କୁଲହଡା ଜଙ୍ଗଲରେ ରହିଥିଲା ।

ଡିସେମ୍ବର ୧୯ ତାରିଖରେ ସୋର କୁପାରାରେ ଜଣେ ଲୋକଙ୍କୁ ଦଳି ମାରିଥିଲା । କିଛିଦିନ ପୂର୍ବରୁ ଏହି ଦନ୍ତା ନାଳଗିରି ଇଲାକାରେ ଆଉ ଜଣଙ୍କୁ କଚାଡି ମାରିଥିଲା । ଭଦ୍ରକ, ଆନନ୍ଦପୁର, ଟମକା, ସୁକିନ୍ଦା ବନାଞ୍ଚଳ ହୋଇ ଢେଙ୍କାନାଳ ଫେରିବା ବାଟରେ ଦନ୍ତା ଖଣ୍ଡିଅଞ୍ଚଳର ବିଭିନ୍ନ ଗ୍ରାମରେ ପଶି ଧାନ ଖାଇଥିଲା । ବାଡିବଗିଚାର ନଡିଆଗଛ ଓ କଦଳୀଗଛକୁ ଉଜାଡିଥିଲା । ଗତ ୨୭ ତାରିଖରେ ରଗଡା ସ୍କୁଲ ପାରେରେ ଭାଙ୍ଗି ରଗଡା ଡ୍ୟାମ ତଳେ କାମାକ୍ଷାନଗର (ପୂର୍ବ) ବନାଞ୍ଚଳ ପଳାଇଥିଲା । ୧୦ ଦିନ ପରେ ଦନ୍ତା ପୁଣି ସୁକିନ୍ଦା ଓ ଟମକା ବନାଞ୍ଚଳକୁ ଫେରି ଉପଦ୍ରବ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି ।

## କାମାକ୍ଷୀ ପୀଠରେ ମକର ମେଳା

**ଶେରଗଡ,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଶେରଗଡ ବ୍ଲକର ନରେନ୍ଦ୍ରପୁର ପଞ୍ଚାୟତରେ ଅବସ୍ଥିତ କାମାକ୍ଷୀ କ୍ଷେତ୍ରରେ ବୁଧବାର ମକର ମେଳା ଅନୁଷ୍ଠିତ ହୋଇଯାଇଛି । ମା'କାମାକ୍ଷୀଙ୍କୁ ବ୍ରହ୍ମ ମୁହୂର୍ତ୍ତରେ ମହାସ୍ନାନ, ମଙ୍ଗଳ ଆଳତୀ, ଭୋଗ ନିବେଦନ ଓ ମହାବେଶ କରାଯାଇଥିଲା । ଏହା ପରେ ସାଧାରଣ ଦର୍ଶନ ସୁଯୋଗ ଦିଆଯାଇଥିଲା । ମା'ଙ୍କୁ ଦର୍ଶନ କରିବା ଲାଗି ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ଏହା ପରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସ୍ଥାନୀୟ ଗ୍ରାମର ଯୁବକ ଓ ହିଞ୍ଜିଳି ପୋଲିସ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା । ମନ୍ଦିରରେ ପ୍ରାତଃ କାଳରେ ପୂଜାର୍ଚ୍ଚନା ସହିତ ଅଖଣ୍ଡ ନାମଯଜ୍ଞ, ଅନ୍ନଯଜ୍ଞ ସହିତ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ମେଳାକୁ ନରେନ୍ଦ୍ରପୁର ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ସରପଞ୍ଚ ଗୁରୁନାଥ ପୋଲାଇ, ସଞ୍ଜୟ କୁମାର ସ୍ୱାଇଁ, ଆସିକା ସମବାୟ ଚିନି ଶିଳ୍ପ ନିର୍ଦ୍ଦେଶକ ଶତ୍ରୁଘ୍ନ ସ୍ୱାଇଁ, ଦିପୁ ପାତ୍ରଙ୍କ ସହ ବହୁ ଯୁବକ, ଗ୍ରାମବାସୀ, ଦୂରଦୂରାନ୍ତରୁ ଆସିଥିବା ଭକ୍ତ ସହଯୋଗ କରିଥିଲେ ।

## ବରିଷ୍ଠ ନାଗରିକ ମଞ୍ଚ

**କେନ୍ଦ୍ରାପଡ଼ା,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ଗ୍ରାମ ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆୟବା ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ପଡୋଶୀ ଗ୍ରାମ ପଞ୍ଚାୟତ ପୁରୁଷୋତ୍ତମର ୩ଜଣ ବରିଷ୍ଠ ନାଗରିକ ଯୋଗଦାନ କରିଥିଲେ । ଉକ୍ତ ବୈଠକରେ ସଭାପତି ଅମୂଲ୍ୟ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ନାଗରିକ ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ସ୍ୱାଇଁ ସଂଯୋଜନା କରିଥିଲେ । ଓଡିଶା ହାଇକୋର୍ଟର ସରକାରୀ ଆଇନଜୀବୀ ଅଭିନାଷ ପଣ୍ଡା ମୁଖ୍ୟ ଅତିଥି ଭାବେ ଯେଗଦାନ କରି ଦୁଇଟି ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବରିଷ୍ଠ ନାଗରିକ ବିଜୟ କୁମାର ସ୍ୱାଇଁ, ନାନୁ ଚରଣ ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସାନ୍ତଶାହି ଠାରୁ ଗଣ୍ଡାଖିଆ ପର୍ଯ୍ୟନ୍ତ ତୁରନ୍ତ ମରାମତି କରିବା ଓ ନରଣପୁର ଠାରେ ଥିବା +୨ ବିଜ୍ଞାନ କଲେଜର ଦୁରବସ୍ଥା ସଂର୍ପକରେ ଆଲୋଚନା କରାଯାଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ତାଙ୍କୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ଦାୟିତ୍ୱ ନାନୁ ଚରଣ ଦାସ ଓ ଅମୁଲ୍ୟ କୁମାର ସ୍ୱାଇଁ, ସ୍ୱାଧିନ ସ୍ୱାଇଁଙ୍କୁ ଅର୍ପଣ କରାଯାଇଥିଲା । ଗଣ୍ଡାଖିଆ ଠାରେ ଏକ ଫାଣ୍ଡି ସ୍ଥାପନ କରିବା ଓ ଏସ୍‌ବିଆଇର ଏଟିଏମ୍ କେନ୍ଦ୍ର ସ୍ଥାପନ ବିଷୟ ମଧ୍ୟ ଆଲୋଚନା କରାଯାଇଥିଲା । ଏ ସମ୍ପର୍କିତ ତୁରନ୍ତ ପଦକ୍ଷେପ ନେବାକୁ ଅଭିନାଷ ପଣ୍ଡା ମହୋଦୟଙ୍କୁ ଦାୟିତ୍ୱ ଅର୍ପଣ କରାଗଲା । ବରିଷ୍ଠ ନାଗରିକ ହୃଷିକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ହାଇସ୍କୁଲରେ ରାଜ୍ୟ ପୁରସ୍କାର ଟେଷ୍ଟ କ୍ୟାମ୍ପ

**କେନ୍ଦ୍ରାପଡ଼ା,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପିଏମଶ୍ରୀ କୋରୋ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ କେନ୍ଦ୍ରାପଡ଼ା ଜିଲ୍ଲାର ଭାରତ ସ୍କାଉଟସ ଆଣ୍ଡ ଗାଇଡସ ପକ୍ଷରୁ ତିନିଦିନିଆ ରାଜ୍ୟ ପୁରସ୍କାର ପରୀକ୍ଷା ଶିବିର ଉଦଯାପିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ର ଓ ସ୍କାଉଟ ମାଷ୍ଟର ଜଗନ୍ନାଥ ପ୍ରସାଦ ଉପାଧ୍ୟାୟଙ୍କ ସହଯୋଗରେ ଆରମ୍ଭ ହୋଇଥିବା ଏହି ଶିବିରରେ ପରୀକ୍ଷକ ଭାବରେ ବିଏସଜି ଓଡିଶା ରାଜ୍ୟ ମୁଖ୍ୟାଳୟରୁ ସନ୍ତୋଷ ଦେଓ ଏବଂ ଲକ୍ଷ୍ମୀଧର ମହାପାତ୍ର ଯୋଗଦେଇ ପରୀକ୍ଷା ପରିଚାଳନା କରିଥିଲେ । ଜିଲ୍ଲା ସ୍କାଉଟ୍ସ ଟ୍ରେନିଂ କମିଶନର ସରୋଜକାନ୍ତ ବିଶ୍ୱାଳ ଓ ଗାଇଡ୍ ଟ୍ରେନିଂ କମିଶନର ହରପ୍ରିୟା କରଙ୍କ ସଂଯୋଜନାରେ ଆରମ୍ଭ ହୋଇଥିବା ଶିବିରର ପ୍ରଥମ ଦିନରେ ଜିଲ୍ଲା ସ୍କାଉଟ କମିଶନର ପୀତବାସ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ପ୍ରଥମ ଦିନରେ ଜିଲ୍ଲାର ୧୩ଟି ବିଦ୍ୟାଳୟରୁ ୧୬୮ଜଣ, ଦ୍ୱିତୀୟ ଦିନ ୧୪ସ୍କୁଲରୁ ୧୭୯ଜଣ ଓ ଶେଷଦିନ ୧୫ଟି ସ୍କୁଲରୁ ୧୯୯ ଜଣ ଛାତ୍ରଛାତ୍ରୀ ସ୍କାଉଟ୍ସ ଆଣ୍ଡ ଗାଇଡସ ଶିବିରରେ ଯୋଗଦେଇ ରାଜ୍ୟ ପୁରସ୍କାର ପରୀକ୍ଷା ଦେଇଥିଲେ । ଜିଲ୍ଲା ବିଏସଜି ଯୁଗ୍ମ ସମ୍ପାଦକ ଜ୍ୟୋତିର୍ମୟ ନାୟକ, ସ୍କାଉଟ ସାଙ୍ଗଠନିକ କମିଶନର ଦେବରାଜ ନାୟକ ଓ ଜିଲ୍ଲାର ସମସ୍ତ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନମାନେ ଶିବିରକୁ ସମ୍ପୂର୍ଣ୍ଣ ଭାବେ ସଫଳ କରିଥିଲେ ।

## ଅଲେଖ ମହିମା ଧ୍ୱନିରେ ପ୍ରକମ୍ପିତ ସହର

**ରାଜନଗର,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ହାଇଦ୍ରାବାଦ ଠାରେ ଅଖଣ୍ଡ ବ୍ରହ୍ମ ଧ୍ୱନି ସଂଘ ପକ୍ଷରୁ ଶୂନ୍ୟପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣର ଭାବ ନେଇ ଓଡିଶାର ବିଭିନ୍ନ ପ୍ରାନ୍ତରୁ କାମ କରୁଥିବା ସୁଦୂର ହାଇଦ୍ରାବାଦ ଠାରେ ଏକାଠି ହୋଇଥିଲେ ହଜାର ହଜାର ଶ୍ରଦ୍ଧାଳୁ । ଅଲେଖ ମହିମା ଧ୍ୱନିରେ ଫାଟି ପଡୁଥିଲା ସମଗ୍ର ଅଞ୍ଚଳୟ ସୁଦୂର ହାଇଦ୍ରାବାଦ ଗାଦିରେ ବୁଧବାର ଠାରୁ ଆରମ୍ଭ ହୋଇଥିବା ମକର ସଂକ୍ରାନ୍ତି (ଏକାଦଶୀ)ରେ ଏପରି ଦୃଶ୍ୟ ହିଁ ଦର୍ଶାଉଥିଲା ମହିମା ଗୋସାଇଁଙ୍କ ପ୍ରତି ଥିବା ଆକୁଣ୍ଠ ବିଶ୍ୱାସକୁ୍ୟ ପ୍ରଥମ ଦିବସରେ ୨୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ବିଶ୍ୱ କଲ୍ୟାଣ ମନ୍ତ୍ରରେ ସଭିଏଁ ହୋଇଉଠିଥିଲେ ଏକାକାର । ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ପୂର୍ବ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ଅନୁଯାୟୀ ବୁଧବାର ପ୍ରାତଃ ସମୟରୁ ଶୂନ୍ୟପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା । ଏହାପରେ ଭକ୍ତମାନେ ଶରଣ ଦର୍ଶନ କରିଥିଲେ । ନାମ ଭଜନ, ଖଞ୍ଜଣି ବାଦନ, ସଂକୀର୍ତ୍ତନରେ ପୀଠ ପରିସର ପ୍ରକମ୍ପିତ ହୋଇଉଠିଥିଲା । ଅପରାହ୍ନ ୫ଟା ସମୟରେ ଗାଦିମନ୍ଦିରର ଚରିଦ୍ୱାରରେ ଝାଡ଼ଦୀପ ପ୍ରଜ୍ୱଳନ କରାଯାଇଥିଲା । ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ମହିମା ସନ୍ୟାସୀମାନେ ପ୍ରାର୍ଥନା କରିଥିଲେ । ହୁଳହୁଳି, ଅଲେଖ ମହିମା ଧ୍ୱନିରେ କମ୍ପି ଉଠିଥିଲା ପୀଠୟ ଅଖଣ୍ଡ ବ୍ରହ୍ମ ଧ୍ୱନି ପକ୍ଷରୁ ବ୍ରହ୍ମାବଧୂତ ନଟବର ବାବା, ବ୍ରହ୍ମାବଧୂତ ମୋହନ ବାବା, ବ୍ରହ୍ମାବଧୂତ ଦୁଃଖବାନ ବାବା, ବ୍ରହ୍ମାବଧୂତ ସ୍ୱାଧୀନ ବାବା, ବ୍ରହ୍ମାବଧୂତ ସୁବ୍ରତ ବାବା ଓ ବ୍ରହ୍ମାବଧୂତ ଭାବଗ୍ରାହୀ ବାବା ପ୍ରମୁଖ ବରିଷ୍ଠ ସନ୍ନ୍ୟାସୀମାନଙ୍କ ଦ୍ୱାରା ଉପାସନା ପୀଠରେ ସମସ୍ତ ନୀତିକାନ୍ତି କରାଯାଉଛି ।

## ସାଇ ମନ୍ଦିର ବାର୍ଷିକୋତ୍ସବ ଲାଗି ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବଗଡା ପଞ୍ଚାୟତର ବଡନାଇଁପୁର ଠାରେ ଥିବା ଶିରିଡି ସାଇ ମନ୍ଦିରର ବାର୍ଷିକ ଉତ୍ସବ ଆସନ୍ତା ୨୭ତାରିଖରେ ଅନୁଷ୍ଠିତ ହେବ । ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ସମୀର କୁମାର ଚାନ୍ଦ, ଶିକ୍ଷାବିତ ପ୍ରତାପ କୁମାର ନାୟକ, ଅନିଜା ଜେନା, ଲକ୍ଷ୍ମିକାନ୍ତ ବେହେରା, ବ୍ରଜକିଶୋର ସାହୁ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ସେଦିନ ପ୍ରଭାତରୁ ଶିରିଡି ସାଇବାବାଙ୍କ ପାଖରେ କାକଡ ଆଳତି କରାଯାଇ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯିବା ପରେ ମଧ୍ୟାହ୍ନ ଆଳତି କରାଯିବ । ଏହା ପରେ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏଣୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଉକ୍ତଦିନ ପହଞ୍ଚି ବାବାଙ୍କ କୃପା ଲାଭ କରିବା ପାଇଁ ନିବେଦନ କରାଯାଇଛି ।

## ତ୍ୟାଗ ଓ ତିତୀକ୍ଷାର ପ୍ରତୀକ ଥିଲେ ବୀଣାପାଣି ଦାସ




**ଭୁବନେଶ୍ୱର,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

'ବିପ୍ଳବୀ ଚେତନାର ଅଗ୍ରଣୀ ସୈନିକ, ମାନବବାଦର ମସିହା, ଜନ ଦରଦୀ ଓ ସଂଗ୍ରାମୀ ନେତ୍ରୀ ସ୍ୱର୍ଗତାଃ ବୀଣାପାଣି ଦାସ ଥିଲେ ଜଣେ ସଚ୍ଚା ସାମ୍ୟବାଦୀ, ତ୍ୟାଗ ଓ ତିତୀକ୍ଷାର ପ୍ରତୀକ ଓ ମହିଳା ସାଂସ୍କୃତିକ ଆନ୍ଦୋଳନର ପ୍ରଗତିଶୀଳ ଧାରାର ମହାନ ଯୋଦ୍ଧା ।' ଭୁବନେଶ୍ୱର ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦ ସଭାକକ୍ଷରେ ଅନୁଷ୍ଠିତ ଦିବଙ୍ଗତ ବୀଣାପାଣି ଦାସଙ୍କ ସ୍ମୃତିଚାରଣ ସଭାରେ ବକ୍ତାମାନେ ଏହି ମତପୋଷଣ କରିଛନ୍ତି । ଗତ ପାଞ୍ଚ ଦଶନ୍ଧି ଧରି ନିଜର ଛାତ୍ର ଜୀବନରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଗଣ ଆନ୍ଦୋଳନ ତଥା ସାମାଜିକ, ସାଂସ୍କୃତିକ ଆନ୍ଦୋଳନର ଅଗ୍ରଭାଗରେ ସେ ରହିଆସିଥିଲେ । ପ୍ରକାଶ ଥାଉ କି କମ୍ରେଡ଼ ବୀଣାପାଣି ଦାସ ଗତ ସତୁରୀ ଦଶକ ଠାରୁ ଜଣେ ଆଜୀବନ ସଂଗ୍ରାମୀ ଭାବେ ରାଜ୍ୟର ବହୁ ରାଜନୈତିକ ଓ ସାମାଜିକ ଆନ୍ଦୋଳନର ଅଗ୍ରଭାଗରେ ରହିଆସିଥିଲେ । ଦେଶରେ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ସଂଗଠିତ ହୋଇଥିବା ଆନ୍ଦୋଳନରେ ମଧ୍ୟ ସେ ଅଗ୍ରଭାଗରେ ଥିଲେ । ତାଙ୍କ ସଭାପତିତ୍ୱରେ ନବେ ଦଶକର ପ୍ରାରମ୍ଭରେ ସର୍ବ ଭାରତୀୟ ମହିଳା ସାଂସ୍କୃତିକ ସଂଗଠନ ରାଜ୍ୟ ଶାଖା ଗଠିତ ହୋଇ ନାରୀ ନିର୍ଯ୍ୟାତନା ତଥା ନାରୀ ସମାଜର ବିଭିନ୍ନ ସମସ୍ୟା ନେଇ ରାଜ୍ୟରେ ବହୁ ଆନ୍ଦୋଳନ ସଗଠିତ ହେଲା ଓ ତାଙ୍କ ସଂସ୍ପର୍ଶରେ ଆସି ବହୁ ଉତ୍ସର୍ଗୀକୃତ ମହିଳା କର୍ମୀ ବାହାରିଥିଲେ ଏବଂ ଏହି ସଂଗଠନ ଏବେ ଓଡ଼ିଶାରେ ଏକ ବିଶାଳ ସଂଗଠନରେ ପରିଣତ ହୋଇ ମହିଳାମାନଙ୍କ ସମସ୍ୟା ନେଇ ସଂଗ୍ରାମ ଜାରି ରଖିଛନ୍ତି । ବିଶେଷ କରି ତାଙ୍କର କଷ୍ଟ ସହିଷ୍ଣୁ, ଉତ୍ସର୍ଗୀକୃତ ଓ ସରଳ ଜୀବନ ଧାରା ଆଜିକାର ସାମାଜିକ ଆନ୍ଦୋଳନରେ ଥିବା ସମସ୍ତ କର୍ମୀ ଓ ନେତାମାନଙ୍କ ପାଇଁ ଏକ ମହାନ ଶିକ୍ଷା ବୋଲି ମଧ୍ୟ ବକ୍ତାମାନେ ଆଲୋକପାତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଗଣିତ ବିଭାଗର ମୁଖ୍ୟ ପ୍ରଫେସର ଡ଼. ବୀରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାପରେ ବିଶିଷ୍ଟ ନାଟ୍ୟକାର ଧିରେନ୍ଦ୍ରନାଥ ମଲ୍ଲିକ, ସର୍ବ ଭାରତୀୟ ମହିଳା ସାଂସ୍କୃତିକ ସଂଗଠନର ସର୍ବଭାରତୀୟ ସମ୍ପାଦିକା ଛବି ମହାନ୍ତି, ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ, ଚିନ୍ତନ ମଞ୍ଚର ସଭାପତି ଦେବେନ୍ଦ୍ର କୁମାର ସିଂହ, ମାନବାଧିକାର ଆଇନଜ୍ଞ ବିଶ୍ୱପ୍ରିୟ କାନୁନ୍‌ଗୋ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବୀଣାପାଣି ଦାସଙ୍କ ସେବା, ତ୍ୟାଗ ଓ ସଂଘର୍ଷମୟ ଜୀବନର ଆଲୋକପାତ କରିଥିଲେ । ବିଶିଷ୍ଟ କଥାକାର ଓ ସ୍ତମ୍ଭକାର ଡ. ବାସନ୍ତୀ ମହାନ୍ତି, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଡ. ଅକ୍ଷୟ ଦାସ, ବିଶିଷ୍ଟ ଜୀବବିଜ୍ଞାନୀ ଡ. କାନ୍ତା ଦାସ ମହାପାତ୍ର, ଅବସରପ୍ରାପ୍ତ ଜୀବନବୀମା ଅଧିକାରୀ ପ୍ରଫୁଲ୍ଲ ଦାସ, ଅବସରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ ଜଗବନ୍ଧୁ ଦାସ, ସାମାଜିକ କର୍ମୀ ଧୀରେନ୍ଦ୍ର ପଣ୍ଡା ଓ ନରେନ୍ଦ୍ର ମହାନ୍ତି, ଜନବାଦୀ ର ସମ୍ପାଦିକା ରୁମିତା କୁଣ୍ଡୁ, ସାହିତ୍ୟିକ ଲେନିନ୍ କୁମାର ବକ୍ତବ୍ୟ ରଖିବା ସହ ସ୍ମୃତିଚାରଣ କରିଥିଲେ । ଶେଷରେ ଯୁଗ ପ୍ରବର୍ତ୍ତକର ସମ୍ପାଦକ ତଥା ନାଗରିକ ମଞ୍ଚର ଆବାହକ ରାଜେନ୍ଦ୍ର ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

## ମେଳା, ଟୁସୁ ଓ ଖେଳରେ ସାମିଲ ହେଲେ ମନ୍ତ୍ରୀ



**କଳିଙ୍ଗନଗର,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ସୁକିନ୍ଦାନିର୍ବାଚନ ମଣ୍ଡଳୀରେ ମକର ସଂକ୍ରାନ୍ତି ନବ ପରିବର୍ତ୍ତନ, ନୂଆ ଆଶା ଓ ସମ୍ଭାବନାର ପର୍ବ । ଏହି ପବିତ୍ର ଉତ୍ସବକୁ କେନ୍ଦ୍ର କରି ସୁକିନ୍ଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଆୟୋଜିତ ମକର ମେଳା, ଟୁସୁ ପ୍ରତିଯୋଗିତା ଓ କ୍ରୀଡା କାର୍ଯ୍ୟକ୍ରମରେ ରାଜ୍ୟର ମନ୍ତ୍ରୀ ବଳ ସାମନ୍ତ ଯୋଗଦେଇ ଲୋକମାନଙ୍କ ସହ ଉତ୍ସବର ଆନନ୍ଦ ଅଂଶୀଦାର ହୋଇଥିଲେ । ମନ୍ତ୍ରୀ ଶ୍ରୀ ସାମନ୍ତ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଣିଅଞ୍ଚଳ ମଣ୍ଡଳର କାଙ୍କଡ଼ପାଳ ଗ୍ରାମପଞ୍ଚାୟତର ଗିରିଙ୍ଗାମାଳି ଗ୍ରାମରେ ଆୟୋଜିତ ମକର ମିଳନ ଉତ୍ସବରେ ଯୋଗଦେଇ ଟୁସୁ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ମଣ୍ଡଳ ସଭାପତି ମନୋଜ କୁମାର ନାୟକ ଓ ୩୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ କେଶରୀ ପଟ୍ଟନାୟକ ଉପସ୍ଥିତ ଥିଲେ । ସେହିପରି, ସୁକିନ୍ଦା ଅନ୍ତର୍ଗତ କୁହିକା ଗ୍ରାମରେ ଆୟୋଜିତ ୩୩ତମ ବାର୍ଷିକ ମକର ମେଳା ମହୋତ୍ସବରେ ମନ୍ତ୍ରୀ ମା', ଭଉଣୀ, ଯୁବକ-ଯୁବତୀମାନଙ୍କ ସହ ଯୋଗଦେଇ ମକର ସଂକ୍ରାନ୍ତିର ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ । ସେ ସୁସ୍ଥ, ସୁସଂସ୍କୃତ ଓ ସମନ୍ୱିତ ସମାଜ ଗଠନ ପାଇଁ ସମସ୍ତଙ୍କୁ ଏକଠି ହୋଇ କାମ କରିବାକୁ ଆହ୍ୱାନ ଜଣାଇଥିଲେ । ଖେଳକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ଶ୍ରୀ ସାମନ୍ତ କହିଥିଲେ ଯେ, ଫୁଟବଲ ଖେଳ ବିଶ୍ୱସ୍ତରରେ ଦିନକୁ ଦିନ ଲୋକପ୍ରିୟ ହେଉଛି ଏବଂ ଗାଁର ଛୋଟ ପଡ଼ିଆରୁ ଖେଳୁଥିବା ଖେଳାଳୀମାନେ ଆଗାମୀ ଦିନରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଦେଶର ନାମ ଉଜ୍ଜ୍ୱଳ କରିବେ । ଏହି କ୍ରମରେ ପିମ୍ପୁଡ଼ିଆ ଗ୍ରାମପଞ୍ଚାୟତର ଅର୍ଜୁନଝର, ମୁଣ୍ଡାସାହିରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିବା ସହ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବରିଷ୍ଠ ବିଜେପି ନେତା ଅମେଲେନ୍ଦୁ ବେହୁରା, ମଣ୍ଡଳ ସଭାପତି ମନୋଜ କୁମାର ନାୟକ ଓ ପିମ୍ପୁଡ଼ିଆ ପଞ୍ଚାୟତର ସରପଞ୍ଚ ତପନ କୁମାର ନାୟକ ଉପସ୍ଥିତ ଥିଲେ । ଏହାସହିତ ସଂସାଇଲୋ ଗ୍ରାମପଞ୍ଚାୟତର ଝୁମ୍ପାଣ ଗ୍ରାମ ଓ ଖରଡ଼ି ଗ୍ରାମପଞ୍ଚାୟତର ଦଳକି ଗ୍ରାମରେ ଆୟୋଜିତ ମକର ମହୋତ୍ସବ ଓ ଦ୍ୱିତୀୟ ବାର୍ଷିକ ଟୁସୁ ମକର ମେଳାରେ ଯୋଗଦେଇ ଟୁସୁ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରି ଲୋକସଂସ୍କୃତିର ସୁରକ୍ଷା ଓ ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ । ମକର ସଂକ୍ରାନ୍ତି ଅବସରରେ ସୁକିନ୍ଦାର ବିଭିନ୍ନ ସ୍ଥାନରେ ମନ୍ତ୍ରୀଙ୍କ ଉପସ୍ଥିତି ଓ ସକ୍ରିୟ ସହଭାଗିତା ଲୋକମାନଙ୍କ ମଧ୍ୟରେ ନୂଆ ଆଶା, ଉତ୍ସାହ ଓ ସକାରାତ୍ମକ ସନ୍ଦେଶ ପ୍ରସାର କରିଥିଲା ।

## ଇଷ୍ଟ ଦେବଙ୍କ ମକର ଚୌରାସୀ ବେଶ

**ଶେରଗଡ,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶେରଗଡର ଇଷ୍ଟ ଦେବ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବୁଧବାର ମାଘ ଶୁକ୍ଳ ପଞ୍ଚମୀ ତଥା ମକର ସଙ୍କରାନ୍ତିରେ ମକର ଚୌରାସୀ ବେଶ ଅନୁଷ୍ଠିତ ହୋଇଯାଇଛି । ଧନୁ ସଙ୍କରାନ୍ତି ଠାରୁ ମକର ସଙ୍କରାନ୍ତି ପର୍ଯ୍ୟନ୍ତ ଏକ ମାସ ଧରି ସକାଳୁ ସକାଳୁ ଗରମ ଗରମ ଅନ୍ନ ବ୍ୟଞ୍ଜନ ସହିତ ଛ ତିଅଣ, ନ ଭଜା କରି ପହିଲି ଭୋଗ ଲାଗି ହୋଇ ଆସୁଥିଲା । ସମଗ୍ର ଉତ୍କଳର ଏହି ପରିଚୟ, ପରମ୍ପରା ଅନୁସାରେ ଶେରଗଡର ଆରାଧ୍ୟ ଠାକୁର ପ୍ରଭୁ ଜଗନ୍ନାଥଙ୍କ ପୀଠ ମଧ୍ୟ ମହକି ବାସୁଥିଲା । ଘିଅ, ଅଦା, ହେଙ୍ଗୁରେ ପ୍ରସ୍ତୁତ ଖେଚୁଡ଼ି, ଡାଲି, ମହୁର, ବେସର, ଶାଗମୁଗ, ଆମ୍ବିଳା, ଖିରି, କାକରା, ଧନୁ ମୁଆଁ ସକାଳୁ ସକାଳୁ ପ୍ରସ୍ତୁତ ହୋଇ ଠାକୁରଙ୍କୁ ଅର୍ପଣ କଳାଯାଇ ଭକ୍ତମାନଙ୍କୁ ପ୍ରଦାନ କରାଯାଉଥିଲା । ମକର ସଙ୍କରାନ୍ତି ଅବସରରେ ପ୍ରଭୁ ଜଗନ୍ନାଥଙ୍କ ଦ୍ୱାର ଖୋଲିବା ପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତୀ, ଅବକାଶ ନୀତି, ପରେ ଶ୍ରୀଜୀଉମାନଙ୍କୁ ମକର ଭୋଗ ଲାଗି କରାଯିବା ପରେ ମକର ଚୁଳ ଲାଗି କରାଯାଇଥିଲା । ପରେ କର୍ପୂର ଲାଗି ହୋଇ ଶ୍ରୀ ବିଗ୍ରହମାନଙ୍କୁ ସୁସଜ୍ଜିତ ମକର ବେଶ କରାଯାଇଥିଲା । ଗୋପାଳ ବଲ୍ଲଭ ଓ ସକଳ ଧୂପ ନୀତି ପରେ ମହାସ୍ନାନ ସର୍ବାଙ୍ଗ ଲାଗି ପରେ ନୂଆଁ ଲୁଗା ଲାଗି କରାଯାଇ ଶ୍ରୀ ମସ୍ତକ କୀରଟି, କୁଣ୍ଡଳ, ଶ୍ରୀ ଭୁଜ, ଶ୍ରୀ ପୟର, ଓଡିଆଣୀ ହରଡ ମାଳି ଲାଗି କରି ପ୍ରଭୁ ଚୌରାସୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଏହି ମନଲୋଭା ଅପୂର୍ବ ମକର ବେଶ ନିମନ୍ତେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।

## ଜେପିଏମ ରୋଟାରୀ କ୍ଲବ ଅଫ କଟକ ପ୍ରତିଷ୍ଠା

**କଟକ,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବୁଧବାର ପବିତ୍ର ମକରସଂକ୍ରାନ୍ତିରେ, ଜେପିଏମ ରୋଟାରି କ୍ଲବ ଅଫ କଟକ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ୩୪ ତମ ପ୍ରତିଷ୍ଠା ଦିବସ ଚିକିତ୍ସାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ରୂପେ ଓଡିଶା ହାଇକୋର୍ଟର ବିଚାରପତି ମାନ୍ୟବର ବିଚାରକ ଶଶିକାନ୍ତ ମିଶ୍ର ଯୋଗ ଦେଇଥିଲେ । ଜେପିଏମ ରୋଟାରୀ କ୍ଲବ ଅଫ କଟକ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ସଭାପତି ରୋଟାରିଆନ ସମୀର କୁମାର ମିଶ୍ର ସ୍ୱାଗତ ଭାଷଣ ଓ ସଭା ପରିଚାଳନା କରିଥିଲେ । ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼.ସନ୍ତୋଷ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ମାନୀତ ଅତିଥି ଭାବେ କଟକ ବାରବାଟି ବିଧାୟିକା ସୋଫିଆ ଫିର୍‌ଦସ ଓ ରୋଟାରୀ କ୍ଲବ ଅଫ କଟକର ରୋଟାରିଆନ ଡ଼ ସ୍ୱାତି ମଲ୍ଲିକ ଓ ଅତୋଷୀ କର୍ମକାର ମୁଖ୍ୟଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ରୋଟାରୀ କ୍ଲବ ଅଫ କଟକ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ରୋଟାରିଆନ ସୂର୍ଯ୍ୟ ପ୍ରସାଦ ମିଶ୍ର ଅତିଥିମାନଙ୍କୁ ସମ୍ବୋଧନ କରିବା ସହିତ ଅନୁଷ୍ଠାନର ବିଭିନ୍ନ ପ୍ରକଳ୍ପ ଓ ଗୋଷ୍ଠୀ ନିମନ୍ତେ ବିଭିନ୍ନ କାର୍ଯ୍ୟାବଳୀର ଉପକାରିତା ଉପରେ ଆଲୋକପାତ କରିଥିଲେ । ରୋଟାରୀ କ୍ଲବ ଅଫ କଟକ ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ରୋଟାରିଆନ ଦେବାଶିଷ ପଣ୍ଡା ଚକ୍ଷୁ ଚିକିତ୍ସାଳୟକୁ ଆସୁଥିବା ରୋଗୀମାନଙ୍କୁ ସ୍ୱଳ୍ପ ଓ ସୁଲଭମୂଲ୍ୟରେ ତତ୍କାଳ ସେବା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ଅତିଥି ନିର୍ଦ୍ଦେଶକ ଜନସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡିଶା ସରକାର, ଭୁବନେଶ୍ୱର ଡ଼ ନୀଳକଣ୍ଠ ମିଶ୍ର ଚକ୍ଷୁ ଚିକିତ୍ସାଳୟର ସାମଗ୍ରିକ କାର୍ଯ୍ୟାବଳୀକୁ ଉଚ୍ଚକୋଟୀର ବୋଲି ବର୍ଣ୍ଣନା କରିଥିଲେ । ରୋଟାରୀ ଚକ୍ଷୁ ଚିକିତ୍ସାଳୟ ସାରା ଓଡିଶା ଓ ପୂର୍ବ ଭାରତର ଏକ ପ୍ରମୁଖ ଚକ୍ଷୁ ସେବା ନିରନ୍ତର ଭାବେ ପ୍ରଦାନ କରୁଛି ଯାହାକି ନାଭାସ ସ୍ୱୀକୃତିପ୍ରାପ୍ତ ଓ ମୋଡ୍ୟୁଲାର ଅପରେସନ ଏଟର ମାଧ୍ୟମରେ ଉତ୍ତମ ଗୁଣବତ୍ତା ସମ୍ପନ୍ନ ଚକ୍ଷୁ ସେବା ଯୋଗାଇ ଦେଇଥିବାରୁ ମୁଖ୍ୟଅତିଥି ଅନୁଷ୍ଠାନକୁ ପ୍ରଶଂସା କରିଥିଲେ । ରୋଟାରୀ କ୍ଲବ ଅଫ କଟକର ସଭାପତି ରୋଟାରିଆନ ସମୀର କୁମାର ମିଶ୍ର ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ରୋଟାରୀ କ୍ଲବ୍ ଅଫ କଟକର ସଭାପତି ରୋଟାରିଆନ ସୁଜାତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସହର ପରିକ୍ରମା କଲା ସହଯୋଗ ରଥ



**ଖଣ୍ଡପଡ଼ା,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ସହରବାସୀଙ୍କୁ ହାତପାଆନ୍ତାରେ ଡିଜିଟାଲ ସେବା ଯୋଗାଇ ଦେବାର ମହତ ଲକ୍ଷ୍ୟ ନେଇ ସହଯୋଗ ରଥ ମଙ୍ଗଳବାର ଠାରୁ ସହର ପରିକ୍ରମା ଆରମ୍ଭ କରିଛି । ଆଜିର ଡିଜିଟାଲ ଯୁଗରେ ସମସ୍ତେ ଇଣ୍ଟରନେଟ ସେବା ଉପରେ ନିର୍ଭର କରୁଥିବା ବେଳେ ସହଯୋଗ ରଥ ଜରିଆରେ ସବୁକିଛି ସମସ୍ୟାର ସମାଧାନ ହୋଇପାରିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି । ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ସହଯୋଗ ରଥ ପରିକ୍ରମାର ଶୁଭାରମ୍ଭ କରିଥିବା ଜଣାଯାଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ପର୍ଯ୍ୟାୟକ୍ରମେ ଖଣ୍ଡପଡ଼ା ସହରର ୧୩ଟି ଯାକ ୱାର୍ଡ ସହଯୋଗ ରଥ ପରିକ୍ରମା କରିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି ।

# ସନ୍ତାନ ପାଇଁ ଗୁଆ ଖୋଜିଲେ ୪ଶହରୁ ଉର୍ଦ୍ଧ୍ୱ ମାନସିକଧାରୀ




**ଖୋର୍ଦ୍ଧା,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଉପକଣ୍ଠ ବାଘମାରୀ ଅତ୍ରି ଗ୍ରାମରେ ଥିବା ଆରାଧ୍ୟ ଦେବତା ଏକାଦଶ ଧବଳ ରୁଦ୍ର ପରିବେଷ୍ଟିତ ହଟକେଶ୍ୱର ମହାପ୍ରଭୁଙ୍କର ପ୍ରସିଦ୍ଧ ମକର ପର୍ବ ପାଳିତ ହୋଇଯାଇଛି । ହଟକେଶ୍ୱର ଦେବଙ୍କ ମନ୍ଦିର ସ୍ଥାପନ ନେଇ କୌଣସି ନିର୍ଦ୍ଦିଷ୍ଟ କିଛି ସୂଚନା ନାହିଁ । କେଉଁ ଆବାହାନ କାଳରୁ ହୋଇଆସୁଥିବା ରିତିନିତି ଅନୁଶାରେ ମକର ସଂକ୍ରାନ୍ତି ଦିନ ଭୋର ୩ଟା ସମୟରେ ପହଡ ଖୋଲାଯିବା ପରେ ପ୍ରଚଳିତ ପରମ୍ପରା ଅନୁଯାଇ ଅତ୍ରି ଗ୍ରାମର ଦଳ ବେହେରା ପରିବାର ପ୍ରଥମେ ଠାକୁରଙ୍କର ସ୍ନାନ, ମଙ୍ଗଳ ଆଳତି ଭୋଗଲାଗି କରିଥିଲେ । ପରେ ବହୁ ଦୁରଦୁରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଲାମ୍ବା ଧାଡିରେ ଯାଇ ମଧ୍ୟାହ୍ନ ପର୍ଯ୍ୟନ୍ତ ଠାକୁରଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ ।

ପରମ୍ପରା ଅନୁଯାଇ ଶଙ୍ଖୁଡି ଭୋଗ ପରେ ମଧ୍ୟାହ୍ନରେ ହଟକେଶ୍ୱର ମହାପ୍ରଭୂ ସଂକିର୍ତ୍ତନ ବାଜା, ବାଣ, ରୋଷଣି ଯାତ୍ରାରେ କାମଦହନ କୁଣ୍ଡ କୁହାଯାଉଥିବା ଏବଂ କେହି କେହି କୂଆ କୁଣ୍ଡ ବୋଲି କହୁଥିବା ଉଷ୍ଣ ପ୍ରଶବଣ କୁଣ୍ଡ ନିକଟକୁ ଯାଇଥିଲେ । ସେଠାରେ ଠାକୁରଙ୍କୁ ଖୋଲାରେ ଦର୍ଶନ ନିମନ୍ତେ ଉପସ୍ଥିତ ଥିବା ଭକ୍ତଙ୍କର ହରିବୋଲ ହୁଳହୁଳିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା । ପରେ କେଉଁ ଆବାହାନ କାଳରୁ ପୁରୀ ଗଜପତି ମହାରାଜା ପଠାଇ ଆସୁଥିବା ପାଟବସ୍ତ୍ର ପ୍ରଭୂ ହଟକେଶ୍ୱର ଏବଂ ମା'ପାର୍ବତୀଙ୍କ ଠାରେ ଲାଗି ହେବା ପରେ ପୂଜା ସମଗ୍ରୀ ସହିତ ମକର ଚାଉଳ ଭୋଗ କରାଯାଇଥିଲା । ଏହି ପୀଠର ଅନ୍ୟ ଏକ ବିଶେଷତ୍ୱ ହେଉଛି ବର୍ତ୍ତମାନ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଢେର ଅଭିବୃଦ୍ଧି ଘଟିଥିଲେ ମଧ୍ୟ ସନ୍ତାନ ପାଇବା ଅଶାରେ ଠାକୁରଙ୍କ ଅଲୌକିକ ଶକ୍ତି ଉପରେ ବିଶାସ ରଖି ବହୁ ମାନସିକଧାରୀ ମହିଳା ଏହି ପବିତ୍ର ମକର ସଙ୍କ୍ରାନ୍ତିର ଭୋର ୩ଟା ସମୟରୁ ସୂର୍ଯ୍ୟ ଉଦୟ ପର୍ଯ୍ୟନ୍ତ ଦଳକ କୁଣ୍ଡ କୁହାଯାଉଥିବା ମାନସିକ କୁଣ୍ଡରେ ଗୁଆ ଖୋଜିଥାନ୍ତି । ଚଳିତ ବର୍ଷ ୪ଶହରୁ ଉର୍ଦ୍ଧ୍ୱ ମାନସିକ ଧାରୀ ମହିଳା ଶୀତ କାକରରେ ଦୀର୍ଘ ସମୟ ଧରି ସନ୍ତାନ ପାଇଁ ଗୁଆ ଖୋଜୁଥିବାର ଦେଖିବାକୁ ମିଳିଥିଲା । ଶୁଣିବାକୁ ମିଳେ ଗୁଆ ଖୋଜିବା ସମୟରେ ମାନସିକଧାରୀ ମହିଳାମାନେ ମାନସିକ କୁଣ୍ଡରୁ ଯାହା ପାଇଥାନ୍ତି କାହାରିକୁ ନଦେଖାଇ କାମ ଦହନ କୁଣ୍ଡ ନିକଟରେ ପୂଜା କରି ସେବନ କରିଥାନ୍ତି । ସେହିପରି ଉଷ୍ଣପ୍ରଶବଣ ଜଳରେ ସ୍ନାନ କଲେ ଚର୍ମ ରୋଗରୁ ଉପଶମ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଚଳିତ ବର୍ଷ ଅତ୍ରି ଉଷ୍ଣପ୍ରଶବଣ ଠାରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁ ସମାଗମ ହୋଇଛନ୍ତି । ଲକ୍ଷାଧିକ ଭକ୍ତ ସମାଗମ ହୋଇଥିବାରୁ ହଟକେଶ୍ୱର ଦେବଙ୍କ ପୀଠରେ ଦର୍ଶନକୁ ଶୃଙ୍ଖଳିତ କରିବାକୁ ଓ ଉଷ୍ଣପ୍ରସବଣ ନିକଟରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୬ ଜାନୁଆରୀ ୨୦୨୬ ● ଶୁକ୍ରବାର


## କଟକ ରାସ୍ତାରେ ପୁଣି ଗୁଡ଼ି ସୂତାର ଆତଙ୍କ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ରାସ୍ତାରେ ପୁଣି ଗୁଡ଼ି ସୂତାରେ ଆତଙ୍କ । ସ୍ଥାନୀୟ ଖାନନଗର ଟ୍ରାଫିକରେ ଏହି ଅଘଟଣ ଘଟିଛି । ଖାନନଗର ଟ୍ରାଫିକରେ ଜଣେ ଯୁବକ ଯାଉଥିବା ସମୟରେ ତାଙ୍କ ନାକରେ ଗୁଡ଼ିସୂତା ଲାଗି ଯାଇଥିଲା । ଫଳରେ ଯୁବକ ଜଣଙ୍କର ନାକ କଟିଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଆହତ ଯୁବକ ଜଣକ ହେଲେ କଟକର ସୂର୍ଯ୍ୟକାନ୍ତ ଦାସ । ରକ୍ତାକ୍ତ ଅବସ୍ଥାରେ ସୂର୍ଯ୍ୟକାନ୍ତଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି ।

## ସୋରଡ଼ାରେ ମାଲମାଲ ନକଲି ଡାକ୍ତର

**ସୋରଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ସୋରଡ଼ା ସହର ଏବଂ ଆଖ ପାଖ ଗ୍ରାମାଞ୍ଚଳରେ ବଢୁଛି ଔଷଧ ଦୋକାନ । କାହାର ଲାଇସେନ୍ସ ଅଛି ତ କାହାର ନାହିଁ । ତଦନ୍ତ ହେଉନଥିବା ବେଳେ ନକଲି ଡାକ୍ତର, ଫର୍ମାସିଷ୍ଟମାନଙ୍କ ନାମରେ ବେଆଇନ ଔଷଧ ଦୋକାନମାନ ଖୋଲାଯାଇଥିବା ଅଭିଯୋଗ ଆସୁଛି । ଫାର୍ମାସିଷ୍ଟମାନେ ଔଷଧ ଦୋକାନ ଖୋଲିବା ନିୟମ ଥିବା ବେଳେ ସେମାନେ ତାଙ୍କ ନାମରେ ଲାଇସେନ୍ସ ଆଣି ଅନ୍ୟକୁ ଦେଇଦେବା ଘଟଣାକୁ ନେଇ ନକଲି ଡାକ୍ତରମାନେ ଔଷଧ ଦୋକାନ ଖୋଲି ରୋଗୀ ସେବା ନାମରେ ଶୋଷଣ କରୁଥିବା ଅଭିଯୋଗ ହେଉଛି । ଏଠି ଅସଲି ନକଲିଙ୍କ ମଧ୍ୟରେ ପ୍ରତଦ୍ୱନ୍ଦିତା ଚାଲିଥିବା ବେଳେ ଏହାର ସୁଯୋଗ ନେଇ ନକଲି ବଙ୍ଗାଳି ଡାକ୍ତରଙ୍କ ରୋଗୀ ସେବା ଔଷଧ ବିକିବା ଘଟଣା ସମ୍ଭାବ୍ୟ ରୋଗୀ ଶୋଷଣକୁ ପ୍ରୋତ୍ସାହନ ଦେଉଥିବା ଲୋକେ ପ୍ରତିକ୍ରିୟା ରଖିଛନ୍ତି । ଯାହା କୁହାଯାଇଛି ସୋରଡ଼ା ଅଞ୍ଚଳରେ ଡ୍ରଗ୍ସ ଆଇନ ଉଲଂଘନ କରାଯାଇ ଚାଲିଛି ରୋଗୀ ଶୋଷଣ । ବିଭାଗୀୟ ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନର ତଦନ୍ତରେ ଅବହେଳା ଯୋଗୁ ଅଞ୍ଚଳରେ ରୋଗୀମାନେ ନାନା ହଇରାଣ ହେଉଥିବା ଅଭିଯୋଗ ହେଉଛି । ସୋରଡ଼ା ଅଞ୍ଚଳକୁ ଡ୍ରଗ୍ସ ଇନ୍ସପଟର କେବେ ପରିଦର୍ଶନ କରୁନଥିବା ବେଳେ ପରୋକ୍ଷରେ ସେମାନଙ୍କୁ ସହଯୋଗ କରୁଥିବା ଅଭିଯୋଗ ଆଣି ଡି.ଆଇଙ୍କ ବିରୋଧରେ ଭାରପ୍ରାପ୍ତ ଡ୍ରଗ କଣ୍ଟ୍ରୋଲରଙ୍କ ଠାରେ ଅଭିଯୋଗ କଲେ ମଧ ତାଙ୍କ ଅଫିସରୁ ଚିଠି ଡ୍ରଗ ଇନ୍ସପେକ୍ଟରଙ୍କୁ ପଠାଯାଇଛି ବୋଲି ଭାରପ୍ରାପ୍ତ ଡ୍ରଗ କଣ୍ଟ୍ରୋଲର ଶ୍ରୀମତୀ ମମିନା ପଟ୍ଟନାୟକଙ୍କ ଠାରୁ ସୂଚନା ମିଳିଛି । ଡ୍ରଗ ଲାଇସେନ୍ସର ଅବବ୍ୟବର ହେଉଥିବାରୁ ଏହାର ତଦନ୍ତ କରି ଆଇନାନୁଯାଇ ଡ୍ରଗ ଓ କସମେଟିକ ଆଇନ ୧୯୪୫କୁ କାର୍ଯ୍ୟକାରୀ କରିବା ପାଇଁ ଅଂଚଳ ତରଫରୁ ପ୍ରେସ କ୍ଲବର ଆଡ଼ଭାଇଜର ଆରାପିଲି ସାରଥୀ ଡ୍ରଗ କଣ୍ଟ୍ରୋଲର, ଡେପୁଟି ଡ୍ରଗ କଣ୍ଟ୍ରୋଲର,ସ୍ୱାସ୍ଥ୍ୟ ବିଭାଗୀୟ ସଚିବ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ହେଲେ କେବେ ହେବ କାର୍ଯ୍ୟନୁଷ୍ଠାନ ସେ ସମୟକୁ ଅପେକ୍ଷା ।

## ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି

**ଜୁନାଗଡ:ଏକ୍ସପ୍ରେସ୍ ନ୍ୟୁଜ୍**

ଜୁନାଗଡ଼ ମଣ୍ଡଳସ୍ତରୀୟ ହିନ୍ଦୁ ସମ୍ମିଳନୀ ପାଇଁ ସ୍ଥାନୀୟ ସାଇନିଙ୍ଗ କୀଡ୍ସ ୱାଲଡ ସ୍କୁଲ ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାନୁଆରୀ ୨୦ରେ ହେବାକୁ ଥିବା ଏହି ସମ୍ମିଳନୀ ପାଇଁ ଏକ ହିନ୍ଦୁ ସମ୍ମିଳନୀ ସଂଚାଳନ ସମିତି ଗଠନ ହୋଇ ଯାଇଛି । ସଭାପତି ଭାବେ ହିମାଂଶୁ ଶେଖର ବରାଡ, ଉପ ସଭାପତି ଦୁର୍ଗା ପ୍ରସାଦ ନାଏକ, ଉପ ସଭାନେତ୍ରୀ ମନୋରମା ମହାଳିକ ଓ ହିମାଦ୍ରୀ ସିନ୍ଦୁର ସମ୍ପାଦକ ଭାବେ କାଳିନ୍ଦୀ ପାଣିଗ୍ରାହୀ, ସହ ସମ୍ପାଦକ ବିକାଶ ପଟ୍ଟନାୟକ (ମିକୁନ), ଓ ସହ ସମ୍ପାଦିକା ସଂଯୁକ୍ତା ମାଝୀ, ବନ୍ଦନା ଅଗ୍ରୱାଲ କୋଷାଧକ୍ଷ ପ୍ରବୀର କୁମାର ଗୋଏଲ, ଯୁବ ପ୍ରମୁଖ ବାଦଲ ଶବର ମହିଳା ପ୍ରମୁଖ ମିନା ବାଗ ମନୋନୀତ ହୋଇଛନ୍ତି । ହିନ୍ଦୁ ସମ୍ମିଳନୀକୁ ସଫଳ କରିବା ପାଇଁ ଜୁନାଗଡ଼ ସମସ୍ତ ପଡାରୁ ଜନସାଧାରଣ ଓ ମାମାନେ ଏକତ୍ରିତ ହୋଇ ଥିଲେ । ଏହି ସମ୍ମିଳନୀ ବଜାରପଡାସ୍ଥିତ ପ୍ରଭୁ ଶ୍ରୀପୋଡା ମହାଦେବ ମନ୍ଦିରରୁ ସହର ପରିକ୍ରମା କରି ହାଇସ୍କୁଲ ଖେଳ ପଡିଆରେରେ ଏକତ୍ରିତ ହୋଇ ଏକ ସଭା ଅନୁଷ୍ଠିତ ହେବ ବୋଲି ସମିତି ଜଣାଇଛି । ଗାୟତ୍ରୀ ହୋମ ଯଜ୍ଞ ଓ ସାମୁହିକ ହନୁମାନ ଚାଳିଶା ପାଠ ସହ କଳସ ଯାତ୍ରା, ସଭା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ହେବ ବୋଲି ଜଣାଇଛନ୍ତି । ଯୁବକମାନଙ୍କ ତରଫରୁ ଏକ ମୋଟର ସାଇକିଲ ରାଲି ଅନୁଷ୍ଠିତ ହେବ ବୋଲି ଜଣାଇଛନ୍ତି । ସଭାକୁ ଶ୍ୟାମ ସୁନ୍ଦର ପାଢ଼ୀ ପରିଚାଳନା କରିଥିଲେ । ପ୍ରବୀର ଗୋଏଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ ଚକ୍ଷୁ ପରୀକ୍ଷା

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଡମପଡ଼ା ବ୍ଲକ ଅନ୍ତର୍ଗତ ଅରାଚଣ୍ଡୀ ବିଦ୍ୟାଳୟ ଠାରେ ସମଗ୍ର ଶିକ୍ଷାଯୋଜନା ଓ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ମିଳିତ ଆନୁକୁଲ୍ୟରେ ବ୍ଲକ ସ୍ତରୀୟ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଡମପଡ଼ା ବ୍ଲକ ଶିକ୍ଷା ଅଧିକାରୀ କାମରାଜ ସାହୁ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଅଧିକାରୀ ପ୍ରଫୁଲ୍ଲ ବେହେରା ଓ କାର୍ତ୍ତିକ ବେହେରା, ସି.ଆର.ସି.ସି ମନୋରଞ୍ଜନ ବେହେରା, ଜ୍ୟୋର୍ତିମୟୀ ମହାପାତ୍ର, ଲିମା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଆୟୁଷ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶ୍ରଦ୍ଧା ସୁମନ ଦାସ, ଚକ୍ଷୁ ସହାୟକ ଜିତେନ୍ଦ୍ର କୁମାର ଚୌଧୁରୀ, ଅଭିଜିତ୍ ରାୟ ଚୌଧୁରୀ, ଅମର ଦଳେଇ ଓ ବହୁମଖୀ ସ୍ୱାସ୍ଥ୍ୟ ପରିଦର୍ଶକ ଦୁଃଶାସନ ବେହେରା ପ୍ରମୁଖ ଯୋଗଦାନ କରି ୨୧୩ଜଣ ଛାତ୍ରଛାତ୍ରୀମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୮୪ଜଣ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା ।

## ଶରଣ ଶ୍ରୀକ୍ଷେତ୍ର ମାରଦା ମହୋତ୍ସବ

**ପୋଲସରା:ଏକ୍ସପ୍ରେସ୍ ନ୍ୟୁଜ୍**

ଶରଣ ଶ୍ରୀକ୍ଷେତ୍ର ମାରଦା ମହୋତ୍ସବ -୨୦୨୬ ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା ମାରଦା ପୀଠରେ ମକର ସଂକ୍ରାନ୍ତି ଦିନ ଉଦଘାଟିତ ହୋଇଯାଇଛି । ଶରଣ ଶ୍ରୀକ୍ଷେତ୍ର ମାରଦା ମହୋତ୍ସବର ସଭାପତି ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଉଦଘାଟକ ଭାବେ ଯୋଗଦେଇ ଉଦଘାଟନ କରିଥିଲେ ଓ ସାଥିରେ କାର୍ଯ୍ୟକାରୀ ସଭାପତି ପ୍ରଭାକର ପଣ୍ଡା ଉପସ୍ଥିତ ଥିଲେ, ମାରଦାର ପ୍ରାକୃତିକ ସୌନ୍ଦର୍ଯ୍ୟ, ମାରଦାର ଶ୍ରୀ ଜଗନ୍ନାଥ ସଂସ୍କୃତି, ଗୌରବମୟ ଇତିହାସ ଉପରେ ଆଲୋକପାତ କରିବା ସହିତ କିଭଳି ଭାବେ ମାରଦା ମନ୍ଦିର ଉନ୍ନତି ହୋଇପାରିବ ତାହାକୁ ନେଇ ସୁଚିନ୍ତିତ ମତାମତ ଦେଇଥିଲେ । ଆଠଗଡ ମହାରାଜା ଦୁର୍ଗାଶଙ୍କର ପ୍ରସାଦ ହରିଚନ୍ଦନ ଜଗଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶରଣ ଶ୍ରୀକ୍ଷେତ୍ର ମାରଦାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ସିଡିଓ ବିଜୟ କୁମାର ବେହେରା, ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର, ଛତ୍ରପୁର ଉପଜିଲ୍ଲାପାଳ ଡ଼ଃ ଶିବାଶିଷ ବରାଳ, ଡୁଡା ପିଡି ସୁନୀଲ କୁମାର କେରକେଟା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଜିତ କୁମାର ନାୟକ, ତହସିଲଦାର ଦିପ୍ତିମୟୀ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶିଭୂଷଣ ମହାପାତ୍ର, ଭାରପ୍ରାପ୍ତ ଥାନା ଅଧିକାରୀ କୌଶିକ ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା, ମହନ୍ତ ସୁନ୍ଦର ରାମଦାସ ପ୍ରମୁଖ ସନମାନିତ ଅତିଥି ରୂପେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିବା ବେଳେ ମନ୍ତ୍ରୀଙ୍କ ସହଧର୍ମିଣୀ ସସ୍ମିତା ମଲ୍ଲିକ ସମୀକ୍ଷକ ଦୀପକ ପ୍ରଧାନ, ଏମପି ପ୍ରତିନିଧି ଶରତ ପାଣିଗ୍ରାହୀ, କେ ନିଳମାଧବ ଆଚାରୀ ମଞ୍ଚାସିନ ହୋଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିମାନଙ୍କୁ ସମ୍ମାନୀତ କରାଯାଇଥିଲା । ଏହାସହିତ ସ୍ଥାନୀୟ କଳାକାର ଓ ପ୍ରସିଦ୍ଧ ଗାୟକ ସୁଞ୍ଜାନୀ ମହାପାତ୍ର ଏବଂ ତାଙ୍କ ସାଥି କଳାକାରମାନେ ଯୋଗଦେଇଥିଲେ । କଣ୍ଠଶିଳ୍ପୀ ସୁଞ୍ଜାନୀଙ୍କ ଗୀତରେ ଦର୍ଶକମାନେ ଝୁମିଥିଲେ । ମୋତିରାମ ସାହୁ, ଭବାନୀଶଙ୍କର ରଥ, ଶ୍ୟାମସୁନ୍ଦର ସାହୁ, ଦେବାଶିଷ ସ୍ୱାଇଁ, କାହ୍ନ ବାଡେଇ, କୃଷ୍ଣ ଚନ୍ଦ୍ର ଜେନା, ଗୋପିନାଥ ସ୍ୱାଇଁ, ମନୋଜ ଖଟୁଆ ସମେତ ମାରଦା ମନ୍ଦିର ଉନ୍ନୟନ ପରିଷଦର ସଦସ୍ୟ ଓ ପୋଲିସ ପ୍ରଶାସନଙ୍କ ମିଳିତ ସହଯୋଗରେ ମହୋତ୍ସବର ପ୍ରଥମ ଦିବସ ଶାନ୍ତିପୂର୍ଣ୍ଣ ଭାବେ ହୋଇଥିବାରୁ ବିଡ଼ିଓ ଶଶିଭୂଷଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପୋଲସରା ବ୍ଲକ ଓ ଜିଲ୍ଲାର ବିଭିନ୍ନ ସ୍ଥାନରୁ ସରକାରୀ ଓ ବେସରକାରୀ ଆସିଥିବା ଷ୍ଟଲର ମଜା ଦର୍ଶକ ମାନେ ଉଠାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା ।

## ମାଡମାରି କଲେଜ ଛାତ୍ରୀଙ୍କଠୁ ଲୁଟ୍

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ମଧ୍ୟହ୍ନ ୧୨.୩୦ସମୟରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଠାରୁ ମୁଖାପିନ୍ଧା ଦୁର୍ବୃତ ମାଡମାରି ଦୁଇଟି ଦାମି ମୋବାଇଲ୍ ସହ ୨ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ କଲେଜ ଛାତ୍ରୀ ଜଣକ ନିଜର ପୁରୁଷ ବନ୍ଧୁଙ୍କ ସହିତ ବାଙ୍କୀରୁ ନିଜ ଗ୍ରାମ ଦୁଲଣାପୁରକୁ ଫେରୁଥିବା ସମୟରେ ଶିମିଳିପୁର-ବିଲିପଡା ରାସ୍ତାର ମଧ ଭାଗରେ ଗୋଟିଏ କଳା ପଲସର୍ ବାଇକ୍ ଏବଂ ଗୋଟିଏ ସ୍କୁଟିରେ ୫ଜଣ ମୁଖାପିନ୍ଧା ଦୁର୍ବୃତ ତାଙ୍କୁ ଅଟକାଇ ଉଭୟଙ୍କୁ ମାଡ ମାରିବା ସହିତ ଛାତ୍ରୀଙ୍କ ବେକରୁ ସୁନା ଚେନ୍ ଛଡାଇ ନେବାକୁ ଉଦ୍ୟମ କରିଥିଲେ । କିନ୍ତୁ ଛାତ୍ରୀ ଜଣଙ୍କ ଅଟକାଇବାରୁ ଦୁର୍ବୃତମାନେ ଚେନ୍ ନେବାରେ ବିଫଳ ହେବାରୁ ଦାମୀ ମୋବାଇଲ୍ ସହ ୨ହଜାର ଟଙ୍କା ଲୁଟି ଫେରାର୍ ହୋଇଯାଇଥିଲେ । ଘଟଣାର ଖବର ପାଇ ବାଙ୍କୀ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଛାତ୍ରୀଙ୍କ ପକ୍ଷରୁ ବାଙ୍କୀ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି ବୋଲି ସୂଚନା ମିଳିଛି । ସି.ସି.ଟିଭି ଫୁଟେଜ୍ ଜରିଆରେ ତଦନ୍ତ ଜାରି ରହିଛି ବୋଲି ବାଙ୍କୀ ଥାନା ଆଇ.ଆଇ.ସି ଦିଲ୍ଲୀପ ମର୍ଦ୍ଦରାଜ ଭୂୟାଁ ସୂଚନା ଦେଇଛନ୍ତି ।

# ପୂର୍ବତନ ବିଧାୟକ କୁଳମଣୀ ରାଉତଙ୍କ ପରଲୋକ

**ଡେରାବିଶ:ଏକ୍ସପ୍ରେସ୍ ନ୍ୟୁଜ୍**



ବରୀ-ଡେ଼ରାବିଶର ପୂର୍ବତନ ବିଧାୟକ ତଥା ଡେରାବିଶ ମାଟିର ସୁଯୋଗ୍ୟ ସନ୍ତାନ କୁଳମଣୀ ରାଉତଙ୍କର ଗୁରୁବାର ଦିନ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଚିକିସ୍ଧାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି । ଦୀର୍ଘ ଦିନ ଧରି ଅସୁସ୍ଥ ଥାଇ ସ୍ୱର୍ଗତ ରାଉତ ଚିକିସ୍ଧାଧିନ ଅବସ୍ଥାରେ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୮ବର୍ଷ ବୟସ ହୋଇଥିଲା । ତାଙ୍କ ପରଲୋକ ଖବର ଏହି ଖବର ପ୍ରଚାରିତ ହେବା ପରେ ଡେରାବିଶ ବ୍ଲକ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମରଶରୀର ଭୁବନେଶ୍ୱରରୁ ଅଣାଯିବା ବାଟରେ ବ୍ଲକ ଅଧିନସ୍ଥ ଚାନ୍ଦୋଳ ଫାଣ୍ଡି ଛକରେ ବହୁ ଅପେକ୍ଷାରତ ଜନସାଧାରଣ ତାଙ୍କ ପ୍ରୀୟ ନେତାଙ୍କୁ ଶେଷ ଦର୍ଶନ କରିଥିଲେ । ପରେ ଏକ ଶୋଭାଯାତ୍ରାରେ ବିଭିନ୍ନ ପଂଚାୟତ ଅଂଚଳକୁ ନିଆଯାଇ ରାତିରେ ତାଙ୍କ ପୈତୃକ ଗ୍ରାମ କୁରୁଜଙ୍ଗା ପଂଚାୟତର ଶଙ୍କରପୁର ସ୍ଥିତ ପୈତୃକ ବାସ ଭବନକୁ ନିଆଯାଇଥିଲା । ବିଭିନ୍ନ ବର୍ଗର ବ୍ୟକ୍ତି ସେଠାରେ ତାଙ୍କର ଶେଷ ଦର୍ଶନ କରିବା ପରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସ୍ୱର୍ଗତ ରାଉତ କେବଳ ବ୍ଲକ ଅଂଚଳ ନୁହେଁ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ଜଣେ ବନ୍ଧୁବତ୍ସଳ, ପରୋପକାରୀ ଅମାୟିକ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ । ବିଗତ ୧୯୯୦ରୁ ୯୫ ମସିହା ପର୍ଯ୍ୟନ୍ତ ସେ ତତ୍କାଳିନ ବରି -ଡେରାବିଶ ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଲୋକାଭିମୁଖି କାର୍ଯ୍ୟ କରିଥିଲେ । ତାଙ୍କ ପରଲୋକ ଖବର ପାଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତି ମଳିକ, ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ, ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ସେହିପରି ସ୍ୱର୍ଗତ ରାଉତଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରପଡା ବିଧାୟକ ଗଣେଶ୍ୱର ବେହେରା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ରାଜନଗର ବିଧାୟକ ଧୃବ ସାହୁ, ମାହାଙ୍ଗା ବ୍ଲକର ପୂର୍ବତନ ଅଧକ୍ଷ କିଶୋର ଚନ୍ଦ୍ର ସିଂହ, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ମହେନ୍ଦ୍ର କୁମାର ସିଂହ, ରାଜେଶ ପଣ୍ଡା, ସରୋଜକାନ୍ତ ନାୟକ, କ୍ରଡାବିତ ସାହାଜାନ୍ ଖାନ୍ଙ୍କ ସମେତ ଅଧ୍ୟାପକ ପ୍ରଭାକର ସାମଲ ଓ ଗୋଲଖ ଚନ୍ଦ୍ର ମହାଭୋଇ, ଶିକ୍ଷାବିତ ଇଶ୍ୱର ଚନ୍ଦ୍ର ପୃଷ୍ଟି, କୁରୁଜଙ୍ଗା ସରପଂଚ ମାନସୀ ସାମଲ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ସରପଂଚ ରଶ୍ମୀରଞ୍ଜନ ପଣ୍ଡା, ତ୍ରିଲୋଚନ ରାଉତ, ଯୁବ ସଂଗଠକ ସତ୍ୟରଞ୍ଜନ ସାମଲ ଓ ଅଭିମନ୍ୟୁ ରାଉତ, ସମାଜସେବୀ ନିଗମାନନ୍ଦ ସାହୁ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

## କତିଙ୍ଗିଆ କମଳବନରେ ମକର ମହାମେଳା



**ଘୁ.ଉଦୟଗିରି:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ବ୍ଲକ ଅନ୍ତର୍ଗତ କତିଙ୍ଗିଆ ଗ୍ରାମର କମଳବନ ଠାରେ ସଂସ୍କୃତି ଓ ପରମ୍ପରାର ପର୍ବ ବାର୍ଷିକ ମକର ମହାମେଳା ଧୁମଧାମରେ ପାଳନ ହୋଇଯାଇଛି । ସୂଚନା ଅନୁଯାୟୀ ୬୬ ବର୍ଷରେ ଏହି ମକରମେଳା ପଦାର୍ପଣ କରିଥିବା ବେଳେ ହଜାର ହଜାର ଭକ୍ତ ସମାଗମ ହୋଇଥିଲେ । ବନବାସୀ ସନ୍ଥ ସୁଦୟା ଆବାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶକାରେ ଆୟୋଜିତ କାର୍ଯ୍ୟକ୍ରମରେ ନାମ ସଙ୍କୀର୍ତ୍ତନ ସହ ଜ୍ଞାନଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଶାଳ ଜନ ସମାଗମ ହୋଇଥିଲା । ଏଥିସହ ବିଭିନ୍ନ ପ୍ରକାରର ଦୋକାନ ବଜାର ଖୋଲିଥିବା ବେଳେ ଲୋକମାନେ ମେଳାର ମଜା ଉଠାଇଥିଲେ । ଏହି ଅବସରରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମକର ସଂକ୍ରାନ୍ତୀ ପର୍ବ ପାଳନର ମହତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ବନବାସୀ କଲ୍ୟାଣ ଆଶ୍ରମ ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ବେହେରା ମୁଖ୍ୟବକ୍ତା ଯୋଗ ଦେଇଥିବା ବେଳେ ଅମୃତ ପରିବାର ସଚିବ ଅବନେଶ୍ୱର ପ୍ରଧାନ, ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ମାନଗୋବିନ୍ଦ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଜଳ ପରିମଳ ଦୁର୍ନୀତି ନେଇ ଭିଜିଲାନ୍ସ ତଦନ୍ତ ପ୍ରତିଶ୍ରୁତି ବର୍ଷେ ପୂରିଲା

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ସମସ୍ତଙ୍କୁ ପିଇବା ପାଣି ଯୋଗାଇବା ନିମନ୍ତେ ନିଆଳି ବ୍ଲକରେ ୨୩ଟି ଗ୍ରାମପଞ୍ଚାୟତର ବିଭିନ୍ନ ସ୍ଥାନରେ ବସୁଧା ଯୋଜନାରେ ୩ ବର୍ଷ ହେବ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଟେଣ୍ଡର ଜରିଆରେ ବ୍ୟବସ୍ଥା କରିଛନ୍ତି । ୬୦ରୁ ଉର୍ଦ୍ଧ୍ୱ ପାଣି ଟାଙ୍କି ପାଇଁ ନିଆଳି ଜଳ ପରିମଳ ବିଭାଗ ଅଧୀନରେ ପର୍ଯ୍ୟାୟ କ୍ରମେ ୩୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଛି । ହେଲେ ଏହି ସବୁ ଯୋଜନା ଗୁଡିକ ଠିକ୍ ସମୟରେ ସମ୍ପର୍ଣ୍ଣ ହୋଇ ପାରୁନଥିବା ସାଧାରଣ ଲୋକଙ୍କ ପାଇଁ ବସୁଧା ଭଳି ଯୋଜନା ଅପହଞ୍ଚ ହୋଇ ରହିଛି । ନିଆଳି ବ୍ଲକ୍ର ନିଆଳି ପଂଚାୟତ ସମେତ ପହଂଗା ପୋଖରୀ ଗାଁ, ରାଣୀ ଓଳା, ଏରଞ୍ଚ, ସିଠାଳ, ଏକବରୁଆ, ସଡନ୍ସ, ଜଲରପୁର ଭଳି ପଂଚାୟତରେ ବସୁଧା ଯୋଜନାରେ ପାଣି ପାଇବାକୁ ବଂଚିତ ହେଉଛନ୍ତି ବହୁ ପରିବାର । ଉଭୟ ପଂଚାୟତରେ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଆନ୍ୟାନ୍ୟ କାର୍ଯ୍ୟ ହୋଇପାରୁ ନଥିବାରୁ ଉକ୍ତ ଗ୍ରାମବାସୀଙ୍କ ପାଇଁ ବସୁଧା ଯୋଜନା ଅପହଞ୍ଚ ହୋଇ ରହିଛି । ଠିକାଦାରମାନେ କୋଟିକୋଟି ଟଙ୍କାର ଟେଣ୍ଡର ନେଇଥିବା ବେଳେ ବ୍ୟବହୃତ ପାଇପ, ଟ୍ୟାପ, ଅତ୍ୟନ୍ତ ନିମ୍ନମାନର ଲଗାଇବା ଶହ ୩ ଫୁଟ ତଳେ ପାଇପ ନ ବିଛାଇ ବିଭିନ୍ନ ଜାଗାରେ ଉପରେ ପାଇପ ପକାଇ ସଂଯୋଗ ଦେଉଥିବାରୁ ପାଇପ ଫାଟି ପାଣି ବାହାରୁଛି । ଏହି ଘଟଣା ଉପରେ ଆଜିକୁ ଠିକ ବର୍ଷକ ତଳେ ନିଆଳି

### ବସୁନ୍ଧା ଯୋଜନା ଏବେ ବି ବାଟବଣା



ପଂଚାୟତ ସମିତିର ବୈଠକରେ ବିଭିନ୍ନ ପଂଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଅଭିଯୋଗ କରିବାରୁ ନିଆଳି ବିଧାୟକ ଛବି ମଳିକ ଅଭିଯୋଗର ସତ୍ୟତା ଥିଲେ ଭିଜିଲାନ୍ସ ତଦନ୍ତ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ପ୍ରତିଶୃତିକୁ ବିଧାୟକଙ୍କ ବର୍ଷେ ପୁରିଥିଲେ ମଧ ଭିଜିଲାନ୍ସ ତଦନ୍ତ ତ ଦୂରର କଥା କର୍ମଚାରୀ ଅଭାବରୁ କାର୍ଯ୍ୟାଳୟ ଖୋଲା ହେଉନଥିବା ଅଭିଯୋଗ ମଧ ଆସିଛି । ସମିତି ବୈଠକ ଭଳି ପବିତ୍ର ଗୃହରେ ବିଧାୟକଙ୍କ ମିଥ୍ୟା ପ୍ରତିଶୃତିରେ ସରପଞ୍ଚ, ସମିତି ସଭ୍ୟ ସଭ୍ୟାମାନେ ବୁଝି ଯାଇଥିବା ବେଳେ ଜଳ ପରିମଳ ବିଭାଗ ପ୍ରତି ବିଧାୟକଙ୍କ କାହିଁକି ଏତେ ଅନୁକମ୍ପା, ଲକ୍ଷାଧିକ ଟଙ୍କାର ଦୁର୍ନୀତିର ଅଭିଯୋଗ ହୋଇଥିଲେ ମଧ ତଦନ୍ତ କରାନଯିବାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ସୃଷ୍ଟି ହୋଇଛି । ବସୁଧା ଯୋଜନାକୁ ଉକ୍ତ ବିଭାଗ କାର୍ଯ୍ୟକାରୀ ନ କଲେ ଆଗକୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଅନେକ ଗ୍ରାମର ଗ୍ରାମବାସୀମାନେ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି ।

## ଭାଟପଡ଼ାରେ ଧାନମଣ୍ଡି



**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଅନ୍ତର୍ଗତ ଭାଟପଡା କୃଷି ସମବାୟ ସମିତିର ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ସମିତି ପରିଚାଳନା ପରିଷଦର ସଭାପତି କଳ୍ପତରୁ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବି.କେ. ନୋଡାଲ ସ୍କୁଲ ପରିଚାଳନା ପରିଷଦ ସଭାପତି ଧର୍ମେନ୍ଦ୍ର କୁଣ୍ଡ ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ । ସମିତି ପରିଚାଳନା ପରିଷଦ ନିର୍ଦ୍ଦେଶକ ଧର୍ମାନନ୍ଦ ପରିଡା, କ୍ଷୀରୋଦ କୁମାର ରାଉତ, ଅକ୍ଷୟ କୁମାର ସ୍ୱାଇଁ, ବିଶ୍ୱନାଥ ସେଠୀ, ରାଜକିଶୋର ରାଉତ, ମାଧବାନନ୍ଦ ମଳିକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଅମିୟ କୁମାର ମହାନ୍ତି, ସୁଧୀର କୁମାର ନାଥ ଓ ଚାଷୀ ରଂଜିତ କୁମାର ବାରିକ, ଭରତ ମଳିକ, ପ୍ରମୋଦ ମଳିକ, ସୁବ୍ରତ ମଳିକ, ବିଶ୍ୱନାଥ ରାଉତରାୟ, ରବୀନ୍ଦ୍ର ସ୍ୱାଇଁ, ମନୋଜ କୁମାର ମହାନ୍ତି, ସଞ୍ଜୟ କୁମାର ରାଉତରାୟ, ପ୍ରତାପ କୁମାର ପ୍ରଧାନ, ଦଧିବାବନ ପ୍ରଧାନ, ଗୌରାଙ୍ଗ ପ୍ରଧାନ, ଦର୍ପନାରାୟଣ ମଳିକ, ଅନନ୍ତ ଚରଣ କୁଣ୍ଡ, କ୍ଷେତ୍ରବାସୀ ରାଉତରାୟ ପ୍ରମୁଖ ଯୋଗଦେଇ ମଣ୍ଡିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ପାଦକ ନୀଳମଣି ପ୍ରଧାନ ମଣ୍ଡି ସୁଚାରୁରୂପେ ପରିଚାଳନା ପାଇଁ ଚାଷୀମାନଙ୍କ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହସମ୍ପାଦକ ଆଶିଷ କୁମାର ସ୍ୱାଇଁ, ଡିଇଓ ପ୍ରିୟରଞ୍ଜନ ରାଉତ, କର୍ମଚାରୀ ଅଚ୍ୟୁତାନନ୍ଦ ସ୍ୱାଇଁ ଓ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ଭଞ୍ଜନଗରକୁ ହରାଇଲା କେରଳ

**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଗାନ୍ଧୀ ମଇଦାନରେ ଚାଲିଥିବା ଦଶପଲ୍ଲା କପ ଫୁଟବଲ ଟୁର୍ନାମେଣ୍ଟର ବି ଗ୍ରୁପ ଖେଳରେ ଆଜି କେରଳ ଫୁଟବଲ ଏକାଡେମୀ ସହିତ ଭଞ୍ଜନଗର ଫୁଟବଲ ଏକାଡେମୀ ର ଖେଳ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ କେରଳ ଦଳ ଭଞ୍ଜନଗର ଦଳକୁ ୨ ଗୋଟି ଗୋଲ ଦେଇ ଅଗ୍ରଣୀ ଭୂମିକା ଗ୍ରହଣ କରି ନେଇଥିଲା । ଦ୍ୱିତୀୟାର୍ଦ୍ଧର ଖେଳ ଆରମ୍ଭ ପରେ ଭଞ୍ଜନଗର ଦଳ ଗୋଟିଏ ଗୋଲ ପରିଶୋଧ କରି ଦେଇଥିଲା । ଫଳରେ ଦର୍ଶକ ଆଶାବାଦୀ ହୋଇ ପଡିଥିଲେ ଯେ ହୁଏତ ଆଉ ଗୋଟିଏ ଗୋଲ ପରିଶୋଧ କରି ଭଞ୍ଜନଗର ଟାଇ ବ୍ରେକରକୁ ନେଇଯିବ । କିନ୍ତୁ ଚାହୁଁ ଚାହୁଁ ଅସମ୍ଭବ ଭାବେ କେରଳ ଦଳ ଗୋଲ ପରେ ଗୋଲ ଦେଇ ଚାଲିଲେ । ଖେଳ ଶେଷ ହେବା ବେଳକୁ କେରଳ ୫ଟି ଗୋଲ ଦେଇ ଦର୍ଶକଙ୍କୁ ଚକିତ କରିଦେଲା । ଶେଷରେ ୫-୧ରେ ଭଞ୍ଜନଗର ପରାଜିତ ହୋଇ ମଇଦାନ ଛାଡିଲେ । ଆଜି ଖେଳର ରେଫରୀ ଥିଲେ ରାଜୁ ମହାନ୍ତି । ଆଜିର ଅତିଥି ଭାବେ ଭୁବନେଶ୍ୱରର ବିଶିଷ୍ଟ ବ୍ୟବସାୟୀ ସାଗର ପଟ୍ଟନାୟକ ଖେଳାଳିଙ୍କ ସହ କର ମର୍ଦ୍ଦନ କରିଥିଲେ । ଆସନ୍ତା କାଲି ବରଗଡ଼ ସହ କେରଳର ଖେଳ ହେବ ବୋଲି ସୋସାଇଟିର ଖେଳ ସୂଚୀରୁ ଜଣାଯାଇଛି ।

# ସ୍ୱାସ୍ଥ୍ୟସେବାକୁ ସଶକ୍ତ କରିବା ପାଇଁ ସ୍ମାର୍ଟ ପ୍ରଯୁକ୍ତିବିଦ୍ୟାର ଏକୀକରଣ ଉପରେ ଗୁରୁତ୍ୱାରୋପ

**ହରିଦ୍ୱାର:ଏକ୍ସପ୍ରେସ୍ ନ୍ୟୁଜ୍**



ପତଞ୍ଜଳି ବିଶ୍ୱବିଦ୍ୟାଳୟ (ୟୁଓପି) ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ରୁରକି (ଆଇଆଇଟିଆର)ର ତତ୍ତ୍ୱାବଧାନରେ, ଆମେରିକୀୟ ପ୍ରବନ୍ଧନ ଏବଂ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଏଆଇଏମଟି), ଗ୍ଲୋବାଲ ନଲେଜ୍ ଫାଉଣ୍ଡେସନ (ଜିକେଏଫ)ର ଆମେରିକୀୟ ଶିକ୍ଷାନୁଷ୍ଠାନ, ଭାରତୀୟ ମାନଦଣ୍ଡ ବ୍ୟୁରୋ (ବିଆଇଏସ), ଡେରାଡୁନ ଏବଂ ମେରିଲ୍ୟାଣ୍ଡ ଇଷ୍ଟର୍ଣ୍ଣ ଶୋର (ୟୁଏମଇଏସ) ବିଶ୍ୱବିଦ୍ୟାଳୟରେ ବ୍ୟବସାୟ, ପରିଚାଳନା ଏବଂ ଆକାଉଣ୍ଟିଂ ବିଭାଗର ମିଳିତ ସହଯୋଗରେ, ଜାନୁଆରୀ ୧୫-୧୭ ପର୍ଯ୍ୟନ୍ତ 'ସ୍ୱାସ୍ଥ୍ୟସେବା ଏବଂ ପରିଚାଳନାରେ ସ୍ମାର୍ଟ ପ୍ରଯୁକ୍ତିବିଦ୍ୟାର ଏକୀକରଣ' ଉପରେ ଏକ ତିନି ଦିନିଆ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସ୍ମାର୍ଟ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ମାଧ୍ୟମରେ ପ୍ରଯୁକ୍ତିବିଦ୍ୟା-ଚାଳିତ, ସ୍ଥାୟୀ ସ୍ୱାସ୍ଥ୍ୟ ପରିଚାଳନାକୁ ପ୍ରୋତ୍ସାହିତ କରିବା ଏବଂ ବିଶ୍ୱବ୍ୟାପୀ ସାର୍ବଜନୀନ ସ୍ୱାସ୍ଥ୍ୟ ଉନ୍ନତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ପୂଜ୍ୟ ଆଚାର୍ଯ୍ୟ ବାଳକୃଷ୍ଣ ଜୀ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଏବଂ ସ୍ମାରକୀ ଦେଇ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମଟି ଦୀପ ପ୍ରଜ୍ୱଳନ, ଧନ୍ୱନ୍ତରୀ ବନ୍ଦନା ଏବଂ ଶ୍ରୀ ଚନ୍ଦ୍ରମୋହନ ଏବଂ ତାଙ୍କ ଦଳର ଏକ ଗୋଷ୍ଠୀ ଗୀତ ସହିତ ଆରମ୍ଭ ହୋଇଥିଲା । ସ୍ୱାଗତ ଭାଷଣ ଦେଇଥିଲେ ଉପ-କୁଳପତି ପ୍ରଫେସର ମୟଙ୍କ କୁମାର ଅଗ୍ରୱାଲ । ଆଚାର୍ଯ୍ୟ ଶ୍ରୀ ଏବଂ ଅତିଥିମାନଙ୍କ ଦ୍ୱାରା ସାରାଂଶ ପୁସ୍ତକ ଉନ୍ମୋଚନ କରାଯାଇଥିଲା ।

ଡକ୍ଟର ଦେବ ଶର୍ମା କବୀର ସେବା ଏବଂ ଜନ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରିଥିଲେ, ଡିଜିଟାଲ ସ୍ୱାସ୍ଥ୍ୟ ପରିଚାଳନା, ସାଇବର ସୁରକ୍ଷା ଏବଂ ଏଆଇ-ସହାୟିତ ସ୍ମାର୍ଟ ସିଷ୍ଟମ ମାଧ୍ୟମରେ ସୁରକ୍ଷିତ, ପ୍ରଭାବଶାଳୀ ଏବଂ ଉନ୍ନତ ଚିକିତ୍ସା ସେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଭାଷଣ ଦେଇ ଆଇଆଇଟି ମଣ୍ଡି ନିର୍ଦ୍ଦେଶକ ପ୍ରଫେସର ଲକ୍ଷ୍ମୀଧର ବେହେରା ଉଲ୍ଲେଖ କରିଥିଲେ ଯେ ଆଧୁନିକ ଏଆଇ ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରେ, କିନ୍ତୁ ନୀତିଶାସ୍ତ୍ର ଅପରିହାର୍ଯ୍ୟ ।

ଆଚାର୍ଯ୍ୟ ବାଳକୃଷ୍ଣ ଜୀ କହିଥିଲେ ଯେ 'ସହସ୍ର ଚନ୍ଦ୍ର ଦର୍ଶନ' ଭାରତୀୟ ସନାତନ ପରମ୍ପରାରେ ଏକ ଦୀର୍ଘ, ସୁସ୍ଥ ଏବଂ ଆଲୋକିତ ଜୀବନର ପାଳନର ପ୍ରତୀକ, ଯାହା ଗଭୀର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରେ । ମୁଖ୍ୟ ଅତିଥି ସଚିନ୍ ଚୌଧୁରୀ ଜାତୀୟ ମାନଦଣ୍ଡ, ଗୁଣବତ୍ତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବିଆଇଏସର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଆଇଆଇଟି ରୁରକିର ନିର୍ଦ୍ଦେଶକ ପ୍ରଫେସର କମଲ କିଶୋର ପନ୍ତ ଟେଲିମେଡିସିନ, ଡିଜିଟାଲ୍ ସ୍ୱାସ୍ଥ୍ୟ, ଏଆଇ ଏବଂ ଭାରତୀୟ ସଂସ୍କୃତିର ବିଶ୍ୱସ୍ତରୀୟ ଗୁରୁତ୍ୱ ଉପରେ ତାଙ୍କର ମତାମତ ବାଣ୍ଟିଥିଲେ ।

ପତଞ୍ଜଳି ହର୍ବାଲ୍ ରିସର୍ଚ୍ଚର ଗବେଷଣା ମୁଖ୍ୟ ଡକ୍ଟର ବେଦପ୍ରିୟା ଆର୍ଯ୍ୟ କାର୍ଯ୍ୟକ୍ରମର ରୂପରେଖା ଏବଂ ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ ଏବଂ ଗବେଷଣା ଏବଂ ବିକାଶ କାର୍ଯ୍ୟକଳାପର ଏକ ବ୍ୟାପକ ପରିଚୟ ପ୍ରଦାନ କରିଥିଲେ । ସେ ପତଞ୍ଜଳିର ବ୍ୟବହାରିକ କାର୍ଯ୍ୟକୁ ବିସ୍ତୃତ ଭାବରେ ବ୍ୟାଖ୍ୟା କରିଥିଲେ, ପ୍ରମାଣ-ଆଧାରିତ ଇତିହାସ, କୃଷି କୌଶଳ, ମୃତ୍ତିକା ପରୀକ୍ଷା ଏବଂ କୃଷି ଉଦ୍ୟୋଗକୁ ଏଆଇ-ଆଧାରିତ କାର୍ଯ୍ୟ ସହିତ ସଂଯୋଗ କରିଥିଲେ । ସେ ଏକ ଆତ୍ମନିର୍ଭରଶୀଳ ଏବଂ ବିକଶିତ ଭାରତ ପ୍ରତି ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ । ଏହା ବ୍ୟତୀତ, ଡକ୍ଟର ପ୍ରଶାନ୍ତ କଟିୟାର, ଡକ୍ଟର କନକ ସୋନି, ପ୍ରଫେସର ମୟଙ୍କ ଅଗ୍ରୱାଲ, ଡକ୍ଟର ସବିତା ଏବଂ ସମସ୍ତ ପତଞ୍ଜଳି ବୈଜ୍ଞାନିକ ଏବଂ ଛାତ୍ର ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ।

## ରାଜ୍ୟସଭା ସାଂସଦଙ୍କୁ ସମ୍ବର୍ଦ୍ଧନା

**ଗୋଲାମୁଣ୍ଡା:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଦିନିକିଆ ଗୋଲାମୁଣ୍ଡା ବ୍ଲକ ଗସ୍ତ କରିଛନ୍ତି ରାଜ୍ୟସଭା ସାଂସଦ ସୁଜିତ କୁମାର । ଏହି ଅବସରରେ ଏକ ବିରାଟ ବାଇକ ଶୋଭାଯାତ୍ରା ମଧ୍ୟରେ ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଦୀର୍ଘ ୫ କିମି ବାଇକ ଶୋଭାଯାତ୍ରା ସହ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ଶିବାଜୀ ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକର୍ତ୍ତା ସମାବେଶଙ୍କୁ ପାଛୋଟି ଅଣାଯାଇଥିଲା । ଏହି ଅବସରରେ କାର୍ଯ୍ୟକର୍ତ୍ତା ସମାବେଶରେ ଜନସାଧାରଣଙ୍କୁ ସାଂସଦ ସମ୍ବୋଧନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ, ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ବିଜେପି ମଣ୍ଡଳ ସଭାପତି ବୈଶାଖୁ କେତକୀ, ପ୍ରମୋଦ ପ୍ରଧାନ, ଜୟକୃଷ୍ଣ ସାହୁ, ମାଣିକ୍ୟ ରାଉତ, ନିରୂପମା ନାଏକ, ଜୟନ୍ତ ସିଂ, କେଶରୀ ଦୁର୍ଗା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୃଷଭ ନାଏକ, ଚୁନିଲାଲ ଅଗ୍ରୱାଲ, ଦୁରୁପାକ୍ଷ ପୁଟେଲ ତଥା ସମସ୍ତ ମଣ୍ଡଳର ସାଧାରଣ ସମ୍ପାଦକ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗାଁରୁ ହଜାର ହଜାର ବିଜେପି କର୍ମୀ ଯୋଗ ଦେଇଥିଲେ ।

# ହାଡ଼ଭଙ୍ଗା ଶୀତରେ ରୁଟିକୁ ଝୁରୁଛି ରାସନ୍ ଉପଭୋକ୍ତା

**ଜଲେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ରାସନ୍ ଉପଭୋକ୍ତାଙ୍କୁ ନିଜ ପସନ୍ଦର ସାମଗ୍ରୀ ପାଇବା ଲାଗି ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ସୁନିଶ୍ଚିତ କରିଥିଲେ । ସେହି ଅନୁସାରେ ରାସନ୍ କାର୍ଡଧାରୀମାନେ ମୁଣ୍ଡପିଛା କେତେ ପରିମାଣର ଚାଉଳ, ଗହମ ପାଇବେ ଫର୍ମ ପୂରଣ କରି ମଧ ଜଣାଇଥିଲେ । ଫଳରେ ଭାତ ରୁଟି ସନ୍ତୁଳିତ ଆହାର ଗ୍ରହଣରେ ଖାଉଟି ସମନ୍ୱୟ ରକ୍ଷା କରି ବେଶ୍ ସୁସ୍ଥ ଅନୁଭବ ମଧ କରୁଥିଲେ । କିନ୍ତୁ ପୂର୍ବ ସରକାର ୨୦୨୨ ମସିହାଠାରୁ ରାସନ୍ କାର୍ଡଧାରୀଙ୍କୁ ଗହମ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ । ଯାହା ଫଳରେ ଶୀତ ଓ ଝଡ ବର୍ଷା ଋତୁରେ ଗରିବଙ୍କ ଥାଳିରୁ ରୁଟି ଉଭାନ ହୋଇଯାଇଛି ।

ସମଗ୍ର ରାଜ୍ୟରେ ଡାଇବେଟିସ ରୋଗର ପ୍ରାଦୁର୍ଭାବ ବଢୁଥିବା ବେଳେ ଲୋକେ ଗହମ ନପାଇ ସନ୍ତୁଳିତ ଆହାରରୁ ବଞ୍ଚିତ ହେଉଛନ୍ତି । ଗହମ ଯୋଗାଣ ଦ୍ୱାରା ଶୀତ ଦିନେ ବୁଢାବୁଢ଼ୀ ରୋଗୀମାନଙ୍କର ରୁଟି ପ୍ରଥମ ପସନ୍ଦର ଖାଦ୍ୟ ଥିଲା । ଏହା ସହିତ ଗ୍ରାମାଞ୍ଚଳରେ ଛୋଟଛୋଟ ମେସିନ ସ୍ଥାପନ ହୋଇ କୁଟୀର ଶିଳ୍ପ ମଧ ପ୍ରତିଷ୍ଠା ହୋଇଥିଲା । ସରକାରଙ୍କ ପକ୍ଷରୁ ରିହାତି ମୂଲ୍ୟରେ ମେସିନ୍ କ୍ରୟକରି କେତେକ କ୍ଷୁଦ୍ର ଉଦ୍ୟୋଗୀ ଗୁଜୁରାଣ ମେଣ୍ଟାଉ ଥିଲେ । ଏବେର ସରକାର କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନାଁରେ ସ୍ୱଳ୍ପ ମୂଲ୍ୟରେ ଅଟା ଯୋଗାଇବା ପ୍ରଲୋଭନ ଦେଖାଇ ଗହମ ଓ ଅନ୍ୟ ରାସନ୍ ସାମଗ୍ରୀକୁ ପ୍ରଦାନ ନକରିବା ପରିତାପର ବିଷୟ ବୋଲି ଖାଉଟି ଅଭିଯୋଗ କରୁଛନ୍ତି ।

ଗତବର୍ଷ ସେପ୍ଟେମ୍ବର ମାସରେ ଗଚ୍ଛିତ ଥିବା ୭ମାସର ପୋକରା ଗହମକୁ ଖାଉଟିଙ୍କୁ ମାସକ ପାଇଁ ଦିଆଯାଇଥିଲା । ଅକ୍ଟୋବର ମାସରୁ ଆଗ୍ରହୀ ଖାଉଟିଙ୍କୁ ୨୦ ପ୍ରତିଶତ ଗହମ ଯୋଗାଣ ନେଇ ବିଭାଗୀୟ ମନ୍ତ୍ରୀ ପ୍ରତିଶ୍ରୁତି ମଧ ଦେଇଥିଲେ । ରାଜ୍ୟବାସୀ ହାଡ଼ ଭଙ୍ଗା ଶୀତରେ ଥରୁଥିବାରୁ ଥାଳିରେ ଗରମ୍ ରୁଟିର ଅଭାବକୁ ଘୋର ଅନୁଭବ କରୁଛନ୍ତି । ଓଡ଼ିଶା ରାଜ୍ୟ ଚାଉଳ ଉତ୍ପାଦନରେ ବଳକା ରାଜ୍ୟ ହୋଇଥିବା ବେଳେ ରାସନ୍ରେ ଚାଉଳ ପ୍ରଦାନ କଲେ ବେଶ୍ ମୁନାଫା ହେବ ବୋଲି ଅଭିଯୋଗ ହେଉଛି ।

ଏହା ସହିତ ଗହମ ଯୋଗାଣ କେନ୍ଦ୍ରରୁ ହେଉଥିବାରୁ ସେଥିରୁ ମିଲର ଓ ବଡ଼ ବଡ଼ିଆଙ୍କ କିଛି ଲାଭ ହେବ ନାହିଁ । ତେଣୁ ଯୋଗାଣ ବନ୍ଦ ହୋଇଛି ବୋଲି ଖୁବ୍ ଚର୍ଚ୍ଚା ହେଉଛି । ଏହା ସହିତ କ୍ଷୁଦ୍ରଶିଳ୍ପକୁ ଧୂଳିସାତ କରି କର୍ପୋରେଟ ଜଗତକୁ ଅଧିକ ପ୍ରୋତ୍ସାହନ ମଧ ଦିଆଯାଉଛି । ଫଳରେ ବଜାରରେ ଅଟା, ଚିନ୍ନି, କିରୋସିନ ଭଳି ନିତ୍ୟବ୍ୟବହାର୍ଯ୍ୟ ସମାଗ୍ରୀ ର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଛି । ତେଣୁ ରାସନ୍ କାର୍ଡରେ ଥିବା ଖାଉଟିଙ୍କ ସ୍ୱକରୋକ୍ତି ଅନୁସାରେ ଗହମ, ଚାଉଳ, କିରୋସିନ ଆଦର୍ଶ ଭାବେ ଯୋଗାଇ ଦେବାକୁ ଉପଭୋକ୍ତା ମଞ୍ଚ ପକ୍ଷରୁ ଦାବି କରାଯାଇଛି ।

# ଠିକା ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ ପାଇଁ ନିର୍ଦ୍ଦେଶ

**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଡିଭିଜନାଲ ଶ୍ରମ କମିଶନରଙ୍କ ଅଧକ୍ଷତାରେ ଟାଟା ପାୱାର ଅଧୀନରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ମିଟର ରିଡରମାନଙ୍କ ବିଭିନ୍ନ ପ୍ରକାର ସମସ୍ୟା ନେଇ ଏକ ଆଲୋଚନା ହୋଇଯାଇଛି । ପୂର୍ବରୁ ଟାଟା ପାୱାରରେ ଠିକା ନେଇ ଥିବା ଅନ୍ୟ ସଂସ୍ଥାମାନେ ଠିକା କର୍ମଚାରୀମାନଙ୍କୁ ଠିକ୍ ଭାବେ ଦରମା ପ୍ରଦାନ କରୁଥିଲେ କିନ୍ତୁ ବର୍ତ୍ତମାନ ନୂତନ ଭାବେ ଆସିଥିବା ଏକ ଘରୋଇ ଠିକା ସଂସ୍ଥା କର୍ମଚାରୀମାନଙ୍କୁ ଶ୍ରମ କୋଡ ଅନୁଯାୟୀ ଦରମା ପ୍ରଦାନ କରୁ ନାହିଁ ଯାହା ଶ୍ରମ କୋଡ ଓ ମିନିମମ୍ ୱେଜ ଅଧିନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରୁଛି ।

ଏ ସଂକ୍ରାନ୍ତରେ କର୍ମଚାରୀମାନେ କହିବାରୁ ସେମାନଙ୍କୁ ସଂସ୍ଥା ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରି ଛଟେଇ କରିବା ପାଇଁ ଖବର କାଗଜରେ ବିଜ୍ଞାପନ ବାହାର ମଧ କରାଗଲା । ଏହା ପରେ ଶ୍ରମ ସଂଗଠନ ନିଖିଳ ଓଡିଶା ବିଦ୍ୟୁତ ମଜଦୁର ମହାସଂଘ ପକ୍ଷରୁ ବଲାଙ୍ଗିର ଡିଭିଜନାଲ ଶ୍ରମ କମିଶନରଙ୍କୁ ପତ୍ର ଦାଖଲ ପରେ ଓ ବଲାଙ୍ଗିର ଡିଭିଜନାଲ ଶ୍ରମ କମିଶନରଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ଆଜି ଏକ ଆଲୋଚନା ହୋଇଛି । ମିନିମମ୍ ୱେଜ ଅଧିନିୟମ ଯେପରି ଉଲ୍ଲଙ୍ଘନ ନହୁଏ ଓ କର୍ମଚାରୀ ଯେମିତି ଛଟେଇ ନହେବେ ତଥା ଠିକ୍ ଦରମା ପାଇବେ ସେ ବିଷୟରେ ଟାଟା ପାୱାର ତଥା ସଂପୃକ୍ତ ଠିକା ସଂସ୍ଥା ଦାରୁବ୍ରହ୍ମ ପ୍ରାଇଭେଟ ଲିମିଟେଡକୁ ବଲାଙ୍ଗିର ଡିଭିଜନାଲ ଶ୍ରମ କମିଶନର କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ଆଲୋଚନାରେ ଦାରୁବ୍ରହ୍ମ ପ୍ରାଇଭେଟ ଲିମିଟେଡ୍ର କାର୍ଯ୍ୟନିର୍ବାହୀ ଅଧିକାରୀ, ଟାଟା ପାୱାର ପକ୍ଷରୁ ମାନବ ସମ୍ବଳ ଅଧିକାରୀ, ବଲାଙ୍ଗିର ଜିଲ୍ଲା ଭାରତୀୟ ମଜଦୁର ସଂଘର କାହ୍ନା ଶତପଥି ଓ ନିଖିଳ ଓଡିଶା ବିଦ୍ୟୁତ ମଜଦୁର ମହାସଂଘର ସଂପାଦକ ସମ୍ପାଦକ ବିସ୍ମୟ ହୋତା ଉପସ୍ଥିତ ଥିଲେ ।

শেষ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 16th January, 2026 Friday | RNI Regd. No. ODIODI/2009/28880

## ଗୁଜବ ବା ଅପପ୍ରଚାର




ସେଦିନ ସ୍ତ୍ରୀ ଭାରି ସୁହାଗିଆ ସ୍ୱରରେ ସ୍ୱାମୀଙ୍କୁ ପଚାରିଲେ- ଆଚ୍ଛା, ଏମିତି ସ୍ତ୍ରୀକୁ କ'ଣ କୁହାଯିବ? ଯିଏ ସୁନ୍ଦରୀ, ପୁଣି ସବୁକଥା ବୁଝିବିଚାରି କରେ, ସାଙ୍ଘାତିକ ବୁଦ୍ଧିମତି, କମ୍ କଥା କୁହେ ଆଉ ନିଜ ସ୍ୱାମୀ ସହିତ କେବେ ବି ଝଗଡ଼ା କରେନି।

ସ୍ୱାମୀ ଗମ୍ଭୀର ଗଳାରେ କହିଲେ- ଏହାକୁ ଗୁଜବ ବା ଅପପ୍ରଚାର କୁହାଯାଇପାରିବ।

ଆଉଦିନେ ସ୍ତ୍ରୀ ସ୍ୱାମୀଙ୍କୁ ପଚାରିଲେ- ସ୍ତ୍ରୀ, ଅର୍ଦ୍ଧାଙ୍ଗିନୀ ଏବଂ ଧର୍ମପତ୍ନୀ। ଏ ତିନୋଟି ଶବ୍ଦ ମଧ୍ୟରେ କି ପ୍ରଭେଦ ରହିଛି ?

ସ୍ୱାମୀ କହିଲେ- କିଛି ପ୍ରଭେଦ ନାହିଁ। ଏ ତିନୋଟି ଶବ୍ଦ ବିପଦର ତିନୋଟି ଭିନ୍ନଭିନ୍ନ ନାଁ।

ସ୍ତ୍ରୀ ମୁହଁ ମୋଡ଼ି କହିଲେ- ତୁମେ ଭାରି ବଦମାସ୍।

# ଚେସ୍ ପାଇଁ ଦିନକୁ ୪ ଘଣ୍ଟା ଦେବାକୁ ପଡ଼ିବ: ଫିଡେ ସଭାପତି

**ଭୁବନେଶ୍ୱର,୧୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜାନୁଆରୀ ୧୪ ଓ ୧୫ତାରିଖ ଦୁଇ ଦିନ ଧରି କିଟ୍‌ରେ ଚାଲିଥିବା ସାମାଜିକ ଏବଂ ଶିକ୍ଷାଗତ ଚେସ୍ (ସୋସିଆଲ୍ ଆଣ୍ଡ ଏଜୁକେସନାଲ୍ ଚେସ୍) ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ୍ (ଏଫ୍‌ଆଇଡିଇ)ର ଉପସଭାପତି ତଥା ଭାରତୀୟ ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥନ୍ ଆନନ୍ଦ ଗତକାଲି ଉଦ୍‌ଘାଟନ କରିଥିଲେ।

ଆଜି ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଫିଡେ ସଭାପତି ଆର୍କାଡି ଭୋର୍କୋଭିଚ୍ ନିୟମିତ ଅଭ୍ୟାସ ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ, ଯୁବ ଖେଳାଳିମାନଙ୍କୁ ଚେସ୍ ପାଇଁ ଦିନକୁ ଅତି କମରେ ଚାରି ଘଣ୍ଟା ଦେବା ସମୟ ଦେବାକୁ ପଡ଼ିବ। ଚେସ୍ ଧୈର୍ଯ୍ୟଶୀଳ, ନିଷ୍ପତ୍ତି ନେବାର ଦକ୍ଷତା ଓ ଦାୟିତ୍ୱବୋଧ ସୃଷ୍ଟି କରିଥାଏ। ସମାଜର ସମସ୍ତ ବର୍ଗରେ ଚେସ୍‌କୁ ପହଞ୍ଚାଇବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଫଳରେ ଏହାର ଲାଭ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବ ବୋଲି ସେ କହିଥିଲେ।

### କିଟ୍‌ରେ ଚେସ୍ ମହାକୁମ୍ଭ ଉଦ୍‌ଯାପିତ

ପରେ ଭୋର୍କୋଭିଚ୍ କିସ୍ କ୍ୟାମ୍ପସ ପରିଦର୍ଶନ କରି କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। କିସ୍ ଭଳି ଏକ ସୁନ୍ଦର ଅନୁଷ୍ଠାନ ପ୍ରତିଷ୍ଠା କରିଥିବାରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଲେ, ତୁମମାନଙ୍କୁ ଏକ ସୁନ୍ଦର ଓ ପରିପୂର୍ଣ୍ଣ କ୍ୟାମ୍ପସ ମିଳିଛି। ଏଠାରେ ଖୁସିରେ ରହି ଆଗକୁ ବଢ଼ିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଚେସ୍ ଖେଳକୁ ତୃଣମୂଳସ୍ତର ଅର୍ଥାତ ବିଦ୍ୟାଳୟସ୍ତରରୁ ଛାତ୍ରଛାତ୍ରୀମାନେ ଆପଣାଇବାକୁ ସେ କହିଥିଲେ। ଫିଡେ ଉପ-ସଭାପତି ଓ ଲାଟଭିଆର ପୂର୍ବତନ ଅର୍ଥମନ୍ତ୍ରୀ ଦାନା ରେଜିନିସ୍ ଚେସ୍ ସହିତ ତାଙ୍କର ବ୍ୟକ୍ତିଗତ ଯାତ୍ରା ବିଷୟରେ ସୂଚନା ଦେବା ସହ କହିଲେ, ସେ ଆଠ ବର୍ଷ ବୟସରୁ ଏହି ଖେଳ ଆରମ୍ଭ କରିଥିଲେ ଏବଂ ସପ୍ତାହରେ ପ୍ରାୟ ଛଅ ଦିନ ଅଭ୍ୟାସ କରୁଥିଲେ। ଚେସ୍ ମାଧ୍ୟମରେ ବ୍ୟକ୍ତିଗତ ସ୍ଥିରତା, ଶୃଙ୍ଖଳା, ରଣନୈତିକ ଚିନ୍ତାଧାରା ଓ ମାନସିକ ଶକ୍ତି ପାଇଁ ସେ ବୃତ୍ତିଗତ ସଫଳତା ପାଇବା ସହ ତାଙ୍କର ମାନସିକ ସ୍ଥିରତା ଆସି ପାରିଛି ବୋଲି ଦାନା କହିଥିଲେ।

ଏହି ଅବସରରେ ଫିଡେର ଏଜୁକେସନାଲ୍ ଚେସ୍ କମିଶନ ମୁଖ୍ୟ ଜେରି ନାଶ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ଜୀବନର ଜଟିଳ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଚେସ୍ ହେଉଛି ଏକ ଶକ୍ତିଶାଳୀ ମାଧ୍ୟମ। ଏହି ସମ୍ମିଳନୀ ଶିକ୍ଷା ବ୍ୟବସ୍ଥା ଓ ସମାଜ ମଧ୍ୟରେ ଚେସ୍‌କୁ ଅର୍ଥପୂର୍ଣ୍ଣ ଭାବରେ ରଖିବା ପାଇଁ ବିଶ୍ୱ ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରୁଛି।




କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କ୍ରୀଡ଼ାର ବୌଦ୍ଧିକ ଓ ସାମାଜିକ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରି କହିଲେ, ଚେସ୍ ମାନସିକ କ୍ଷମତାକୁ ତୀକ୍ଷ୍ଣ କରିବା ସହ ଜ୍ଞାନ-କେନ୍ଦ୍ରିକ ବୁଦ୍ଧିମତ୍ତାର ବିକାଶ କରିଥାଏ। ଶିକ୍ଷା, ଅନ୍ତର୍ଭୁକ୍ତି ଓ ସାମାଜିକ ଉନ୍ନତି ପାଇଁ ଚେସକୁ ଏକ ମାଧ୍ୟମ ଭାବରେ ପ୍ରୋତ୍ସାହିତ କରିବା ପାଇଁ କିଟ୍‌ର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଓ ଚାଷୀ ସମାବେଶ କରିବେ ମହମ୍ମଦ ମୋକିମ୍

**କଟକ,୧୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ନୂତନ ଦଳ ଗଠନ ପୂର୍ବରୁ ବଳ ଜୁଟାଉଛନ୍ତି ରାଜନେତା ମହମ୍ମଦ ମୋକିମ। ଚଳିତ ମାସ ଶେଷ ସପ୍ତାହରେ ଭୁବନେଶ୍ୱରରେ ମହିଳା ଓ ଚାଷୀ ସମାବେଶ ହେବ। ବର୍ତ୍ତମାନ ସମୟରେ ରାଜ୍ୟରେ ମହିଳା ସୁରକ୍ଷିତ ନୁହଁନ୍ତି। କିମ୍ବା କୃଷକମାନଙ୍କୁ ତାଙ୍କର ପ୍ରାପ୍ୟ ମିଳିପାରୁନାହିଁ। ମହିଳା ନିର୍ଯାତନା ଓ କୃଷକଙ୍କ ସମସ୍ୟା ଉପରେ ଆଲୋଚନା ହେବ। ନୂତନ ଦଳ ଗଠନ ପୂର୍ବରୁ ସମସ୍ତ ସମସ୍ୟା ଉପରେ ଅବଗତ ହେବୁ। ନିର୍ଯାତିତା ମହିଳା ଚାହିଁଲେ ଆମ ଦଳରେ ସାମିଲ ହୋଇପାରିବେ ବୋଲି ମହମ୍ମଦ ମୋକିମ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ନୂଆ ଦଳ ଗଠନ ପୂର୍ବରୁ ଗତ ୧୨ ତାରିଖରେ ମହମ୍ମଦ ମୋକିମ ଭୁବନେଶ୍ୱରରେ ଯୁବ ସମାବେଶ କରିଥିଲେ। ଜାତୀୟ ଯୁବ ଦିବସରେ ଯୁବଗୋଷ୍ଠୀଙ୍କୁ ନେଇ ମୋକିମ ଶକ୍ତି ପ୍ରଦର୍ଶନ କରିଥିଲେ। ତେବେ ମୋକିମଙ୍କ ଦ୍ୱାରା ଆୟୋଜିତ ସଭାରେ ଝିଅ ତଥା କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ମୁଖ୍ୟ ଅତିଥି ହୋଇଥିଲେ। ହେଲେ କାର୍ଯ୍ୟକ୍ରମକୁ ଆସିନଥିଲେ ନିମନ୍ତ୍ରଣ ପତ୍ରରେ ସ୍ଥାନ ପାଇଥିବା ଅନ୍ୟ ଦଳର ୨ ବିଧାୟକ। ମୋକିମ କହିଥିଲେ, ଓଡ଼ିଶା ଚାହୁଁଛି ଏକ ନୂଆ ବିକଳ୍ପ। ବିକଳ୍ପ ପାଇଁ ସମସ୍ତଙ୍କୁ ବାହାରିବାକୁ ପଡ଼ିବ। ଯେଉଁମାନେ ନୂତନ ଆଶା ନେଇ ଆମ ସହ ଯୋଡ଼ିହେବେ, ଆମେ ସେମାନଙ୍କୁ ନେଇ ଆଗକୁ ବଢ଼ିବୁ। ସେହିପରି ଖୋଲା ମଂଚରେ ବାପାଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ ଝିଅ ସୋଫିଆ ଫିର୍ଦ୍ଦୋଷ। ସୋଫିଆ କହିଥିଲେ, ବାପା ଗୋଟିଏ ମୁଦ୍ଦା ନେଇ ଆଗକୁ ବଢ଼ିଲେ, କେହି ତାଙ୍କୁ ଅଟକାଇ ପାରିବେ ନାହିଁ। ନ ଡରି ବାପାଙ୍କ ଲଢ଼େଇରେ ସମସ୍ତଙ୍କୁ ସାମିଲ ହେବାକୁ ପଡ଼ିବ ବୋଲି ସୋଫିଆ ମତବ୍ୟକ୍ତ କରିଥିଲେ।

## ମଞ୍ଚ ଚଢ଼ିପାରିବେନି ପୀୟୂଷ ତ୍ରିପାଠୀ

**ଭୁବନେଶ୍ୱର,୧୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଯାତ୍ରା ଭେଟେରାନ ପୀୟୂଷ ତ୍ରିପାଠୀ ଚୁକ୍ତି ଖିଲାପ ମାମଲାର ଶୁଣାଣି ଶେଷ। ଭୁବନେଶ୍ୱର ସିଭିଲ୍ କୋର୍ଟରେ ମାମଲାର ଶୁଣାଣି ଶେଷ ହୋଇଛି। ସୂର୍ଯ୍ୟମନ୍ଦିର ମାଲିକ ପ୍ରମୋଦ ସ୍ୱାଇଁଙ୍କ ଅଭିଯୋଗର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି କୋର୍ଟ। ଯାହା ଫଳରେ ପୀୟୂଷ ତ୍ରିପାଠୀଙ୍କ ଭାଗ୍ୟ ଅଦାଲତ ରାୟ ସହିତ ଝୁଲିକରି ରହିଛି। କୋର୍ଟ ରାୟ ପ୍ରକାଶ ନକରିବା ପର୍ଯ୍ୟନ୍ତ ମଞ୍ଚ ବା ପେଣ୍ଡାଲ ଚଢ଼ିପାରିବେ ନାହିଁ ହରିଶଙ୍କର। ଏନେଇ ସୂଚନା ଦେଇଛନ୍ତି ପୀୟୂଷ ଓକିଲ ବିଭୁ ପ୍ରସାଦ ତ୍ରିପାଠୀ। ଆସନ୍ତାକାଲି ରାୟ ପ୍ରକାଶ ପାଇବା ପରେ ପୀୟୂଷ ପୁଣି ଥରେ ଯାତ୍ରା ପେଣ୍ଡାଲକୁ ଚଢ଼ିବେ।

ସୂର୍ଯ୍ୟମନ୍ଦିର ମାଲିକ ପ୍ରମୋଦ ସ୍ୱାଇଁ ଆଣିଥିବା ଚୁକ୍ତି ଖିଲାପ ମାମଲାର ଶୁଣାଣି ଗୁରୁବାର ହୋଇଛି। ଭୁବନେଶ୍ୱର କୋର୍ଟରେ ଆଜି ପୀୟୂଷ ତ୍ରିପାଠୀଙ୍କୁ ହାଜର ହେବାର ଥିଲା। ମାତ୍ର ସେ ଅଦାଲତରେ ପହଞ୍ଚି ପାରିନଥିଲେ। ତାଙ୍କ ପାଇଁ ପକ୍ଷ ରଖିଥିଲେ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ। ଶୁଣାଣି ଶେଷ ପରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ମାନ୍ୟବର କୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିଛନ୍ତି ଏବଂ ଆସନ୍ତାକାଲି ଉଭୟଙ୍କ ଯୁକ୍ତିକୁ ଲିଖିତ ଭାବରେ ଅଦାଲତରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ପୀୟୂଷଙ୍କ ଓକିଲ କହିଛନ୍ତି, ଯାତ୍ରା କଳାକାର ପୀୟୂଷ ତ୍ରିପାଠୀ କୌଣସି ପ୍ରକାର ଯୁକ୍ତିନାମା ଖିଲାପ କରିନାହାନ୍ତି। ଆଶା କରୁଛୁ ମାନ୍ୟବର କୋର୍ଟ ସମସ୍ତ ତଥ୍ୟକୁ ଆଧାର କରି ନ୍ୟାୟ ପ୍ରଦାନ କରିବେ। ପିୟୂଷ ସତ୍ୟ ପଥରେ ଅଛନ୍ତି, ତେଣୁ ବିଜୟ ତାଙ୍କର ହେବ ବୋଲି ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ କହିଛନ୍ତି।

## ୪ହଜାର ଟଙ୍କା ଚୋରି ସନ୍ଦେହରେ ପଥରରେ ଛେଚି ହତ୍ୟା

**କଟକ,୧୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଖାନନଗର ଅଂଚଳରେ ଘଟିଥିବା ବିଭତ୍ସ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଯୋବ୍ରା ଅଂଚଳର ଅଶୋକ ସାମଲ (୬୫)। ଟଙ୍କା ଚୋରି ସନ୍ଦେହରେ ଅଭିଯୁକ୍ତ ଅଶୋକ ପଥରରେ ଛେଚି ପ୍ରକାଶ ଦାସ (୬୦)କୁ ହତ୍ୟା କରିଥିବା ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଡିସିପି ରିଶିକେଶ ଖିଲାରୀ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ମୁତାବକ, ମୃତ ପ୍ରକାଶ ଓ ଅଭିଯୁକ୍ତ ଅଶୋକ ଉଭୟ ବନ୍ଧୁ ଥିଲେ। ଗତ ୧୦ ତାରିଖରେ ସେମାନେ ସକାଳେ ସିଏନବିଟି ବସଷ୍ଟାଣ୍ଡ ନିକଟରେ ଭେଟ ହେବା ପରେ ମଦ୍ୟପାନ କରିବା ପାଇଁ ପ୍ରେସଛକ ନିକଟସ୍ଥ ରେଳବାଇ ଅଣ୍ଡରବ୍ରିଜ ଆଡ଼କୁ ଯାଇଥିଲେ। ସେଠାରେ ଉଭୟ ମଦ୍ୟପାନ କରିବା ପରେ ମୃତକ ପ୍ରକାଶ ଅଭିଯୁକ୍ତକୁ ରେଳବାଇ ଅଣ୍ଡରବ୍ରିଜ ନିକଟରେ ଛାଡ଼ି ଖାନନଗର ନିକଟରେ ରହୁଥିବା ନିଜ ଘରକୁ ଫେରିଥିଲା। ଏହି ସମୟରେ ଅଭିଯୁକ୍ତ ଅଶୋକ ଅତ୍ୟଧିକ ମଦ୍ୟପାନ କରିଥିବାରୁ ସେଠାରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲା। ଚେତା ଫେରିବା ପରେ ତା' ପକେଟରୁ ୪ ହଜାର ଟଙ୍କା ପ୍ରକାଶ ଚୋରି କରି ନେଇଥିବା ସେ ସନ୍ଦେହ କରିଥିଲା। ଅଭିଯୁକ୍ତ ଅଶୋକ ଖୋଜାଖୋଜି କରିବା ପରେ ପ୍ରକାଶକୁ ଖାନନଗର ରିଂଗରୋଡ଼ ନିକଟରେ ଶୋଇଥିବାର ଦେଖିବାକୁ ପାଇଥିଲା। ଅଭିଯୁକ୍ତ ତାକୁ ଚୋରି ହୋଇଯାଇଥିବା ଟଙ୍କା ବିଷୟରେ ପଚାରିବାରୁ ମୃତକ ପ୍ରକାଶ ଏହାକୁ ଅସ୍ୱୀକାର କରିଥିଲା। ଫଳରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ଅଶୋକ ଏକ କଂକ୍ରିଟ ପଥରରେ ପ୍ରକାଶ ମୁଣ୍ଡକୁ ଛେଚି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ପ୍ରକାଶର ମୃତ୍ୟୁ ଘଟିଥିଲା ଓ ଅଭିଯୁକ୍ତ ଅଶୋକ ଘଟଣା ସ୍ଥଳରୁ ପଳାଇ ଯାଇଥିଲା। ପରେ ମୃତକଙ୍କ ପୁତୁରା ରାଜେଶ ଦାସ ଜଣେ ଅଜ୍ଞାତ ଆକ୍ରମଣକାରୀ ତାଙ୍କ କକାଙ୍କୁ ପଥରରେ ଛେଚି ହତ୍ୟା କରିଥିବା ଘଟଣା ସଂପର୍କରେ ଖବର ପାଇ ଏ ବିଷୟରେ ଗତ ୧୧ ତାରିଖରେ ବାଦାମବାଡ଼ି ଥାନାରେ ଏକ ଅଭିଯୋଗ ଦାୟର କରିଥିଲା। ଏହି ଏତଲାକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ଏକ ସ୍ୱତନ୍ତ୍ର ଟିମ ଗଠନ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସିସିଟିଭି ଫୁଟେଜ ଏବଂ ବୈଷୟିକ ତଥ୍ୟ ବିଶ୍ଳେଷଣ କରି ଅଭିଯୁକ୍ତ ଅଶୋକ ସାମଲକୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ବାଇକ୍‌ରେ ବୁହାହେଲା ମୃତଦେହ

**ଗୁମ୍ମା,୧୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଉପାନ୍ତ ଅଞ୍ଚଳରେ ସରକାରୀ ବ୍ୟବସ୍ଥାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି। ବାଇକରେ ବୁହାହେଲା ମୃତଦେହ। ଗଜପତି ଜିଲ୍ଲା ଗୁମ୍ମା ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଦେଖିବାକୁ ମିଳିଛି ଏଭଳି ଅବ୍ୟବସ୍ଥାର ଚିତ୍ର। ତେବେ କାହା ସ୍ୱାର୍ଥରେ ମହାପ୍ରୟାଣ ଯୋଜନା? ସ୍ୱାସ୍ଥ୍ୟ ବିଭାଗର ପାରିବା ପଣିଆକୁ ପଦାରେ ପକାଇଛି ଏହି ବାସ୍ତବ ଚିତ୍ର।



୨୦୧୬ ମସିହାରେ ଦାନ ମାଝୀ ଶବ ବୁହା ଘଟଣା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟି ଥିବା ବେଳେ ସେହି ଘଟଣା ପରେ ପରେ ରାଜ୍ୟ ସରକାର ଆରମ୍ଭ ହୋଇଥିଲା ମହାପ୍ରୟାଣ ଯୋଜନା। ହେଲେ ଏବେ ସେହି ଯୋଜନା ବାଟବଣା ହେବାରେ ଲାଗିଛି। ସୂଚନା ଅନୁଯାୟୀ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ଗ୍ରାମର ଚନ୍ଦ୍ର ଧ୍ୱଜ ସିଂ(୬୩)ଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ଫଳରେ ପରିବାର ଲୋକେ ନିକଟସ୍ଥ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁବାର ଦିନ ସକାଳ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଗୁମ୍ମା ମେଡ଼ିକାଲରେ ମହାପ୍ରୟାଣ ଗାଡ଼ି ନଥିବାରୁ ମୃତଦେହ ଗାଁକୁ ନେବା ପାଇଁ ପରିବାର ଲୋକଙ୍କୁ ଅଟୋ ରିକ୍ସାରେ ନେବା ପାଇଁ ସୁରକ୍ଷା କର୍ମୀମାନେ କହିଥିଲେ। ଅଟୋ ରିକ୍ସା ୮ରୁ୯ ହଜାର ଟଙ୍କା ଦାବି କରିବା ପରେ ଆର୍ଥିକ ଅଭାବ ଯୋଗୁଁ ସମ୍ପର୍କୀୟମାନେ ମୃତଦେହକୁ ନିଜ ଗାଁକୁ ବାଇକରେ ନେବା ପାଇଁ ବାଧ୍ୟ ହୋଇଥିଲେ। ତେବେ ଡ଼ଃ ଆଲୋକ କୁମାର ମୃତ୍ୟୁ ଘୋଷଣା କରିବା ପରେ ଦାୟିତ୍ୱରେ ଥିବା ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ ଥିଲା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ବ୍ଲାଙ୍କ ଫାୟାରିଂ କରି ବ୍ୟବସାୟୀଙ୍କଠୁ ଲୁଟ

**କଟକ,୧୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ଲାଙ୍କ ଫାୟାରିଂ କରି ଲୁଟ। ବନ୍ଧୁକ ଦେଖାଇ ପିତ୍ତଳ ବ୍ୟବସାୟୀଙ୍କ ଠାରୁ ୫ ହଜାର ଟଙ୍କା ଲୁଟିନେଲେ ଦୁର୍ବୃତ୍ତ। ସ୍ଥାନୀୟ ଚୌଧୁରୀବଜାର ଜାଉଁଳିଆପଟି ଅଂଚଳରେ ଏ ଲୁଟ ଘଟିଛି। ଝୋଲାସାହି ଭଗତପୁର ଅଂଚଳର ପିତ୍ତଳ ବ୍ୟବସାୟୀ ଉପେନ୍ଦ୍ର ମହାରଣା ଦୋକାନ ଖୋଲି ବସିଥିଲେ। ସ୍କୁଟିରେ ଆସି ଜିନିଷ କିଣିବା ବାହାନାରେ ଦୁର୍ବୃତ୍ତ ବ୍ୟବସାୟୀଙ୍କୁ ଟଙ୍କା ମାଗିଥିଲେ। ପରେ ଟଙ୍କା ନଦେବାରୁ ଦୁର୍ବୃତ୍ତ ବ୍ଲାଙ୍କ ଫାୟାର କରିଥିଲେ। ଏହାପରେ ଦୁର୍ବୃତ୍ତ ୫ହଜାର ଟଙ୍କା ଲୁଟିନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ବ୍ୟବସାୟୀଜଣକ ପୁରୀଘାଟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇ ଘଟଣା ସ୍ଥଳକୁ ଯାଇ ଖୋଳତାଡ଼ କରିବା ସହ ଆଖପାଖ ସିସିଟିଭି ଯାଂଚ କରିଥିବା ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାରୁ...

### ବିଜେଡିରୁ ସନାତନ...

ଚାହୁଁନି ବୋଲି କହିଲେ ଅରବିନ୍ଦ। ୫-ଟି ବିରୋଧରେ ମନ୍ତବ୍ୟ ପ୍ରସଙ୍ଗରେ ଉତ୍ତର ଦେଇ କହିଛନ୍ତି, ମୁଁ ସେଭଳି କିଛି କରିନାହିଁ। ବିଜେଡିରେ କୌଣସି ନେତାଙ୍କ ସହ ମୋର ମତାନ୍ତର ନାହିଁ।

ଅରବିନ୍ଦଙ୍କ ନିଲମ୍ବନକୁ ନେଇ ବାପା ବିଜୟ ମହାପାତ୍ର କହିଛନ୍ତି, ମୁଁ ହତବାକ୍। ଏଭଳି କଥା ଶୁଣି ଆଶ୍ଚର୍ଯ୍ୟ ହେଲି। କାହିଁକି ଏଭଳି ହେଲା ମୁଁ କିଛି ଜାଣିନି। ମୁଁ ଜାଣିବାରେ ପୁଅ ସେପରି କିଛି କରିନି। ମୁଁ କୌଣସି ଦଳରେ ନାହିଁ, ନିର୍ବାଚନମଣ୍ଡଳୀର ସ୍ୱାର୍ଥ ପାଇଁ କାମ କରୁଛି।

ବିଜେଡି ନେତା ଦିବ୍ୟଶଙ୍କର ମିଶ୍ର ଓ ଗଣେଶ୍ୱର ବେହେରା କହିଛନ୍ତି, ବହୁତ ଭାବିଚିନ୍ତି ତଥା ସମସ୍ତ ତଥ୍ୟ ସଂଗ୍ରହ କରି ଦଳର ନେତା ନିଷ୍ପତ୍ତି ନିଅନ୍ତି। ଯଦି ସେ ଏ ନିଷ୍ପତ୍ତି ନେଇଛନ୍ତି, ତା'ମାନେ ସେମାନେ ନିଶ୍ଚିତ ଦଳକୁ ଦୁର୍ବଳ କରିବା ପାଇଁ ପ୍ରୟାସ କରିଛନ୍ତି। ସେଥିପାଇଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅରବିନ୍ଦ ପ୍ରଥମଥର ବିଧାନସଭାକୁ ପାଟକୁରାରରୁ ଜିତି ଆସିଥିଲେ। ବରିଷ୍ଠ ରାଜନେତା ବିଜୟ ମହାପାତ୍ର ୨୫ ବର୍ଷ ହେବ ପ୍ରତ୍ୟକ୍ଷ ଭାବେ ରାଜ୍ୟ ରାଜନୀତିଠାରୁ ଦୂରେଇ ରହିଥିଲା ବେଳେ ୨୦୨୪ରେ ପୁଅ ଅରବିନ୍ଦ ବିଜେଡି ଟିକଟ ପାଇ ବିଧାନସଭାକୁ ଆସିଥିଲେ। ସେହିଭଳି ବରିଷ୍ଠ ବିଧାୟକ ସନାତନ ମହାକୁଡଙ୍କୁ କିଛି ମାସ ତଳେ ନବୀନ ବିଧାନସଭା ପରିସରରେ ବିଶୃଙ୍ଖଳିତ ଆଚରଣ ପାଇଁ ନାଲିଆଖି ଦେଖାଇଥିଲେ। ମାତ୍ର ସନାତନଙ୍କ ଉପରେ ସେ ତୀକ୍ଷଣ ଦୃଷ୍ଟି ରଖିଥିଲେ। ଆଜି ହଠାତ୍ ବିଜେଡି ସୁପ୍ରିମୋ ଦୁଇ ବିଧାୟକଙ୍କ ଉପରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଅରବିନ୍ଦଙ୍କ ରାଜନୀତି କ୍ୟାରିୟର ମାତ୍ର ଦୁଇବର୍ଷ ହୋଇଥିଲା ବେଳେ ହଠାତ୍ ଏଭଳି କାର୍ଯ୍ୟାନୁଷ୍ଠାନ ତାଙ୍କ ସମର୍ଥକଙ୍କୁ ଆଚମ୍ବିତ କରିଛି। ସେହିଭଳି ସନା ଦୁଇଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ମୋହନ ଚରଣ ମାଝୀଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇ ଗଣମାଧ୍ୟମରେ ବିଜ୍ଞାପନ ଦେଇଥିଲେ। ଏହାକୁ ନେଇ ବିଜେଡି ଦଳ ମଧ୍ୟରେ ଗୁଂଜରଣ ଆରମ୍ଭ ହୋଇଥିଲା।

ସୂଚନାଯୋଗ୍ୟ ଗତ କିଛି ଦିନ ତଳେ ଝୁମୁକାରେ କିଛି ବିଜେଡି ନେତା ମେଳି କରିଥିଲେ। ଏପରିକି ଶଙ୍ଖ ଭବନରେ ମୁନା ଖାଁ ମଧ୍ୟ ବୁଲେଇ ବଙ୍କେଇ କଡା ଟିପ୍ପଣୀ ରଖିଥିଲେ। ସାଂସଦ ଦେବାଶିଷ ସାମନ୍ତରାୟ ନିକଟରେ ଦଳୀୟ ସାଂଗଠନିକ ପଦବୀରୁ ଇସ୍ତଫା ଦେଇଥିଲେ। ଏହାକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଧରିଥିଲା। ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ବିଶ୍ୱାସଘାତକଙ୍କୁ ସଭାପତି ନିଲମ୍ବନ କରିବା ଯଥାର୍ଥ।

### ନିଶାଙ୍କୁ ଖୋଜୁଛି...

ପରେ, ସଦର ଥାନାରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଯାତ୍ରା ଆୟୋଜକ ସୁରେନ୍ଦ୍ର ନାଗ ଏବଂ ରାଧେଶ୍ୟାମ ମେହେରଙ୍କୁ ସଦର ଥାନାରେ ଅଟକ ରଖି ପଚରଉଚରା କରିବା ପରେ ସଦର ପୋଲିସ ଗିରଫ କରିଥିବା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି। ନିଶାଙ୍କୁ ଗିରଫ କରିବା ପାଇଁ ଏକ ପୋଲିସ ଟିମ ଭୁବନେଶ୍ୱର ଯାଇ ନିଶା ମହାରଣାଙ୍କୁ ଖୋଜୁଥିବାବେଳେ ସେ ଗିରଫ ହୋଇପାରନ୍ତି ବୋଲି କୁହାଯାଉଛି।

### ସୁନ୍ଦରଗଡ଼ରେ ଗୋଷ୍ଠୀ...

ସନ୍ଧ୍ୟା ୬ଟାରୁ ପରବର୍ତ୍ତୀ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ସାରା ସହରରେ ବିଏନ୍‌ଏସ୍ ଧାରା ୧୬୩ (ପୂର୍ବରୁ ୧୪୪) ଜାରି କରାଯାଇ ପାଞ୍ଚ ଜଣରୁ ଅଧିକ ଲୋକ ଏକାଠି ହେବା ଉପରେ କଟକଣା ଲଗାଯାଇଛି।

ପରିସ୍ଥିତି ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଏବଂ ଏସପି ଅମ୍ରିତ ପାଲ କୌର ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଶାନ୍ତି ବଜାୟ ରଖିବା ପାଇଁ ଖୁବଶୀଘ୍ର ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସହରବାସୀଙ୍କୁ ଶାନ୍ତି ରକ୍ଷା କରିବାକୁ ଏବଂ କୌଣସି ଗୁଜବରେ ବିଶ୍ୱାସ ନକରିବାକୁ ପ୍ରଶାସନ ନିବେଦନ କରିଛି।

### ପରିବାରକୁ ଉଜାଡ଼ି...

ପାଇଁ ବ୍ୟବହୃତ ମାଞ୍ଜା ସୂତା ଆସି ବାଇକ ଚଳାଉଥିବା ରେହାନଙ୍କ ବେକରେ ଲାଗି ଯାଇଥିଲା। ପ୍ରଥମେ ସେ କିଛି ବୁଝି ପାରି ନଥିଲେ। ମାଞ୍ଜା ସୂତା ଲାଗିଥିବାରୁ ତାଙ୍କ ତଣ୍ଟି କଟି ଯାଇଥିଲା। ସେ ଯନ୍ତ୍ରଣାରୁ ମୁକୁଳିବା ପାଇଁ ତୁରନ୍ତ ମାଞ୍ଜା ସୂତାକୁ ନିଜ ତଣ୍ଟି ପାଖରୁ କାଢ଼ିବାକୁ ଚେଷ୍ଟା କରିଥିଲେ।

ଗୋଟିଏ ହାତରେ ଏହାକୁ ସେ ତରବରିଆ ଭାବେ କାଢ଼ିବା ପାଇଁ ଚାହିଁଥିଲେ। କିନ୍ତୁ ସେ ଭାରସାମ୍ୟ ହରାଇଥିଲେ। ବାଇକଟି ସିଧା ବ୍ରିଜର କାନ୍ଥରେ ପିଟି ହୋଇଯାଇଥିଲା। ଫଳରେ ରେହାନ, ରେହାନା ଓ ଝିଅ ଆଇଶା ସିଧା ବ୍ରିଜ ଉପରୁ ୭୦ ଫୁଟ ତଳକୁ ଖସି ପଡିଥିଲେ।

ବ୍ରିଜ ଉପରରୁ ସିଧା ତଳେ ପଡିବାରୁ ଘଟଣା ସ୍ଥଳରେ ହିଁ ରେହାନ ଓ ଝିଅ ଆଇଶାଙ୍କ ମୃତ୍ୟୁ ହୋଇ ଯାଇଥିଲା। ରେହାନ ବ୍ରିଜ ସାଇଡରେ ପାର୍କିଂ ହୋଇଥିବା ଗୋଟିଏ ଅଟୋ ଉପରେ ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି। ମାଞ୍ଜା ସୂତା ଯୋଗୁ ଗୋଟିଏ ପରିବାର ପୂରା ଶେଷ ହୋଇଯାଇଛି।

### କେନ୍ଦ୍ରାପଡ଼ାରେ କୃଷିର...

ଜାଲିଆତି ତଥା ଚଂଚକତା କରାଯାଉଛି ତାହା ନକହିବା ଭଲ। ତେବେ କଥା ହେଉଛି ଜିଲ୍ଲାର ୧୧୯୧ଟି ରାଜସ୍ୱ ଗ୍ରାମରେ ପ୍ରତିବର୍ଷ କୃଷି ସେନ୍‌ସ କରାଇ କୃଷି କ୍ଷେତ୍ରର ପ୍ରକୃତ ସ୍ଥିତି ନେଇ ଅବଗତ ହେବା ଏବଂ ତଦନୁଯାୟୀ ଯୋଜନା ପ୍ରସ୍ତୁତ କରାଇ ସରକାରଙ୍କ ଅନୁମୋଦନ ନେଇ କାର୍ଯ୍ୟକ୍ରମ ହାତକୁ ନେବାର ଆବଶ୍ୟକତାକୁ ଏଠାରେ କୃଷି ଅଧିକାରୀମାନେ ଗୌଣ କରି କେବଳ ସମୟ ଗଡ଼ାଇ ଚାଲିଯିବାର ମାନସିକତାରେ ଥିବାରୁ କୃଷି ବିକାଶ ଜିଲ୍ଲାରେ ଯେ ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି ତାହା ଯେକେହି ବି ସ୍ୱୀକାର କରିବେ। ଏପରିକି କୃଷି କ୍ଷେତ୍ରରେ ଥିବା ମୌଳିକ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଏହା ସତ୍ୟଯେ, ନାମମାତ୍ର ଚାଷୀଙ୍କ ଠାରୁ ଆରମ୍ଭ କରି କ୍ଷୁଦ୍ର ଓ ବୃହତ ଚାଷୀଙ୍କ ଯାଏ ସମସ୍ତଙ୍କର ଦେଶର ଜିଡିପି ବୃଦ୍ଧିରେ ପ୍ରମୁଖ ଭୂମିକା ରହିଛି। କୃଷି କ୍ଷେତ୍ରରେ ଥିବା ମୌଳିକ ସମସ୍ୟାର ସମାଧାନ ସହିତ କୃଷିକୁ ଲାଭଜନକ କରାଇବା ଦିଗରେ ସରକାର କାମ କରିବା କଥା। କୃଷକଙ୍କୁ ସମ୍ମାନ ଦେବାର ଆବଶ୍ୟକତାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। କିନ୍ତୁ କେନ୍ଦ୍ରାପଡ଼ା ଭଳି କୃଷି ନିର୍ଭର ଜିଲ୍ଲାରେ ଯେଉଁଠି ସଠିକ କୃଷି ପରିସଂଖ୍ୟାନ ହୋଇପାରୁନି ସେଠାରେ କୃଷିର ବିକାଶ ପାଇଁ ରାସ୍ତା ବାହାରନ୍ତା ବା କିପରି! ଜିଲ୍ଲା ପ୍ରଶାସନର ଉଦାସୀନତା ଓ ଲୋକପ୍ରତିନିଧିମାନଙ୍କ ଇଚ୍ଛାଶକ୍ତିର ଅଭାବ ବି ଏଥିପାଇଁ ଦାୟୀ। ଜିଲ୍ଲାରେ ଶହଶହ ହେକ୍ଟର ଜମିରେ ମାଣ୍ଡିଆ, ବାଜରା, ମକା, ଝୋଟ, ଆଖୁ, ଚିନାବାଦାମ ଭଳି ଅର୍ଥକାରୀ ଫସଲ ଚାଷ ହେଉଥିବାର ସଭା ସମିତିରେ ଦିଆଯାଉଥିବାର ମିଛି ତଥ୍ୟ ନା' ପ୍ରଶାସନ ନା' ରାଜନେତା କାହାକୁ ବ୍ୟସ୍ତ କରୁନଥିବା ଦେଖାଯାଉଛି। ଏମିତ ଉପରଠଉରିଆ ଭାବେ ବର୍ଷ ବର୍ଷ ଗଡିଚାଲିଥିଲାବେଳେ ଆଉ କାଳ ବିଳମ୍ବ ନକରି ଜିଲ୍ଲାର କୃଷି କ୍ଷେତ୍ରକୁ ଏବେ ଠାରୁ ଫୋକସ୍ କରାଯିବାର ଆବଶ୍ୟକତା ରହିଛି। ଏଥିପାଇଁ ସଠିକ୍ ପରିସଂଖ୍ୟାନ ସହିତ ସମ୍ଭାବନା ଓ ସାଧନକୁ ନେଇ ଫଳପ୍ରଦ ଯୋଜନା ପ୍ରସ୍ତୁତ କରାଯିବା ଉପରେ ବୁଦ୍ଧିଜୀବିମାନେ ଗୁରୁତ୍ୱାରୋପ କରିଛନ୍ତି।

### ଭୋଟର ତାଲିକାରୁ...

କିଛି ଘଣ୍ଟାର ଅପେକ୍ଷା ପରେ ସ୍ଥାନୀୟ ଅଧିକାରୀଙ୍କ ସାହାଯ୍ୟରେ ସେଣ୍ଟ ମେରି ସ୍କୁଲରେ ତାଙ୍କ ନାଁର ସୂଚନା ମିଳିଥିଲା। ସେ ନିଜର ଭୋଟ ଦେବାରେ ସଫଳ ହୋଇଥିଲେ। ଭୋଟ୍ ଦେବା ପରେ ନାଇକ ମିଡିଆ ସହ କଥା ହୋଇ ରାଜ୍ୟ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିଥିଲେ। ସେ ପୁରା ପକ୍ରିୟାକୁ ଅବ୍ୟବସ୍ଥିତ ବୋଲି କହିଥିଲେ।

## କେନ୍ଦ୍ରାପଡାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା

**କେନ୍ଦ୍ରାପଡ଼ା,୧୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ସହର ତିନିମୁହାଣୀ ସ୍ଥିତ ମାରୁତି ସୋଲାର ସିଷ୍ଟମ କାର୍ଯ୍ୟାଳୟରେ ପ୍ରଧାନ ମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନା ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କେନ୍ଦ୍ରାପଡ଼ା ନଗରପାଳ ସରିତା ସାହୁଙ୍କ ଉପସ୍ଥିତିରେ ଏହାକୁ ଉଦ୍‌ଘାଟନ କରି କହିଲେ ଏହି ଯୋଜନାରେ ସୌରଶକ୍ତି ମାଧ୍ୟମରେ ପ୍ରତି ମାସରେ ବିନା ଦେୟରେ ବିଦ୍ୟୁତ ଉପଭୋକ୍ତାମାନେ ବିଜୁଳି ଶକ୍ତି ପାଇ ପାରିବେ। ଏହାଦ୍ୱାରା ଜଳଶକ୍ତି ଓ ତାପଜ ଶକ୍ତି ଉପରେ ନିର୍ଭରଶୀଳତା କମିବା ସହିତ ଶକ୍ତି ସଂରକ୍ଷଣ କରାଯାଇ ପାରିବ। ୨ ଲକ୍ଷ ୧୦ ହଜାର ଟଙ୍କା ମୂଲ୍ୟର ଏହି ସୌରଶକ୍ତି ପ୍ୟାନେଲ ୬୨ ହଜାର ଟଙ୍କାରେ ଲୋକେ ପାଇ ପାରିବେ। ଲୋକଙ୍କୁ ବ୍ୟାଙ୍କ ଜରିଆରେ କ୍ଷୁଦ୍ର ସୁଧ ହାରରେ ଏହା ଯୋଗାଇ ଦେବା ପାଇଁ ସରକାରଙ୍କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଲୋକେ ୧୦ ବର୍ଷ ମଧ୍ୟରେ ଏହି ଋଣ ପରିଶୋଧ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ଏହି ଉଦଘାଟନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବିଜେଡି ଜିଲ୍ଲା ସଭାପତି ଶିବ ପ୍ରସାଦ ଭଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ପୌର ସଭ୍ୟ ପ୍ରଦୀପ୍ତ ଜେନା, ଉମେଶ ନାୟକ, ପ୍ରଭାଶିଶ ପଣ୍ଡା, କାଳି ପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିବଜୁର ରହେମାନ, ସୌମେନ୍ଦ୍ର ପୃଷ୍ଟି, ହିରଣ୍ୟ ପଣ୍ଡା, ଫକୀର ଚରଣ ଖଟୁଆ, ଭାଗିରଥୀ ଜେନା, ଶିକ୍ଷାବିତ ଡ. ଚୈତନ୍ୟ ଚରଣ ପରିଡା, ମାରୁତି ସୋଲାରର ନିର୍ଦ୍ଦେଶକ ଉମାଶଙ୍କର ଜେନା, ପରିଚାଳକ ବିଶ୍ୱଜିତ ବାରିକ, ଲିଙ୍କି ଲେଙ୍କା, ଇତିଶ୍ରୀ ଦାସ, ଚିନ୍ମୟୀ ଦଳାଇ, ମମତା ଥାପା ପ୍ରମୁଖ ଉପସ୍ଥିତ ଥିଲେ।

## ବଟମହାପୁରୁଷଙ୍କ ଜୟନ୍ତୀ

**କେନ୍ଦ୍ରାପଡ଼ା,୧୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀ ଅଧିନ ନୀଳକଣ୍ଠପୁର ଗ୍ରାମପଞ୍ଚାୟତର ନୁଆପାଟଣା ଗ୍ରାମର ବଟମହାପୁରୁଷଙ୍କ ଜନ୍ମ ଜୟନ୍ତୀ ଅବସରରେ ଚର୍ତୁଦଶତମ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡାର ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ଯୋଗଦେଇ ବଟ ମହାପୁରୁଷଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌତମ ପରିଡା, ମୁନା ନନ୍ଦ, ସମୀର କବି, ବାସୁଦେବ ଦାସ, ରଘୁନାଥ ନନ୍ଦ, ପୂଜକ ନିଳମଣୀ ନନ୍ଦଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

## ରାଜନଗର ସାହିତ୍ୟ ସଂସ୍କୃତି ପରିଷଦର ବନ୍ଧୁ ମିଳନ

**ରାଜନଗର,୧୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ମକର ସଂକ୍ରାନ୍ତି ଅବସରରେ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ କବି ହେମନ୍ତ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପ୍ରମୋଦ କୁମାର ସେଠୀ ପ୍ରଧାନ ଶିକ୍ଷକ, କବି ଏବଂ ପରିଷଦର ସହ ସମ୍ପାଦକଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ କବି ଶତୃଘନ ତରାଇ ପରିଷଦର ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରୁ ବିଶିଷ୍ଟ ସମାଜସେବୀ ବାବାଜୀ ଧଳ, କବି ଶରତ କୁମାର ନାୟକ, ମଞ୍ଚ ଅଭିନେ ପ୍ରଫୁଲ୍ଲ କୁମାର ଦାସ, କବି ଭବାନୀ ପ୍ରସାଦ ମହାପାତ୍ର, ସାମ୍ବାଦିକ ଜଗନ୍ନାଥ ଦାସ, ଅଭିରାମ ଦାସ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରା, ଶିକ୍ଷକ ହେମନ କୁମାର ବାରିକ, କଳାକାର ଅରୁଣ କୁମାର ପାତ୍ର, ଦେବରତୀ ରାଉତ, ପବିତ୍ର ମୋହନ ମଲ୍ଲିକ, ବିନୋଦି ଜେନା ଏବଂ ବାବୁନି ଦାସ ପ୍ରଭୃତି ସାହିତ୍ୟ ସଂସ୍କୃତି ପରିଷଦ କ୍ରମରେ ପୁସ୍ତକ ମେଳା ଆମପାଇଁ ବିଶେଷ ଗର୍ବ। ଆଗାମୀ ଦିନରେ ସମସ୍ତଙ୍କୁ ଏକାଠି କରି ଦିନ ସ୍ଥିରକରାଯିବ ବୋଲି ମତ ଦେଇଥିଲେ।

## ଚଞ୍ଚଳାଟ୍ରଫି ୪ର୍ଥ କ୍ୱାର୍ଟର ଫାଇନାଲ

**ରାଜନଗର,୧୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ କୋଇଲିପୁର ପଚାଂୟତ ବଡ଼ପଲ୍ଲୀସ୍ଥିତ ଚଂଚଳା ମିନିଷ୍ଟାଡିୟମରେ ପଲ୍ଲୀଶ୍ରୀ ଯୁବକ ସଂଘ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ୪୪ତମ ଚଂଚଳା ଟ୍ରଫିର ୪ର୍ଥ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁସ୍ଥାନ ସ୍ପୋର୍ଟ୍ସ କ୍ଲବ ଜଗତସିଂହପୁରକୁ ହରାଇ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ବିଜୟ ଲାଭ କରିଛି। ପ୍ରଥମେ ଟସ ଜିତି ଜଗତସିଂହପୁର ବ୍ୟାଟିଂ ନିଷ୍ପତି ନେଇ ପଡିଆକୁ ଓହ୍ଲାଇଥିଲା। ଦଳ ୨୧.୩ ଓଭର ଖେଳି ସମସ୍ତ ଉଇକେଟ ହରାଇ ୨୦୪ ରନ କରିବାକୁ ସକ୍ଷମ ହୋଇଥିଲା। ଜଗତସିଂହପୁରର ବ୍ୟାଟ୍ସମ୍ୟାନ ସୌଭାଗ୍ୟ ମିଶ୍ର ୩୨ବଲ ଖେଳି ୭ଟି ଛକା ଓ ୫ ଚୌକା ବିନିମୟରେ ୭୬ ରନ କରିଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନ ସତ୍ୟଜିତ ମଲ୍ଲିକ ୩୧ବଲ ଖେଳି ୩ଟି ଛକା ଓ ୯ଟି ଚୌକା ସହାୟତାରେ ୬୨ରନ ସଂଗ୍ରହ କରିଥିଲେ। ବ୍ରହ୍ମପୁରର ବୋଲର ସୁମନ ଓଝା ୩ ଓଭର ବୋଲିଂ କରି ୩୨ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ବୋଲର ଇଲୁ ଗୋଛାୟତ ୨ ଓଭର ବୋଲିଂ କରି ୨୩ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ଅନ୍ୟତମ ବୋଲର ମନୀଷ ସିଂ ୫ଓଭର ବୋଲିଂ କରି ୨ ମେଡେନ ସହ ୨୨ରନ ଦେଇ ୩ଉଇକେଟ ହାସଲ କରିଥିଲେ। ଜବାବରେ ବ୍ରହ୍ମପୁର ୨୧.୨ ଓଭର ଖେଳି ୫ଉଇକେଟ ହରାଇ ୨୦୫ ରନ କରି ବିଜୟଲାଭ କରିଥିଲା। ଜଗତସିଂହପୁରର ବୋଲର ପ୍ରମୋଦ ବେହେରା ୩ ଓଭର ବୋଲିଂ କରି ୩୦ ରନ ବିନିମୟରେ ଗୋଟିଏ ଉଇକେଟ ହାସଲ କରିଥିଲେ। ସେହିପରି ଅନ୍ୟତମ ବୋଲର ମହମ୍ମଦ ସଏବ ଅକ୍ତର ୪ଓଭର ବୋଲିଂ କରି ୨୬ରନ ବିନିମୟରେଗୋଟିଏ ଉଇକେଟ ହାସଲ କରିଥିଲେ। ବ୍ରହ୍ମପୁରର ବ୍ୟାଟ୍ସମ୍ୟାନ ସରୋଜ ପଣ୍ଡା ୩୦ ବଲ ଖେଳି ୪ଟି ଚୌକା ଓ ୨ଟି ଛକା ସହାୟତାରେ ୩୯ରନ ସଂଗ୍ରହ କରିଥିଲେ। ଦଳର ବ୍ୟାଟ୍ସମ୍ୟାନ ଇଲୁ ଗୋଛାୟତ ୨୦ବଲ ଖେଳି ୫ଟି ଚୌକା ସହାୟତାରେ ୨୭ ରନ ସଂଗ୍ରହ କରିଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନ ଚକ୍ରଧର ଦ୍ୱିବେଦୀ ୨୭ବଲ ଖେଳି ୨ଟି ଛକା ଓ ୫ଟି ଚୌକ ସହାୟତାରେ ୪୧ ରନ ସଂଗ୍ରହ କରିଥିଲେ। ଅମ୍ପାୟାର ଭାବେ ନିରୋଦ ବଳ ଓ ନିରଂଜନ ଦାଶ, ସ୍କୋରର ଭାବେ ପ୍ରକାଶ ସେଠୀ ଓ ଉମେଶଚନ୍ଦ୍ର ବଳ ଦାୟିତ୍ୱ ନିର୍ବାହ କରିଥିଲେ। ଭାଷ୍ୟକର ଭାବେ ବିଜୟ ବଳ ଓ ରମେଶ ସାହୁ। ସଭାପତି ତପନ କୁମାର ପରିଡା ଓ ସଂପାଦକ ଅଭିମନ୍ୟୁ ପ୍ରତିହାରୀଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ଜ୍ୟୋତିନ୍ଦ୍ରକୁମାର ସ୍ୱାଇଁ, ମୁଖ୍ୟବକ୍ତା ଚିତରଂଜନ ଜେନା ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das    ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ    Chief Editor : Umapada Bose    ମୁଖ୍ୟ ସମ୍ପାଦକ : ଉମାପଦ ବୋଷ